

ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଜେଡ୍ ସୁରକ୍ଷା

ପୃଷ୍ଠା ୫

# ସଂଚାର THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 151 | ଭାଗ ୩୩ | ସଂଖ୍ୟା ୧୫୧ | Friday 22 August 2025 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର ୨୨ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ଅନଲାଇନ୍ ଗେମ୍ ସଂକ୍ରାନ୍ତ ବିଧେୟକ ସଂସଦରେ ପାରିତ



- ପୂର୍ବରୁ ଲୋକସଭାରେ ପାଇଥିଲା ବହୁମତ
- ଅନିର୍ଦ୍ଦିଷ୍ଟ କାଳ ପାଇଁ ଉଭୟ ଗୃହ ମୁଲତବୀ

ନୂଆଦିଲ୍ଲୀ,୨୧।୮: ଦେଶର ଯୁବପିଢ଼ି ଅନଲାଇନ୍ ଗେମ୍ ଚକ୍କର୍‌ରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଏନ୍‌ଡିଏ ସରକାର ପ୍ରଥମେ ଲୋକସଭାରେ ଅନଲାଇନ୍ ଗେମ୍ ଉପରେ କଟକଣା ଲଗାଇବାକୁ ବିଲ୍ ଆଗତ କରିଥିଲା।

ଏହି ବିଲ୍ ଗତକାଲି ସଂସଦର ନିମ୍ନ ସଦନରେ ବହୁମତ ପାଇଥିବା ବେଳେ ଆଜି ଉଚ୍ଚ ସଦର ଅର୍ଥାତ୍ ରାଜ୍ୟସଭାରେ ମଧ୍ୟ ପାରିତ ହୋଇଛି। ବାଚନିକ ଭୋଟ୍‌ରେ ଏହି ବିଧେୟକକୁ ସଂଖ୍ୟାଗରିଷ୍ଠତା ମିଳିଛି। ଫଳସ୍ୱରୂପ ଅର୍ଥ ସହ ଜଡ଼ିତ କୌଣସି ପ୍ରକାର ଅନଲାଇନ୍ ଗେମ୍ ଦେଶରେ ବେଆଇନ୍ ଘୋଷିତ ହେବା ଦିଗରେ କେନ୍ଦ୍ର ସରକାର ଆଉ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି। ଏହି ବିଧେୟକରେ ବେଆଇନ୍ ଘୋଷିତ ହୋଇଥିବା ଅନଲାଇନ୍ ଗେମ୍ ଖେଳିଲେ, ଦେଶର କୌଣସି ନାଗରିକଙ୍କୁ ୩ ➪ପୃଷ୍ଠା-୬

### ଏନଇପି ଆଧାରରେ ପ୍ରାଥମିକ ଶିକ୍ଷାରେ ହେବ ବଡ଼ ପରିବର୍ତ୍ତନ

# ଓଡ଼ିଶାରେ ରହିବ ଗୋଟିଏ ବୋର୍ଡ

- ନିୟମିତ ହେବେ ସ୍କିମାଟିକ ପ୍ରାଥମିକ ଶିକ୍ଷକ
- ୩ ବର୍ଷରେ ନିଯୁକ୍ତି ପାଇବେ ୪୫ ହଜାର ଶିକ୍ଷକ
- ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ମାଗଣା ପୁସ୍ତକ
- ରହିବ ଗୋଟିଏ ବୋର୍ଡ
- ହଷ୍ଟେଲ୍ ପିଲାଙ୍କ ପାଇଁ ନିଯୁକ୍ତ ହେବେ ଏଏନ୍‌ଏମ୍



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)-୨୦୨୦ ଅନୁସାରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅଧିକ ଫୋକସ୍ କରିବାକୁ ପଡ଼ିବ। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ଶ୍ରୀ ମାଝୀ ଏହା କହିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ସ୍କିମାଟିକ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ଦିଗରେ ପଦକ୍ଷେପ ନିଆଯିବ। ➪ପୃଷ୍ଠା-୬

## ପୁଣି ସ୍ଥଗିତ ରହିଲା ସ୍ୱତନ୍ତ୍ର ଓଟିଇଟି

### ପ୍ରଶ୍ନପତ୍ର ଲିକ୍ ରୋକିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା

କଟକ,୨୧।୮(ସଂଚାର ବ୍ୟୁରୋ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାକୁ ପୁଣିଥରେ ସ୍ଥଗିତ ରଖାଯାଇଛି। ଆସନ୍ତା ୩୧ ତାରିଖରେ ଏହି ପରୀକ୍ଷା ହେବା ସକାଶେ ନିଷ୍ପତ୍ତି ହୋଇଥିଲେ ହେଁ ଆଜି ଉକ୍ତ ପରୀକ୍ଷାକୁ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ସ୍ଥଗିତ ରଖାଯାଇଛି। ଅନିବାର୍ଯ୍ୟ କାରଣ ପାଇଁ ପରୀକ୍ଷା ସ୍ଥଗିତ ରହିଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ଏଥିସହ ଖୁବ୍‌ଶୀଘ୍ର ଏହି ପରୀକ୍ଷା ପାଇଁ ଆଉ ଏକ ତାରିଖ ଘୋଷଣା କରାଯିବ ବୋଲି ମଧ୍ୟ କୁହାଯାଇଛି। ପୂର୍ବରୁ ୧ ତାରିଖରେ ଆସନ୍ତା ୩୧ ତାରିଖରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହେବା ନେଇ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ଗତ ମାସରେ ଏହି ପରୀକ୍ଷା ହେବାକୁ ଧାର୍ଯ୍ୟ ହୋଇଥିଲେ ମଧ୍ୟ ପୂର୍ବ ଦିନ ପ୍ରଶ୍ନପତ୍ର ଲିକ୍ ହେବାରୁ ଏହାକୁ ବୋର୍ଡ ସ୍ଥଗିତ ➪ପୃଷ୍ଠା-୬

### ଆଇପିଏସ, ଓପିଏସ ସ୍ତରରେ ବଡ଼ ଅଦଳବଦଳ

# ପୁଣି ବଦଳିଲେ ପୁରୀ ଏସପି

- ସତ୍ୟଜିତ କେନ୍ଦ୍ରାଞ୍ଚଳ ଓ ପିନାକ ପୂର୍ବାଞ୍ଚଳ ଡିଆଇଜି
- କିଶୋର ଓ ଅନୁପଙ୍କୁ ଡିସିପି ପାହ୍ୟାକୁ ପଦୋନ୍ନତି



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): କିଛି ଦିନର ବ୍ୟବଧାନ ପରେ ପୁଣି ଥରେ ରାଜ୍ୟ ସରକାର ଆଇପିଏସ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ୧୭ ବରିଷ୍ଠ ଆଇପିଏସ ଅଫିସରଙ୍କୁ ସରକାର ନୂଆ ଦାୟିତ୍ୱ ମଧ୍ୟ ଦେଇଛନ୍ତି। ଆଇପିଏସ ସନ୍ତୋଷ ବାର୍ଲାଙ୍କୁ ରାଜ୍ୟ ଫରେନସିକ ଲାବରେଟୋରୀର ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଥିବା ବେଳେ ଏସ୍ ପ୍ରବୀଣ କୁମାରଙ୍କୁ ଆଇଜି ପୁଲିସ ପ୍ରୋଭିଜନିଂ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଗତ ୫ ମାସ ମଧ୍ୟରେ ତିନି ଥର ବଦଳିଲେଣି ପୁରୀ ଏସ୍‌ପି।

ସେହିପରି ସତୀଶ କୁମାର ଗଜଭିଏଙ୍କୁ ସ୍ପେଶାଲ ସଶସ୍ତ୍ର ବାହିନୀ ଆଇଜି ଭାବେ ନିଯୁକ୍ତ କରାଯାଇଛି। ସଞ୍ଜୟ କୁମାର କୌଶଲଙ୍କ ଇଓଡବ୍ଲ୍ୟୁ ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ଏହାଛଡ଼ା ଅବିନାଶ କୁମାରଙ୍କୁ ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋ ନିର୍ଦ୍ଦେଶକ ଦାୟିତ୍ୱ ➪ପୃଷ୍ଠା-୬

### ସାମ୍ବାଦିକଙ୍କୁ ଧମକ: ସନ୍ଦେହରେ ସଭାପତିଙ୍କ ନିରବତା

# ମୁକ୍ତିକାନ୍ତ ଅଣ୍ଡରଗ୍ରାଉଣ୍ଡ, ପୁଲିସ ହାତ ଖାଲି



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ରାଜ୍ୟ ବିଜେପିର ଆତ୍ମଘୋଷିତ କାର୍ପଟଦାର ନେତା ମୁକ୍ତିକାନ୍ତ ମହାପାତ୍ର ଗତ ତିନି ଦିନ ହେଲା ଗିରଫ ଭୟରେ ଅଣ୍ଡରଗ୍ରାଉଣ୍ଡ ହୋଇଯାଇଛନ୍ତି। ଆଉ ପୋଲିସ ତାଙ୍କର ଟେର ପାଉନି। ସାମ୍ବାଦିକଙ୍କୁ ଗୁଳିକରି ମାରିଦେବାକୁ ଧମକ ଦେଇଥିବା ମୁକ୍ତିକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୁଲିସ ଚାପର ବଶବର୍ତ୍ତୀ ହୋଇ ତାଙ୍କୁ ଅଣ୍ଡରଗ୍ରାଉଣ୍ଡ ହେବାକୁ ସୁଯୋଗ ଦେଇଥିବା ଚର୍ଚ୍ଚା ହେଉଛି।

ରାଜ୍ୟରେ ବିଜେପି ସରକାର ଆସିବା ପରେ ସାମ୍ବାଦିକମାନେ ନିଜକୁ ସୁରକ୍ଷିତ ଭାବୁଥିଲେ। ହେଲେ ମୁକ୍ତିକାନ୍ତଙ୍କ ଧମକ ଶୁଣି ଆଉ ସମ୍ବାଦିକମାନେ ନିଜକୁ ସୁରକ୍ଷିତ ଥିଲା ଭଳି ମଣୁନାହାଁନ୍ତି। ବରିଷ୍ଠ ସାମ୍ବାଦିକ ସୁବୋଧ କାନୁନଗୋଙ୍କ ଏକ ସୋସିଆଲ ମଡିଆ ବିବୃତ୍ତିକୁ ନେଇ ଧମକ ଦେଇଥିଲେ ମୁକ୍ତିକାନ୍ତ। ଗୁଳିକରି ମାରିଦେବା ସହ ଘରକୁ ଲାସ ପଠାଇବେ ବୋଲି ଧମକ ଦେଇଥିଲେ। ଏପରିକି ଆଉ କୌଣସି ମିଡିଆରେ ବିବୃତ୍ତି ଦେଲେ ପରିଣାମ ଭୟଙ୍କର ହେବ ବୋଲି କହିଥିଲେ ମୁକ୍ତିକାନ୍ତ।

ଏ ସମ୍ପର୍କରେ ଖାରବେଳ ନଗର ଥାନାରେ ଏଫଆଇଆର ହେବାକୁ ଏଭିତରେ ଚାରିଦିନ ବିତିଲାଣି। ହେଲେ ପୁଲିସ ଏହାକୁ ➪ପୃଷ୍ଠା-୬

## ୩୧ରେ ଆଉ ୯ ଏନ୍‌ଏସି ଘୋଷଣା

### ସୂଚନା ଦେଲେ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଆସନ୍ତା ୩୧ ତାରିଖରେ ଘୋଷଣା ହେବ ଆଉ ୯ଟି ନୂଆ ବିଜ୍ଞାପନ ଅଞ୍ଚଳ ପରିଷଦ (ଏନ୍‌ଏସି) ନାମ। ଏନେଇ ଆଜି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଗତ ୧୬ ତାରିଖରେ ସରକାର ୧୨ଟି ଏନ୍‌ଏସି ଘୋଷଣା କରିଥିଲେ। ରାଜ୍ୟର ଅନ୍ୟ ଯେଉଁସବୁ ଜିଲ୍ଲାରେ ଏନ୍‌ଏସି ପାଇଁ ଦାବି ହେଉଛି, ସରକାର ତା' ଉପରେ ବିଚାର କରୁଛନ୍ତି। ସେଠାକାର ଜନସଂଖ୍ୟା, ଅନ୍ୟାନ୍ୟ ମାପକାଠି ସଂକ୍ରାନ୍ତରେ ବିଚାରବିମର୍ଶ ଚାଲିଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ଡ୍ରାଫ୍ଟ ନୋଟିସ୍ ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ➪ପୃଷ୍ଠା-୬

## ରାଜ୍ୟରେ ହେବ ଆଉ ୮ ଶହ ବାତ୍ୟା ଆଶ୍ରୟସ୍ଥଳୀ



**କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି**

ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ରାଜ୍ୟରେ ନିର୍ମାଣ ହେବ ଆଉ ୮ ଶହ ବାତ୍ୟା ଆଶ୍ରୟସ୍ଥଳୀ। ଏନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ନୂଆଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଏ ଦିଗରେ ସମସ୍ତ ପ୍ରକାର ସହଯୋଗ କରିବା ସକାଶେ ନିବେଦନ କରିଥିବା ଶ୍ରୀ ପୂଜାରୀ କହିଛନ୍ତି।

ସେ କହିଛନ୍ତି ଯେ ବାତ୍ୟା ଆଶ୍ରୟସ୍ଥଳୀଗୁଡିକ ବହୁମୁଖୀ ହେବ। ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଅଞ୍ଚଳରେ ଥିବା ସ୍କୁଲ ପାଖରେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବ। ଏଥିସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକେ ସେଠାରେ କେମିତି ସୁରକ୍ଷିତ ଭାବେ ଆଶ୍ରୟ ନେବେ, ସେ ସମ୍ପର୍କରେ ସୂଚନା ➪ପୃଷ୍ଠା-୬

### 'ହିନ୍ଦୁ ଗୌରବ ଦିବସ ସମାରୋହ'ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ପଛୁଆବର୍ଗ କଲ୍ୟାଣ ସରକାରଙ୍କ ପ୍ରାଥମିକତା

**ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ**




ଆଲିଗଡ଼,୨୧।୮(ସଂଚାର ବ୍ୟୁରୋ): ସମାଜର ବଞ୍ଚିତ ଏବଂ ପଛୁଆବର୍ଗଙ୍କ କଲ୍ୟାଣ ମୋଦି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଆସିଛି। ସେମାନଙ୍କ ସର୍ବାଙ୍ଗୀନ ବିକାଶ ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସରକାର ବିଶେଷ ଭାବେ ପ୍ରାଧାନ୍ୟ ଦେଉଛନ୍ତି ବୋଲି ଗୁଆଜି ଉତ୍ତରପ୍ରଦେଶର ଆଲିଗଡ଼ଠାରେ ଆୟୋଜିତ ତୃତୀୟ 'ହିନ୍ଦୁ ଗୌରବ ଦିବସ' ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ରାଜସ୍ଥାନ ଓ ହିମାଚଳ ପ୍ରଦେଶର ପୂର୍ବତନ ରାଜ୍ୟପାଳ, ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ପଦ୍ମବିଭୂଷଣ କଲ୍ୟାଣ ସିଂହ 'ବାବୁଜୀ'ଙ୍କ ଚତୁର୍ଥ ପୁଣ୍ୟତିଥି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ବାବୁଜୀଙ୍କ ଜୀବନ ଥିଲା ରାମମୟ। ପ୍ରଭୁ ଶ୍ରୀରାମଙ୍କ ରାମ ମନ୍ଦିର ନିର୍ମାଣ ପାଇଁ ସେ କ୍ଷଣିକରେ ନିଜର କ୍ଷମତାକୁ ତ୍ୟାଗ କରିଥିଲେ। ସେ କେବଳ ଜଣେ ରାଜନେତା ନ ଥିଲେ, ବରଂ ସେ ଜଣେ ଯୋଗଜନ୍ମା ଓ ଜୀବନ୍ତ ଅନୁଷ୍ଠାନ ମଧ୍ୟ ଥିଲେ। ରାମ ମନ୍ଦିର ଆନ୍ଦୋଳନରେ ତାଙ୍କର ଭୂମିକା କେବେ ବି ଭୁଲିହେବ ନାହିଁ। ବିଶେଷ ଭାବେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବା ସମୟରେ ୟୁପିକୁ ସୁଶାସନ ପଥରେ ଆଣିବା ତଥା ସବୁବେଳେ ଗରିବ, ବଞ୍ଚିତ, ଚାଷୀ, ଯୁବକ ଓ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କ ପାଖରେ ଯୋଜନାର ଲାଭ ପହଞ୍ଚାଇବା ପାଇଁ ଅଭୂତପୂର୍ବ ପ୍ରୟାସ କରିଥିଲେ।

ବାବୁଜୀ ବିଜେପିକୁ ଉତ୍ତର ପ୍ରଦେଶର ଜନାକାଂକ୍ଷା ସହ ଯୋଡ଼ି ସଂଗଠନକୁ ସୁଦୃଢ଼ କରିବା ଦିଗରେ ଏକ ଦୃଢ଼ ➪ପୃଷ୍ଠା-୬

### ହାଇକୋର୍ଟଙ୍କ ତୋରଣ କଟକଣା

## ସିଙ୍ଗଲ ଓ୍ୱିଣ୍ଡୋ ମାଧ୍ୟମରେ ମିଳିବ ଅନୁମତି

**୬୫ ଡେସିବଲ୍ ସାଉଣ୍ଡ୍‌କୁ ଅନୁମତି**

କଟକ,୨୧।୮(ସଂଚାର ବ୍ୟୁରୋ): କଟକ ଦୁର୍ଗାପୂଜା ପ୍ରସଙ୍ଗରେ ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ସୁଉଚ୍ଚ ତୋରଣ ଉପରେ ହାଇକୋର୍ଟଙ୍କ କଟକଣା ଲଗାଇଛନ୍ତି। ଏପରିକି ବିଦ୍ୟୁତ୍ ଦ୍ୱାରା ପରିଚାଳିତ ଗେଟ୍ ନିର୍ମାଣ ଉପରେ ମଧ୍ୟ ହାଇକୋର୍ଟ କଟକଣା ଜାରି କରିଛନ୍ତି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗେଟ୍ ନିର୍ମାଣ କରିବା ସକାଶେ ପୂଜା କମିଟିଗୁଡ଼ିକୁ ଅନୁମତି ଦିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି। ଆହୁରି ୬୫ ଡେସିବଲ ସାଉଣ୍ଡ ମଧ୍ୟରେ ଡିଜେ ବଜାଇବାକୁ କମିଟିକୁ ଅନୁମତି ଦିଆଯାଇଛି। ଆଜି ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଭି ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ପାର୍ବଣ ସମୟରେ ଉପୁଜୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଉପରୋକ୍ତ ଆଦେଶ ଦେଇଛନ୍ତି। ତୋରଣଗୁଡ଼ିକର ଉଚ୍ଚତା ଓ ସୁରକ୍ଷାକୁ ନେଇ ଜିଲ୍ଲାପାଳ ପଦକ୍ଷେପ ନେବାକୁ ଖଣ୍ଡପୀଠ କହିଛନ୍ତି। ଏପରିକି ପୂଜାରେ ତୋରଣ ଓ ସୁରକ୍ଷା ସମ୍ପର୍କିତ ଅନୁମତି ପାଇଁ ସିଙ୍ଗଲ ଓ୍ୱିଣ୍ଡୋ ବ୍ୟବସ୍ଥା ହେବ। ସେହିପରି ପୂଜା ସମୟରେ ଲେଜର ଲାଇଟ୍‌ର ଉପଯୋଗକୁ ଖଣ୍ଡପୀଠ ବାରଣ କରିଛନ୍ତି । ତୋରଣ ନିମାଣ ପୂର୍ବରୁ ପୂଜା କମିଟିଠାରୁ ତୋରଣର ଡ୍ରଇଂ ମାଗିବାକୁ ଖଣ୍ଡପୀଠ କଟକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂଜା କମିଟି ପ୍ରସ୍ତୁତି ବୈଠକରେ ଏହି ସବୁ କଥା ଉପସ୍ଥାପିତ କରିବା ସକାଶେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ଖଣ୍ଡପୀଠ ପୂଜାରେ ଶବ୍ଦ ପ୍ରଦୂଷଣ ପ୍ରସଙ୍ଗରେ ଚିନ୍ତାପ୍ରକଟ କରିଛନ୍ତି। ଏହି ପ୍ରସଙ୍ଗରେ ଖଣ୍ଡପୀଠ ଶବ୍ଦ ପ୍ରଦୂଷଣକୁ ୬୫ ଡେସିବିଲ ମଧ୍ୟରେ ସୀମିତ ରଖିବା ସକାଶେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଆଗକୁ ପାର୍ବଣ ଆସୁଥିଲେ ହେଁ ସହର ରାସ୍ତାଘାଟର ସମସ୍ୟା ନେଇ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିଛନ୍ତି। ପାର୍ବଣ ସମୟରେ ସ୍ୱଚ୍ଛ ପିଇବା ପାଣି ଯୋଗାଇବା ପାଇଁ ଓ୍ୱାଟ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। ➪ପୃଷ୍ଠା-୬



**କାନ ଡେରିଥା**

ଛଦ୍ମବେଶେ ଏବେ ଗଣେଶ ବୁଲନ୍ତି
ପ୍ରସ୍ତୁତି ଦେଖିବା ପାଇଁ
ଚାନ୍ଦାଟା ଆଦାୟ ପ୍ରବଳ ହୋଇଛି
ତାଙ୍କ ପାଇଁ କିଛି ନାହିଁ
ସବୁ ନାଲି ପାଣି ପିଇ...
ଡିଜେ ପାଇଁ ସିଏ ବଜେଟ ଦେଖିକି
ସ୍ୱର୍ଗକୁ ଗଲେ ପଳାଇ

■ ଦେବାଶିଷ

## ୧୮ରୁ ବିଧାନସଭା ମୌସୁମୀ ଅଧିବେଶନ



**୨୫ ପର୍ଯ୍ୟନ୍ତ ଚାଲିବ, ମୋଟ ୭ଟି କାର୍ଯ୍ୟଦିବସ**

ଭୁବନେଶ୍ୱର,୨୧।୮ (ସଂଚାର ବ୍ୟୁରୋ): ଆସନ୍ତା ମାସ ୧୮ ତାରିଖରୁ ଆରମ୍ଭ ହେବ ବିଧାନସଭାର ମୌସୁମୀ ଅଧିବେଶନ। ଏହି ଅଧିବେଶନ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ ୭ଟି କାର୍ଯ୍ୟ ଦିବସ ରହିବ। ଅଧିବେଶନ ସମୟରେ ଗୋଟିଏ ଦିନ ପ୍ରାଇଭେଟ ମେମ୍ବର ବିଲ୍ ଓ ଗୋଟିଏ ଦିନ ନୋ ଅଫିସ ଡେ' ରହିଛି। ତେବେ ମୌସୁମୀ ଅଧିବେଶନରେ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ରାଜ୍ୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସଙ୍ଗରେ ସରକାରଙ୍କଠୁ ➪ପୃଷ୍ଠା-୬

### ସୌରଶକ୍ତି ପ୍ରକଳ୍ପ ସ୍ଥାପନରେ ଓଡ଼ିଶା ପଛରେ

# ଅପାରଗତା ଲୁଚାଇବାକୁ ବରାଦିଆ ପ୍ରଚାର

ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଲୋକେ ବିନା ମୂଲ୍ୟରେ ବିଜୁଳି ଶକ୍ତି ପାଇବାପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାକୁ କାର୍ଯ୍ୟକାରୀ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ବେଶ୍ ନୈରାଶ୍ୟଜନକ ହୋଇଥିବାବେଳେ ଏଥିରେ ତାଳି ପକାଇବା ପାଇଁ ଶକ୍ତି ବିଭାଗ ପକ୍ଷରୁ ଯୋଜନାବଦ୍ଧ ପ୍ରଚାର ଆରମ୍ଭ ହୋଇଛି। ଅକ୍ଷୟଶକ୍ତି କ୍ଷେତ୍ରରେ ଓଡ଼ିଶା ଆଗରେ ଥିବା ନେଇ ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀଗୁଡିକ ମୁହଁରେ ବିଭାଗ ଏପରି ପ୍ରଚାର କରୁଛି। ଓଡ଼ିଶାରେ ଯୋଜନାର ମନ୍ଥର ଗତି ପାଇଁ ମୁଖ୍ୟ କାର୍ପଟଦାର ଥିବା ଟାଟା ପାୱାର ବି ଏବେ ଏଭଳି ପ୍ରଚାରରେ ମାତିଛି।



ଓଡ଼ିଶା କିଭଳି ଅନ୍ୟ ରାଜ୍ୟଠାରୁ ଏହି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାରେ ପଛରେ ପଡ଼ିଛି, ତାହା ଅନ୍ୟ କେହି ନୁହେଁ, ବରଂ ଖୋଦ୍ କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ରାଷ୍ଟ୍ର ମନ୍ତ୍ରୀ ଶ୍ରୀପଦ ଯଶୋ ନାଏକ ସଂସଦରେ ଦେଇଥିବା ଉତ୍ତରରୁ ସ୍ପଷ୍ଟ ହୋଇଛି। ଏହି ସୂଚନା ଅନୁଯାୟୀ, ସମଗ୍ର ଦେଶରେ ୧୬ ଲକ୍ଷରୁ ଅଧିକ ପରିବାର ଏହି କେନ୍ଦ୍ରୀୟ ଯୋଜନାରେ ନିଜ ଘର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରି କେନ୍ଦ୍ରୀୟ ସହାୟତା ହାତେଇଛନ୍ତି। କିନ୍ତୁ ଓଡ଼ିଶାରେ ଏଭଳି ପରିବାର ସଂଖ୍ୟା ମାତ୍ର ୧୧ ହଜାର ରହିଛି। ଗୁଜରାଟ, ମହାରାଷ୍ଟ୍ର ଭଳି ରାଜ୍ୟ ବି ଓଡ଼ିଶାଠାରୁ ଢେର ଆଗରେ ଅଛନ୍ତି।

**ଶକ୍ତି ବିଭାଗ ବି ହାତବାନ୍ଧି ବସିଛି**

କେନ୍ଦ୍ର ମନ୍ତ୍ରୀଙ୍କ ସୂଚନାନୁଯାୟୀ, ଚଳିତ ବର୍ଷ ଅଗଷ୍ଟ ୫ ତାରିଖ ସୁଦ୍ଧା ଦେଶର ୧୬ ଲକ୍ଷ ୭୮ ହଜାର ପରିବାର ➪ପୃଷ୍ଠା-୬

# ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ



**କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ):** ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ ଗରୀବ ମେଧାବୀ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି । ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ସୁଦୂର ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟର ଟ୍ରଷ୍ଟି ଭୁବନମୋହନ ଦାସ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆଳିଜଙ୍ଗା ସ୍ଥିତ ହଳଦିଡିହ ଗ୍ରାମର ସ୍ୱର୍ଗତ ସବ୍ୟସାଚୀ ନାୟକ ଓ କାନବାଳା ନାୟକଙ୍କ ଘରେ ପହି ତାଙ୍କ ଝିଅ ତଥା ଯୁକ୍ତ-୨ ବାଣିଜ୍ୟ ଛାତ୍ରୀ ରୋଜାଲିନ ନାୟକଙ୍କୁ ମେଧାବୃତ୍ତି ପ୍ରଦାନ କରିବା ସହ ତାଙ୍କର ଉତରୋର ଉନ୍ନତିକାମନା କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ଗରୀବ ତଥା ଅସହାୟ ଲୋକମାନଙ୍କୁ ଆବଶ୍ୟକ ସମୟରେ ଆର୍ଥିକ ସହାୟତା ଏବଂ ଗରୀବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ିବା ପାଇଁ ମୋଧାବୃି ପ୍ରଦାନ କରାଯିବା ସହ ଘରପୋଡି, ବନ୍ୟା, ବାତ୍ୟା ଭଳି ଦୈବୀଦୂର୍ବିପାକ ସମୟରେ ମଧ ଟ୍ରଷ୍ଟ ପକ୍ଷରୁ ଶୁଖିଲା ଖାଦ୍ୟ, ବସ୍ତ୍ର, ରୋଷେଇ ସାମଗ୍ରୀ, ଚୂଡ଼ା,ଚାଉଳ, ବିସ୍କୁଟ, ରାସନ ପ୍ରଭୃତି ଏବଂ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦୀର୍ଘ ବର୍ଷ ଧରି ପ୍ରଦାନ କରାଯାଇ ଆସୁଅଛି। ଟ୍ରଷ୍ଟର ଏଭଳି ସମାଜସେବାମୂଳକ କାର୍ଯ୍ୟକୁ ଅନେକ ସମୟରେ ବହୁ ପ୍ରଶଂସା ମିଳିଛି ।

# ‘ଆସ ସ୍କୁଲ ଯିବା’ ସଚେତନତା କାର୍ଯ୍ୟକ୍ରମ




**କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ "ଆସ ସ୍କୁଲ ଯିବା" ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମଗ୍ର ଶିକ୍ଷା ବିଭାଗ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ରଘୁରାମ ଆର ଆୟାର ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ରବିନ୍ଦ୍ର କୁମାର ମଲିକଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ଡିଓ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧକ୍ାରୀ ମାନେ ଅଂଶ ଗ୍ରହଣ କରିଥିଲେ। ବିକଶିତ ଭାରତ ଓ ବିକଶିତ ଓଡିଶା ଗଠନରେ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ସ୍ୱପ୍ନର ଓଡିଶା ଗଠନରେ ମୂଳଦୁଆ ହେଉଛି ବିଦ୍ୟାଳୟ ଶିକ୍ଷା, ୫ବର୍ଷରୁ ୧୮ ବର୍ଷ ବୟସ୍କ ପ୍ରତ୍ୟେକ ପିଲା ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ହେଲେ ଏହି ଅଭିଯାନ ସଫଳ ହେବା ସହ ଆମ ରାଜ୍ୟ ପୂର୍ଣ୍ଣ ଶିକ୍ଷିତ ଓ ବିକଶିତ ହୋଇପାରିବ ବୋଲ ଆଲୋଚନା କରାଯାଇଥିଲା। ଯେଉଁ ପିଲାମାନେ ପୂର୍ବରୁ ନାମ ଲେଖାଇ ଥିଲେ ମଧ ବର୍ତମାନ ସ୍କୁଲ ଛାଡିଛନ୍ତି ସେମାନଙ୍କୁ ସ୍କୁଲକୁ ଫେରାଇ ଆଣିବା, ଯେଉଁମାନେ ଆଦୌ ସ୍କୁଲକୁ ଆସି ନହାଁନ୍ତି, ସେମାନଙ୍କୁ ବୟସ ଅନୁପାତରେ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇବା, ଯେଉଁମାନେ ନାମ ଲେଖାଇ ପାଠ ପଢୁଛନ୍ତି ସେମାନେ ଯେପରି ଅଧାରୁ ପାଠ ଛାଡିବେ ନାହିଁ ଓ ପାଠପଢା ଜାରି ରଖିବେ ତାହା ସୁନିଶ୍ଚିନ୍ତ କରିବା ଆଦି ବିଷୟରେ ଆଲୋଚନା କରା ଯାଇଥିଲା । "ଆସ ସ୍କୁଲ ଯିବା" ଅଭିଯାନକୁ ଗଣ ଆନ୍ଦୋଳନରେ ପରିଣତ କରିବା ପାଇଁ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ ମାନଙ୍କୁ ନେଇ ଅଭିଯାନର ପଦଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡିଛି।

# ଗାଁସାଥୀଙ୍କ ଡାଟାବେସର ସଠିକ ପ୍ରସ୍ତୁତ ଦାବି



**କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ):** ଗାଁସାଥୀଙ୍କ ଡାଟାବେସ ସଠିକ ଭାବରେ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ତୁରନ୍ତ ପଠାଇବାକୁ ଗାଁସାଥୀ(ମେଟ୍)ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି, କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଦାବି କରାଯାଇଛି । ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ପତ୍ର ସଂଖ୍ୟା-୨୦୮୭୭, ତା ୩୧. ୦୭. ୨୦୨୫ରିଖର ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ ଜିଲ୍ଲାର ୯ଟି ବ୍ଲକକୁ ଏସମ୍ପର୍କରେ ଅବଗତ କରାଯିବା ସହ ରାଜ୍ୟ ସରକାର ମାଗିଥିବା ସମସ୍ତ ତଥ୍ୟ ଯୋଗାଇ ଦିଆଯିବାକୁ ଗାଁସାଥୀ(ମେଟ୍)ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି । ଏସମ୍ପର୍କରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଜାମ୍ବର ମହାନ୍ତିଙ୍କୁ ଏକ ଦାବିପତ୍ର ମଧ ପ୍ରଦାନ କରାଯାଇଛି ।

# ଆଳିର ଦଶ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ଦାବିପତ୍ର

**କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକର ଦଶ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବ୍ରଜସୁନ୍ଦର ଭୂୟାଁଙ୍କ ନେତୃତରେ ଏକ ସ୍ୱତନ୍ତ୍ର ଟିମର ୨୫ରୁ ଉର୍ଦ୍ଧ୍ୱ ସଦସ୍ୟ ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କୁ ଭେଟି ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିକାଶ ପରିଷଦର ସଭାପତି ସଂପାଦକ ଓ ସଭ୍ୟବୃନ୍ଦ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦଶ ଗୋଟି ପଞ୍ଚାୟତରେ ପାନୀୟଜଳ ଯୋଗାଣ ଓ ନଦୀରେ କୁମ୍ଭୀର ଆତଙ୍କ ଚାଷୀଙ୍କ ପାଇଁ ସାର ଚାଷଜମିରୁ ପାଟରୁ ଜଳ ନିଷ୍କାସନ ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ବହୁବିଦ୍ଧ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଅବଗତ ହେବାପରେ ଖୁବଶୀଘ୍ର ସମସ୍ୟା ର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# କେନ୍ଦ୍ରାପଡ଼ା ପ୍ରଶାସନର କାର୍ଯ୍ୟ ନୈରାଶ୍ୟଜନକ

**ସଠିକ୍ ସମୟରେ କାର୍ଯ୍ୟ ନହେବାରୁ ଉଦ୍‌ବେଗ ପ୍ରକାଶ କଲେ ପଞ୍ଚାୟତିରାଜ ମନ୍ତ୍ରୀ**

**କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର ମାନ୍ୟବର ମନ୍ତ୍ରୀ ରବି ନାରାୟଣ ନାୟକ ଗତ ୨୦ ଅଗଷ୍ଟ ୨୦୨୫ରେ କେନ୍ଦ୍ରାପଡ଼ା ଗସ୍ତ କରିଥିଲେ। ସ୍ଥାନୀୟ ସର୍କିଟ ହାଉସଠାରେ ସନ୍ଧ୍ୟାରେ ଆୟୋଜିତ ସମୀକ୍ଷା ବୈଠକରେ ମାନ୍ୟବର ମନ୍ତ୍ରୀ ପାନୀୟ ଜଳ ପ୍ରକଳ୍ପ, ଗ୍ରାମ୍ୟ ଗୃହ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା, ସ୍ୱଚ୍ଛ ଭାରତ ମିଶନ ବ୍ୟତୀତ ଲେବର କାର୍ଡ, ଜବ କାର୍ଡ, ପାନୀୟ ଜଳ ଯୋଗାଣକୁ ସୁଗମ କରିବା, ମେଗା ପ୍ରକଳ୍ପ ଇତ୍ୟାଦି ଯୋଜନାରେ ଚାଲିଥିବା କାର୍ଯ୍ୟ ଉପରେ ମାନ୍ୟବର ମନ୍ତ୍ରୀ ଶ୍ରୀ ନାୟକ ସମୀକ୍ଷା କରିଥିଲେ। ଏହି ସମୟରେ ମନ୍ତ୍ରୀ ଦୁଃଖ ପ୍ରକାଶ କରି କେନ୍ଦ୍ରାପଡ଼ା ପ୍ରଶାସନର କାର୍ଯ୍ୟ କୁ ନାପସନ୍ଦ କରିବା ସହ ସରକାର ଏବଂ ପ୍ରଶାସନ ମଧରେ କୋଉଠି ନା କୋଉଠି ତାଳ ମେଳ ନଥିବା କହିଥିଲେ ।

ମନ୍ତ୍ରୀଙ୍କ ପୂର୍ବଥର କେନ୍ଦ୍ରାପଡ଼ା ଗସ୍ତ ସମୟରେ ମନ୍ତ୍ରୀ ପାନୀୟ ଜଳକୁ ଗୁରୁତ୍ୱ ଦେବା ସହ ଅନ୍ୟ ସମସ୍ୟା ଏବଂ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରଶାସନକୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଆଜିର ମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ପରିଦର୍ଶନ ସମୟରେ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ନଳକୂପ ନଥିବା ନେଇ ମନ୍ତ୍ରୀ କହିବା ସହ ଏଯାବତ ପାନୀୟ ଜଳ ସମସ୍ୟାର ସମାଧାନ ପ୍ରଶାସନ ଦ୍ୱାରା ହୋଇପାରି ନାହିଁ ଏବଂ ଅନ୍ୟ ଉନ୍ନୟନ କାର୍ଯ୍ୟ ଗୁଡ଼ିକ ମଧ ଆଶାନୁରୂପ କାର୍ଯ୍ୟକାରୀ ହୋଇ ନାହିଁ ବୋଲି ମନ୍ତ୍ରୀ ସ୍ୱୀକାର କରିବା ସହ ଦୁଃଖ ପ୍ରକାଶ କରିଥିଲେ ଏବଂ ବାକି ରହିଥିବା ସମସ୍ତ ଉନ୍ନୟନ କାର୍ଯ୍ୟ ଗୁଡ଼ିକର ତୁରନ୍ତ ଏକ ତଦାରଖ ସଭା ଡାକି ଆସନ୍ତା ୩-୪ ମାସ ମଧରେ ସମସ୍ତ କାର୍ଯ୍ୟର ସମାପ୍ତି କରିବା ପାଇଁ ଲକ୍ଷ୍ୟ ରଖିଥିବା ମନ୍ତ୍ରୀ ରବି ନାରାୟଣ ନାୟକ ଗଣ ମାଧମକୁ ସୂଚନା ଦେଇଥିଲେ । ଅଧା ହୋଇ ପଡିଥିବା ପ୍ରକଳ୍ପ ଗୁଡ଼ିକୁ କାରଣ ଦର୍ଶାଇ ୧ ମାସ ମଧରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଥିବା ବେଳେ ଅମାନ୍ୟ କଲେ କାର୍ଯ୍ୟାନୁଷ୍ଠାନ ନିଆ ଯିବ ବୋଲି ମନ୍ତ୍ରୀ କହିଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ଟଙ୍କା ହଡ଼ପ ଅଭିଯୋଗ

**କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ତାଳସଙ୍ଗା ଗ୍ରାମର ଭରତ ବେହେରାଙ୍କ ପ୍ରଧାନମନ୍ତ୍ରୀ ଆବାସ ଟଙ୍କା ହଡପ ହୋଇଥିବା ନେଇ ଭରତ ଗୁରୁବାର କେନ୍ଦ୍ରାପଡ଼ା ଏଡିଏମଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଥାଉକି ଭରତଙ୍କୁ ୨୦୨୩ ମସିହାରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ମିଳିଥିଲା ତେବେ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ମିଳିବା ପରେ ଭରତ ଆବାସ ଗୃହ ନିର୍ମାଣ କରିବା ଆରମ୍ଭ କରିଥିଲେ। ଧାର କରଜ ହାତ ଉଧାରୀ କରି ଗୃହ କାର୍ଯ୍ୟସମ୍ପୂର୍ଣ୍ଣ କରି ସାରିବା ପରେ ବକାୟା ଅର୍ଥ ପାଇଁ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ତେବେ ବିନା ୫ ହଜାର ଟଙ୍କା ହାତ ଗୁଂଜା ନଦେଲେ ବିଲ ମିଳିବ ନାହିଁ ବୋଲି କହିଥିଲେ। ସେହି ଦିନ ଠାରୁ ଭରତ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଏଡିଏମଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଏସମ୍ପର୍କରେ ଏଡିଏମ ରବୀନ୍ଦ୍ର ମଲ୍ଲିକ କୁହନ୍ତି ଏହି ଘଟଣା ଦୁଭାଗ୍ୟ ଜନକ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଦେବଦୂତ ସାଜିଲେ ଆଶୀର୍ବାଦ**

# ରକ୍ତଦାନ କରି ବଞ୍ଚାଇଲେ ଜୀବନ

**କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣେ ଯୁବତୀଙ୍କ ପାଇଁ ଆଶୀର୍ବାଦ ପ୍ରଧାନ ଦେବଦୂତ ସାଜି ରକ୍ତଦାନ କରି ଯୁବତୀଙ୍କ ଜୀବନ ବଞ୍ଚାଇଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଆମିରାବଦ ଗ୍ରାମର ଚିନ୍ମୟୀ ଜେନା (୪୩), ଗୁରୁତର ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଶରୀରରେ ରକ୍ତ ଅଭାବ ହେତୁ ଡାକ୍ତର ତାଙ୍କୁ ୨ଟି ରକ୍ତ ନେବାକୁ କହିଥିଲେ। ସେ ଗତକାଲି ଜଣେ ରକ୍ତଦାତାଙ୍କୁ ନେଇ ରକ୍ତଦାନ କରାଇ ଗୋଟିଏ ରକ୍ତ ଆଣିଥିଲେ। ଆଜି ତାଙ୍କୁ ଆଉ ଗୋଟିଏ O+ ରକ୍ତ ଆବଶ୍ୟକ ରହିଥିଲା। ଖବର ପାଇ ରକ୍ତଦାନ ଶିବିରର ଜଣେ ନିୟମିତ ରକ୍ତଦାତା ପଟ୍ଟାମୁଣ୍ଡାଇ ନିଗିନିପୁର ଗ୍ରାମର ଆଶୀର୍ବାଦ ପ୍ରଧାନ ମେଡିକାଲ୍‌ରେ ପହଞ୍ଚି ରକ୍ତଦାନ କରିଥିଲେ। ଆଶୀର୍ବାଦ ବୃତ୍ତିରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରୁଛନ୍ତି। ଆଜି ତାଙ୍କର ରକ୍ତଦାନ ପାଇଁ ଜଣେ ଭଉଣୀର ଜୀବନ ସୁରକ୍ଷିତ ହୋଇପାରିଛି। ସେଥିପାଇଁ ଆଶୀର୍ବାଦଙ୍କୁ ଧନ୍ୟବାଦ ଜଣାଇଛନ୍ତି ବୁଦ୍ଧିଜୀବୀ।



# ଗରିବର କାନ୍ଥ ଉପରେ ଜୋର ଜବରଦସ୍ତ ଘର ନିର୍ମାଣ କଲେ ପଡ଼ିଶା

**କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ):** ଦୁର୍ବଳ ଉପରେ ସବଳର ଅତ୍ୟାଚାର। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ କୋରଟପଙ୍ଗା ଗ୍ରାମର ଦିନ ମଜୁରିଆ ଭାବେ ଜୀବନ ବିତାଉଥିବା ମନୋଜ ମହାପାତ୍ରଙ୍କୁ ସେହି ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି ମନୋଜ। ମନୋଜଙ୍କ ପକ୍କାଘର କାନ୍ଥ ଉପରେ ଉକ୍ତ ବ୍ୟକ୍ତି ଜଣଙ୍କ ଜୋର ଜବରଦସ୍ତ ଘର ନିର୍ମାଣ କରିବା ଘଟଣାରେ ମନୋଜ ମାନବଧିକାର କମିଶନଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି। ଏନେଇ କେନ୍ଦ୍ରାପଡ଼ା ଏସପି ଓ ଉପଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଦେବା ପରେ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିୟା ନିର୍ଦ୍ଦେଶ କ୍ରମେ ମାର୍ଶାଘାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ମନୋଜଙ୍କ ଓକିଲ ତୁଷାର ସ୍ୱାଇଁ ଏହି ଘଟଣା ନିନ୍ଦା କରିବା ସହ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ସର୍ପାଘାତରେ ବ୍ୟବସାୟୀଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ,୨୧।୮(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସହରରେ ଚାଟ ବ୍ୟବସାୟ କରି ପରିବାର ଚଳାଉଥିବା ନୀଳକଣ୍ଠପୁର ଗ୍ରାମର ଯୁବବ୍ୟବସାୟୀ ମଧୁସୂଦନ ନନ୍ଦୀ (୩୫)ଙ୍କ ସର୍ପାଘାତରେ ପରଲୋକ ହୋଇଯାଇଛି । ଏହି ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି । ପ୍ରକାଶ ଯେ ମଧୁସୂଦନ ୧୯ତାରିଖ ରାତିରେ ନିଜ ଘରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ଏକ ବିଷଧର ସାପ କାମୁଡି ଦେଇଥିଲା । ପରିବାରଲୋକ ଓ ଗ୍ରାମବାସୀ ତତ୍କାଳ ଚିକିତ୍ସା ପାଇଁ ମଧୁସୂଦନଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଓ ପରେ ପରେ କେନ୍ଦ୍ରାପଡ଼ା ହସ୍ପିଟାଲ ନେଇଥିଲେ । ମାତ୍ର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଧୁସୂଦନଙ୍କ ମୃତ୍ୟୁ ଘଟିଛି । ନୀଳକଣ୍ଠପୁର ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଅତ୍ୟନ୍ତ ଗରିବ ଶ୍ରେଣୀର ଯୁବବ୍ୟବସାୟୀ ମଧୁସୂଦନଙ୍କ ଘରେ ବିଧବା ପତ୍ନୀ ଓ ଛୋଟ ଛୋଟ ୨ପୁଅ ଅଛନ୍ତି । ତାଙ୍କ ମୃତ୍ୟୁ ଖବର ପାଇ ଆଡ଼ଭୋକେଟ ତପନ ନନ୍ଦୀ, ଅଭିରାମ ନନ୍ଦୀ, ସତ୍ୟପ୍ରିୟ ସାହୁ, ହରିହର ବେହେରା, ଶୈଳେନ୍ଦ୍ର ସାହୁ, ଏକାଦଶୀ ସାହୁ, ଗୋକୁଳ ନନ୍ଦୀ ପ୍ରମୁଖ ତାଙ୍କ ବାସଭବନରେ ପହଂଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ ।

# ଅତିରିକ୍ତ ରାଜସ୍ୱ କମିଶନରଙ୍କ କୋର୍ଟରେ ବିଚାର ହେଉନି ମାମଲା

**ଅଭିଯୋଗ ଆଣିଲେ ଆଇନଜୀବୀ**

**କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାରେ ଥିବା ଅତିରିକ୍ତ ରାଜସ୍ୱ କମିଶନରଙ୍କ କୋର୍ଟରେ ଜିଲ୍ଲାର ୫ଟି ତହସିଲର ମାମଲା ବିଚାର ହେଉଥିବା ବେଳେ ଅବଶିଷ୍ଟ ୪ଟି ତହସିଲର ମାମଲା ବିଚାର କରାଯାଉ ନାହିଁ ବୋଲି ଅଇନଜୀବୀମାନେ ଅଭିଯୋଗ କରିଛନ୍ତି ।

୨୦୨୨ ମସିହାରୁ କେନ୍ଦ୍ରାପଡାରେ ଅତିରିକ୍ତ ରାଜସ୍ୱ କମିଶନରଙ୍କ କୋର୍ଟ ଖୋଲାଯାଇ ଜିଲ୍ଲାର ସମସ୍ତ ତହସିଲ ଅଧିନ ଜମିଜମା ମାମଲା ବିଚାର ପାଇଁ ଆଶା ରଖା ଯାଇଥିବା ବେଳେ ଏବେ କେବଳ ଆଳି, କନିକା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା ଓ ଡେରାବିଶ ପ୍ରଭୃତି ୫ଟି ତହସିଲର ମାମଲା ପଞ୍ଜିକୃତ କରାଯିବା ସହ ବିଚାରକରାଯାଉ ଥିବବେଳେ ଅବଶିଷ୍ଟ ରାଜନଗର, ମହାକାଳପଡା, ମାର୍ଶାଘାଇ ଓ ଗରଦପୁର ର କେସ ମାନ କଟକ କୋର୍ଟରେ ପଡି ରହିଛି। ଏହି ୪ଟି ତହସିଲର ନୂଆ ମାମଲା ମଧ କେନ୍ଦ୍ରାପଡାରେ ଗ୍ରହଣ କାରଯାଉ ନାହିଁ। ଅପରପକ୍ଷରେ ଯେଉଁ ୫ଟି ତହସିଲର ମାମଲା ଏଠାରେ ବିଚାର କରାଯାଉଛି, ତାହାର ରାୟ ବାହାରିବା ପରେ ମଧ ସାର୍ଟିଫାଏଡ୍ କପି କଟକରୁ ମିଳିବ ବୋଲି କମିଶନର କୋର୍ଟ ପକ୍ଷରୁ ସୂଚନା ଦିଆଯାଉଛି । ଯାହା ଫଳରେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅପରପକ୍ଷରେ ଜିଲ୍ଲାକୁ ୧୯୩୦ ମସିହାର ରେକର୍ଡ, ଖାତା, ଖତିଆନ ଆସିଥିଲେ ମଧ ତାହାର ଅମିନ ରିପୋର୍ଟ, ଯାଦ୍‌ଦାସ୍ତ ରିପୋର୍ଟ ଓ ପ୍ଲଟ୍ ଇଣ୍ଡେକ୍ସ ଆଦି ଆସି ନଥିବାରୁ ସାଧାରଣ ଲୋକେ ଏହି ରେକର୍ଡ ସବୁ ପାଇବା ପାଇଁ ବାରମ୍ବାର କଟକ ଦୌଡି ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି । ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଆଇନଜୀବି ମୋହନ ଚରଣ ସାହୁ, ଦୁର୍ଯ୍ୟୋଧନ ସାହୁ, ଦିଲିପ କୁମାର ପରିଡା, ଅରୁଣ କୁମାର ମହାପାତ୍ର, ଶାନ୍ତି ସ୍ୱରୂପ ଭୂୟାଁ, ନିରାକାର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।

# ରାଜକନିକାରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ପ୍ରକଳ୍ପ ଚୋରି




**ଖାଇଗଲେ ଲକ୍ଷ ଲକ୍ଷ ଟଙ୍କା**

**ସୂଚନା ଅଧିକାର ଆଇନ ଖୋଲିଦେଲା ଯନ୍ତ୍ରୀଙ୍କ ଅସଲ ମୁଖା**

**ରାଜକନିକା,୨୧।୮(ସଂଚାର ବ୍ୟୁରୋ):** ଗତ ସାଧାରଣ ନିର୍ବାଚନ ପୂର୍ବରୁ ସେ ସମୟର ରାଜ୍ୟ ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ପଚାଶ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରି ସଶକ୍ତ ଗ୍ରାମ ପଞ୍ଚାୟତ ଗଠନ କରିବାର ପ୍ରୟାସ ରଖିଥିଲେ । ଯେଉଁ ମୌଳିକ ଲକ୍ଷ୍ୟ ନେଇ ଏହି ଯୋଜନାର ପରିକଳ୍ପନା କରାଯାଇଥିଲା, ତାହାର ଉଦ୍ଦେଶ୍ୟକୁ ରାଜକନିକା ବ୍ଲକ ପ୍ରଶାସନ ମିଳିମିଶି ଲୁଟି ନେଇଥିବା ସୂଚନା ଅଧିକାର ମାଧମରେ ପଦାକୁ ଆସିଛି । ଆଦୌ କାମ କରା ନ ଯାଇ ଏମିତିକି ଇଟା ଖଣ୍ଡେ ନ ପଡି ସମୁଦାୟ ପ୍ରକଳ୍ପ ଅର୍ଥକୁ ହଡ଼ପ କରାଯାଇଥିବା ଭଳି ସାଙ୍ଘାତିକ ତଥ୍ୟ ଏବେ ବ୍ଲକ ପ୍ରଶାସନର ଅସଲ ମୁଖା ଖୋଲି ଦେଇଛି ।

ରାଜକନିକା ପଞ୍ଚାୟତ ସମିତିର ପେଗରପଡା ପଞ୍ଚାୟତରେ ଏହି ଯୋଜନାରେ ରେକର୍ଡପତ୍ରରେ ଗୁଣ୍ଡିଚା କମ୍ୟୁନିଟି ସେଣ୍ଟର ନାଁରେ ୩ ଲକ୍ଷ, ଦଧିବାମନ କମ୍ୟୁନିଟି ସେଣ୍ଟର ନାଁରେ ଦୁଇ ଲକ୍ଷ ପଚାଶ ହଜାର ଏବଂ ନରସିଂହ କମ୍ୟୁନିଟି ସେଣ୍ଟର ନାଁରେ ଦୁଇ ଲକ୍ଷ ପଚାଶ ହଜାର ଟଙ୍କା କେବଳ ଫଳକ ଲଗାଇ ଚୋରି ହୋଇଥିବା ସୂଚନା ଅଧିକାର କର୍ମୀ ସୁଶାନ୍ତ ନାୟକଙ୍କୁ ମିଳିଥିବା ତଥ୍ୟରେ ଜଣାପଡିଛି । ଆଦୌ କାମ ନ କରି ରାଜକନିକା ପଞ୍ଚାୟତ ସମିତିର ବିଡ଼ିଓ,ଜେଇ ଓ ଏଇ ମିଶି ଏମିତି କାରନାମା କରିଥିବାରୁ ଏହାର ବିଧିବଦ୍ଧ ତଦନ୍ତ ଦାବୀ କରାଯାଇଛି। ସରକାରୀ ପ୍ରକଳ୍ପର ଏଭଳି ଖୋଲାମେଲା ଠକାମୀ, ଚୋରି ଭଳି ସାଙ୍ଘାତିକ ଜନବିରୋଧୀ କାର୍ଯ୍ୟକୁ ନବନିଯୁକ୍ତ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପେଗରପଡା ପଞ୍ଚାୟତର କେବଳ ରେକର୍ଡପତ୍ରରେ କରାଯାଇଥିବା ଏହି ତିନିଟି ପ୍ରକଳ୍ପ ସମ୍ପର୍କରେ ତଦନ୍ତ କଲେ ଅନ୍ୟ ପଞ୍ଚାୟତର ବାସ୍ତବଚିତ୍ର ପଦାକୁ ଆସିବ ବୋଲି ବୋଲି ସୁଶାନ୍ତ ଅଭିଯୋଗ କରିଛନ୍ତି ।

# ମୃତକଙ୍କ ପରିବାରକୁ ସାଂସଦ ପାଣ୍ଠିରୁ ଆର୍ଥିକ ସହାୟତା



**ସାଲେପୁର,୨୧।୮(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ନରଦା ପଞ୍ଚାୟତ ର ପ୍ରହଲ୍ଲାଦ ସ୍ୱାଇଁଙ୍କ ନବମ ଶ୍ରେଣୀରେ ପାଠ ପଢୁଥିବା ଝିଅ ସୁଚିତ୍ରା ସ୍ୱାଇଁ (୧୪)ଗତ କିଛି ଦିନ ତଳେ ପଟ୍ଟାମୁଣ୍ଡାଇ କେନାଲକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଗୋଡ ଖସି ପାଣିରେ ବୁଡି ମୃତ୍ୟୁବରଣ କରିବା ଖବର ପ୍ରସାରଣ ହେବା ପରେ ଆମ କେନ୍ଦ୍ରାପଡ଼ାର ପ୍ରିୟ ସାଂସଦ ତଥା ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ଏହି ଖବର ପାଇ ଦୁଃଖ ପ୍ରକାଶ କରିବା ସହିତ ସାଂସଦଙ୍କ ପ୍ରତିନିଧି ମଣ୍ଡଳୀଙ୍କୁ ପଠାଇ ସୁଚିତ୍ରାଙ୍କ ପରିବାରଙ୍କୁ ସାଂସଦଙ୍କ ତରଫରୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି ।

# ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଡେରାବିଶ,୨୧।୮(ସଂଚାର ବ୍ୟୁରୋ):** ଡେରାବିଶ ଶିକ୍ଷା ସର୍କଲ ମୁକୁନ୍ଦପୁର ସାଧନ କେନ୍ଦ୍ର ଅଧୀନଅର୍ତାମୂଳସ୍ଥିତ ଜେନାମଣି ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋରଞ୍ଜନ ଦାଶଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଅଭିରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମୁକୁନ୍ଦପୁର ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି, ସମ୍ମାନିତ ଅତିଥି ଭାବେ ସିଆରସିସି ପଶାନ୍ତ ଶତପଥି, ସନ୍ତୋଷ ମଲିକ ଓ ପ୍ରମୋଦ କୁମାର ମଲ୍ଲ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ଦାସଙ୍କ କର୍ମମୟ ଜୀବନରେ ଛାତ୍ରବତ୍ସଳତା, ସମୟାନୁବର୍ତ୍ତିତା ଓ ଶିକ୍ଷାନୁଷ୍ଠାନ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିକ୍ଷକ ଶ୍ରୀ ଦାଶଙ୍କୁ ବିଦ୍ୟାଳୟକୁ ଆସି ପୂର୍ବପରି ସେମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଅନୁରୋଧ କରିଥିଲେ ।

**ଆଳି ଓ ରାଜକନିକାକୁ ଏନଏସି ଘୋଷଣା ଦାବି**

# କଂଗ୍ରେସ ପକ୍ଷରୁ ବିକ୍ଷୋଭ, ତହସିଲଦାରଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ଆଳି,୨୧।୮(ସଂଚାର ବ୍ୟୁରୋ):** ଆଳି ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳ ପକ୍ଷରୁ ଆଳି ଓ ରାଜକନିକା ବ୍ଲକ କଂଗ୍ରେସ ଦଳ ପକ୍ଷରୁ ଆଳି ତହସିଲଦାର ଓ ରାଜକନିକା ତହସିଲଦାର ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରାଯାଇଛି।ରାଜ୍ୟ ସରକାର ସାତଟି ଜିଲ୍ଲା ର ବାର ଟି ଏନ୍‌ଏସି ଲାଗି ବିଜ୍ଞପ୍ତି ଜାରି କରିଥିବା ବେଳେ ଆଳି ନିର୍ବାଚନ ମଣ୍ଡଳୀ ଏନଏସି ଅନ୍ତର୍ଭୁକ ଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ପଡୋଶୀ ଜିଲ୍ଲା ସହିତ ଅନ୍ୟ ଜିଲ୍ଲାକୁ ଏନଏସି ଘୋଷଣା ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଓ ରାଜକନିକା ୨ଟି ବ୍ଲକକୁ ଘୋଷଣା ଏନଏସି ବାଦ ଦିଆ ଯାଇଛି ଯାହାକୁ ନେଇ କଂଗ୍ରେସ ଦଳ ପକ୍ଷରୁ ବିରାଟ ଶୋଭାଯାତ୍ରା ବାହାରି ରାଜ୍ୟସରକାର ଙ୍କ ବିରୁଦ୍ଧରେ ନାରାବାଜି ସହିତ ବିକ୍ଷୋଭ ଦେଖିବାକୁ ମିଳି ଥିଲା। ଅନ୍ୟପଟେ ଯଦି ରାଜ୍ୟ ସରକାର ଏନଏସି ଘୋଷଣା ନ କରନ୍ତି ଆଗାମୀ ଦିନରେ ପ୍ରଜା ଆନ୍ଦୋଳନ ଭଳି ପନ୍ଥା କୁ କଂଗ୍ରେସ ଦଳ ଆପଣେଇବାକୁ ଆଳି ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପାର୍ଥିନୀ ତଥା ପିସିସି କାର୍ଯ୍ୟକାରୀ ସମ୍ପାଦିକା ଡାକ୍ତର ଦେବସ୍ମିତା ଶର୍ମା ଚେତାବନୀ ଦେଇଛନ୍ତି।

# ଭିତରକନିକା ପର୍ଯ୍ୟଟନସ୍ଥଳୀର ବିକାଶ ସ୍ୱପ୍ନ ପୂରଣ ହେବ କେମିତି ?

**ସ୍ଥାନ ଚିହ୍ନଟ ହେଲା, ପ୍ରକଳ୍ପ ଉଭାନ୍!**




**କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ଭିତରକନିକାରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ୫୮କୋଟି ୫୮ଲକ୍ଷ ୫୩ ହଜାର ଟଙ୍କା ବ୍ୟୟ ଅଟକଳରେ ସରକାର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିଲେ। ୨୦୨୩ ମସିହାରେ ଭିତରକନିକା ମହୋତ୍ସବ ଶେଷ ହେବାର ସପ୍ତାହେ ନପୂରୁଣୁ ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ପ୍ରଶାସନ ସ୍ଥାନ ଚିହ୍ନଟ କଲେ। ଯେଉଁଥିରେ ଗୁପ୍ତି ଜେଟିରେ ଡ୍ରାଏ ଡକ୍ ସୁବିଧା ପାଇଁ ୩୦ଲକ୍ଷ, ଡାଙ୍ଗମାଳ ପ୍ରବେଶ ଦ୍ୱାରଠାରେ ପ୍ଲାଜା ଓ ପାର୍ଟି ନିର୍ମାଣ ପାଇଁ ୩ କୋଟି ୧୫ଲକ୍ଷ ୪୩ ହଜାର, ଗୁପ୍ତିଠାରେ ଜେଟି ନିର୍ମାଣ ପାଇଁ ୯ କୋଟି ୨୩ ଲକ୍ଷ ୭୪ ହଜାର ଟଙ୍କା, ଡାଙ୍ଗମାଳଠାରେ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ ପାଇଁ ୧୪ ଲକ୍ଷ ୩୮ଲକ୍ଷ ୪୪ ହଜାର ଟଙ୍କା, ଡାଙ୍ଗମାଳଠାରେ ଥିବା ଜେଟିର ଉନ୍ନତିକରଣ ପାଇଁ ୭ କୋଟି ୪୭ ଲକ୍ଷ ୮୩ ହଜାର ଟଙ୍କା, ଡାଙ୍ଗମାଳଠାରେ କାରିଗରୀ କ୍ରାଷ୍ଟ ବଜାର ଓ ଫୁଡ୍‌କୋର୍ଟ ନିର୍ମାଣ ପାଇଁ ୭ କୋଟି ୭୯ ଲକ୍ଷ ୪୭ ହଜାର ଟଙ୍କା, ଚାନ୍ଦବାଲିଠାରେ ଜେଟି ନିର୍ମାଣ ପାଇଁ ୬ କୋଟି ୮୭ ଲକ୍ଷ ୬୧ ହଜାର ଟଙ୍କା, ଖୋଳାଠାରେ ଜେଟି ନିର୍ମାଣ ପାଇଁ ୬ କୋଟି ୬୬ ଲକ୍ଷ ୧ ହଜାର ଟଙ୍କା ସରକାର ଯୋଗାଇ ଦେଇଥିବା ନେଇ ଘୋଷଣା କରିଥିଲେ।

ତତ୍କାଳୀନ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ତହସିଲଦାର ଅଶ୍ୱିନୀ ଭୂୟାଁ, ସହକାରୀ ବନସଂରକ୍ଷକ ପୁନମ୍ ହୀରା ହାଁସଦା, କନିକା ରଂଜ୍ ଅଫିସର ମାନସ ଦାସ, ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ବିଶ୍ୱବରଂଜନ ସ୍ୱାଇଁ ପ୍ରମୁଖ ଗୁପ୍ତ, ଖୋଳା, ଡାଙ୍ଗମାଳଠାରେ ସ୍ଥାନୀୟ ଲୋକ ପ୍ରତିନିଧ ଓ ନେତୃବୃନ୍ଦଙ୍କ ସହ ଆଲୋଚନା କରି ସ୍ଥାନ ଚିହ୍ନଟ କରିଥିଲେ। ଭିତରକନିକା ମହୋତ୍ସବରେ ଅତିଥି ହୋଇଥିବା ତତ୍କାଳୀନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ନିଜ ବକ୍ତବ୍ୟରେ ଭିତରକନିକା ଇକୋ ଟୁରିଜିମ୍‌ର ବିକାଶ ପାଇଁ ୫୯ କୋଟି ଟଙ୍କା ମଞ୍ଜୁର ହୋଇଥିବା କହିଥିଲେ। ଏହା ମଧରେ ଅଢେଇ ବର୍ଷ ବିତିଥିଲେ ହେଁ ପ୍ରକଳ୍ପର ଚିହ୍ନବର୍ଷ ନାହିଁ । ଚିହ୍ନଟ ହୋଇଥିବା ସ୍ଥାନଗୁଡ଼ିକରେ କେଉଁଠି ଗୋଟିଏ ହେଲେ ପ୍ରକଳ୍ପ ଆରମ୍ଭ ହୋଇନାହିଁ। ତେଣୁ ମଞ୍ଜୁର ହୋଇଥିବା କୋଟି କୋଟି ଟଙ୍କା ଗଲା କୁଆଡ଼େ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଭିତରକନିକା ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ ହେବ ନାଁ ଘୋଷଣା ସ୍ୱପ୍ନରେ ରହିଯିବ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଏ ସଂପର୍କରେ ପଚାରିବା ପାଇଁ ଯୋଗାଯୋଗ କରିଥିଲେ ମଧ ହୋଇପାରିନାହିଁ ।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ



ଖୋର୍ଦ୍ଧା,୨୧।୮(ସଂଚାର ବ୍ୟୁରୋ): ଖୋର୍ଦ୍ଧା-ଅବକାରୀ ବିଭାଗର ଚଣ୍ଡେଶ୍ୱର ଛକ ନିକଟରେ ଚଢ଼ାଉ କରାଯାଇ ୧୦ କୁଇଣ୍ଟାଲ ୫୦କେଜି ଗଞ୍ଜେଇ ସହ ପିକଅପ୍ ଜବତ ହୋଇଥିବାବେଳେ ଜଣେ ଗିରଫ ହୋଇଛନ୍ତି। ସେ ହେଲେ ଖୋର୍ଦ୍ଧା ଗୁଡୁମ୍ମ ଅଞ୍ଚଳର ପ୍ରିୟରଞ୍ଜନ ପଣ୍ଡା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟିରୁ ଅଧିକ। ଗଜପତିରୁ ପୁରୀକୁ ଏହି ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ସୂଚନା ଦେଇଛନ୍ତି ଅବକାରୀ ଏସ୍‌ପି ସୁମତି ତ୍ରିପାଠୀ।

# ୩ ଝିଅଙ୍କ ସହ ମା'ଙ୍କ ଆତ୍ମାହୁତି ଉଦ୍ୟମ

■ ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ସନ୍ଦେହ

ନିଶ୍ଚିନ୍ତକୋଇଲି,୨୧।୮(ସଂଚାର ବ୍ୟୁରୋ): ୩ ଝିଅଙ୍କ ସହ ଜଣେ ମା' କିରୋସିନି ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ତେବେ ସ୍ୱାମୀଙ୍କ ପରକୀୟା ପ୍ରୀତି ସନ୍ଦେହରେ ୩ ଝିଅଙ୍କ ସହ କିରୋସିନି ଢାଳି ମହିଳା ଜଣକ ଆତ୍ମାହୁତି ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ କାବୁକରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଘଟଣାସ୍ଥଳରୁ ଉଦ୍ଧାର କରି ଥାନାକୁ ନେଇ ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ନିଶ୍ଚିନ୍ତକୋଇଲି ଥାନା ବାଲିଆପଦା ଗ୍ରାମର ଝରଣା ମଲିକ (୨୮) ନିଜ ୩ ଝିଅଙ୍କୁ ନେଇ ମାମାଶ୍ରୀ ନାମକ ଜଣେ ମହିଳାଙ୍କ ଘର ସମ୍ମୁଖରେ କିରୋସିନି ଢାଳି ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ କାବୁ କରି ନେଇ ପୋଲସକୁ ହସ୍ତାନ୍ତର କରିଥିଲେ। ପୋଲିସ ଦୁଇ ପରିବାରକୁ ଥାନାକୁ ଉଠାଇ ଆଣି ତଦନ୍ତ ଜାରି ରଖିଛି। ଉଭୟ ମହିଳାଙ୍କ ସ୍ୱାମୀ ବାହାରେ କାମ କରନ୍ତି। ପରକୀୟା ପ୍ରୀତି ପାଇଁ ଏଭଳି ଆତ୍ମାହୁତି ଉଦ୍ୟମ ହୋଇଥିବା ଅଞ୍ଚଳରେ ଜୋର୍ ଚର୍ଚ୍ଚା ହେଉଛି।

# ଲାଞ୍ଚ ନେଇ ବୁଣ୍ଡିଆ ମାଇନ୍ସର ସବ୍ ଏରିଆ ମ୍ୟାନେଜର ଗିରଫ, ଲାଞ୍ଚ ଟଙ୍କା ଜବତ

ଝାରସୁଗୁଡ଼ା,୨୧।୮(ସଂଚାର ବ୍ୟୁରୋ):୨୦ ହଜାର ଟଙ୍କା ଲାଞ୍ଚ ମାମଲାରେ ସିବିଆଇ ଏମ୍‌ସିଏଲ୍‌ର ଝାରସୁଗୁଡ଼ା ସ୍ଥିତ ହିରାକୁଦ ବୁଣ୍ଡିଆ ମାଇନ୍ସ ର ସବ ଏରିଆ ମ୍ୟାନେଜର ଅସିତ୍ କୁମାର ଓ ଜଣେ ପ୍ରାଇଭେଟ୍ ପର୍ସନ ବିଟୁ ରାମଙ୍କୁ ଗିରଫ କରିଛି। ଅଭିଯୋଗ କରାଙ୍କ ଠାରୁ ଏକ ମାମଲାର ତଦନ୍ତ କୁ ରଫା ଦଫା କରିବାକୁ ଅସିତ୍ କୁମାର ବିଟୁ ରାମ ମାଧ୍ୟମରେ ୩୦ ହଜାର ଦାବି କରିଥିଲେ । ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ନେଉଥିବା ବେଳେ ସିବିଆଇ ଯୋଜନା ମୁତାବକ ଟ୍ରାପ କରିଥିଲା । ଘଟଣା ସ୍ଥଳରୁ ଲାଞ୍ଚ ଟଙ୍କା ଜବତ କରିଥିଲା ସିବିଆଇ ।

# ଚନ୍ଦକାରେ ହେବ ପ୍ରଥମ ହାତୀ ସଂରକ୍ଷଣ କେନ୍ଦ୍ର

■ ଗଜରାଜଙ୍କ ସୁରକ୍ଷା ପାଇଁ ଆସିବ ମଡେଲ ନୀତି

■ ବିଭାଗ-ବିଭାଗ ସମନ୍ୱୟ ଅଭାବ ନେଇ ଉଦବେଗ



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଚନ୍ଦକା ଗୋଡିବାରୀଠାରେ ପ୍ରତିଷ୍ଠା ହେବ ବିଶ୍ୱର ପ୍ରଥମ ଏସିଆନ ହାତୀ ସଂରକ୍ଷଣ କେନ୍ଦ୍ର। ଆନ୍ତର୍ଜାତିକ ପ୍ରକୃତି ସୁରକ୍ଷା କେନ୍ଦ୍ର, ୱାଇଲ୍ଡ ଲାଇଫ ଟ୍ରଷ୍ଟ ଓ କଲମ୍ବସ ପ୍ରାଣିଉଦ୍ୟାନ ସହଯୋଗରେ ଏହି ସଂରକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ମଣିଷ ଓ ହାତୀ ସହବସାନ ସମ୍ପର୍କିତ ଏକ ଆନ୍ତର୍ଜାତିକ କର୍ମଶାଳାକୁ ଉଦଘାଟନ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏହି ସଂରକ୍ଷଣ କେନ୍ଦ୍ରରେ ହାତୀ ସଂରକ୍ଷଣ ନେଇ କେବଳ ଓଡ଼ିଶା ନୁହେଁ ଦକ୍ଷିଣ-ପୂର୍ବ ଏସୀୟ ଦେଶ ପାଇଁ ନୂଆ ନୀତି ପ୍ରସ୍ତୁତିରେ ସହଯୋଗ କରିବ। ଓଡ଼ିଶାରେ ହାତୀ କେବଳ ଏକ ପଶୁ ନୁହଁନ୍ତି, ଏହା ଆମ ପରିଚୟ, ଇତିହାସ ଓ ଧାର୍ମିକ ଭାବନା ସହ ଜଡ଼ିତ। ତେବେ କୃଷି ଓ ଭିତ୍ତିଭୂମିର ବିକାଶ ଯୋଗୁଁ ହାତୀଙ୍କ ବାସସ୍ଥାନ ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି। ଯେଉଁଥିପାଇଁ ହାତୀ-ମଣିଷ ଲଢେଇ ହେଉଛି ବୋଲି ସେ କହିଛନ୍ତି।

ରାଜ୍ୟ ସରକାର ଏଥିପାଇଁ ହାତୀ କରିଡର ଚିହ୍ନଟ ସାଙ୍ଗକୁ ସ୍ଥାନୀୟ ଲୋକ ଓ ଗଜସାଥୀଙ୍କ ସହଯୋଗରେ ବ୍ୟାପକ ବନୀକରଣ କରୁଥିବା ସେ କହିଛନ୍ତି। ୧୦ ବର୍ଷରେ ହାତୀ-ମଣିଷ ଲଢ଼େଇରେ ୯ ଶହ ମଣିଷ, ୭୫୦ ହାତୀଙ୍କର ମୃତ୍ୟୁ ହୋଇଛି। ସହରୀକରଣ, ଭିତ୍ତିଭୂମି, କୃଷିର ସଂପ୍ରସାରଣ ଫଳରେ ହାତୀ ମଣିଷ ଲଢେଇ ହେବା ଦୁର୍ଭାଗ୍ୟଜନକ। ଏହାକୁ ରୋକିବାକୁ ସରକାର ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ଜଙ୍ଗଲରେ ଜଳାଶ୍ରୟ ତିଆରି କରାଯାଇଛି। ୨୧୦୦ ହାତୀର ଘର ହେଉଛି ଓଡ଼ିଶା। ବନ ସୁରକ୍ଷା ସମିତି, ଗଜସାଥୀ ଦ୍ୱାରା ହାତୀଙ୍କୁ ସୁରକ୍ଷା ଦିଆଯାଉଛି। ଯେଉଁଠି ସମସ୍ୟା ହେଉଛି, ସେଠି ସ୍ୱତନ୍ତ୍ର ସ୍କ୍ୱାଡ୍, ର୍ୟାପିଡ ରେସପନ୍ସ ଟିମ ସଙ୍ଗେ ସଙ୍ଗେ ପହଞ୍ଚୁଛନ୍ତି। ମୃତ୍ୟୁ ପାଇଁ ସଙ୍ଗେ ସଙ୍ଗେ କ୍ଷତିପୂରଣ ଦିଆଯାଉଛି। ସର୍ଭିଲାନ୍ସ ପାଇଁ ଜିପିଏସ, ରେଡିଓ ସ୍କଲାର, ଏଆଇ କ୍ୟାମେରା ବ୍ୟବହାର କରାଯାଉଛି। ଆମ ସମସ୍ତଙ୍କୁ ମିଶି ହାତୀ ଏବଂ ମଣିଷ ନିରାପଦରେ ରହିବା ଭଳି ବାତାବରଣ ତିଆରି କରିବାକୁ ହେବ। ହାତୀଙ୍କ ପାଇଁ ଏକ ସୁରକ୍ଷିତ ବାସସ୍ଥାନ ସୃଷ୍ଟି କରିବାରେ ଓଡ଼ିଶା ଏକ ମଡେଲ ରାଜ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ପାଇଁ ବଢୁଛି ହାତୀ ମଣିଷ ଲଢେଇ। ହାତୀ ଯେତିକି ବିଶାଳକାୟ, ସେତିକି ବୁଦ୍ଧିଆ ମଧ୍ୟ। ମଣିଷର ବ୍ୟବହାର ନେଇ ବି ହାତୀ ଜାଣେ। ଫଳରେ ହାତୀର ମାନସିକତାକୁ ପ୍ରଭାବିତ କରଯାଉଥିବାରୁ ହାତୀ ଆକ୍ରମଣରେ ମଣିଷଙ୍କ ଜୀବନ ଯାଉଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। ହାତୀପଲଙ୍କୁ ଘଉଡ଼ାଇବାକୁ ଯେଉଁ ପଦ୍ଧତି ବିଭାଗ ପକ୍ଷରୁ ଗ୍ରହଣ କରାଯାଉଛି, ତାହା ହିଁ ହାତୀ-ମଣିଷ ଲଢ଼େଇର କାରଣ ସାଜୁଛି। ତେଣୁ ଏହି ନୀତିରେ ତୁରନ୍ତ ପରିବର୍ତ୍ତନ ଆବଶ୍ୟକ ବୋଲି କୁହାଯାଇଛି। ଏଥିସହ ହାତୀ କରିଡ଼ର ମଧ୍ୟ ଆଉ ଏକ ପ୍ରମୁଖ କାରଣ। ବିଭିନ୍ନ ସ୍ଥାନକୁ ହାତୀପଲ ଯିବାଆସିବା କରିଥାନ୍ତି। ତେଣୁ ସରକାର ଅଞ୍ଚଳ ଚିହ୍ନଟ କରି କରିଡ଼ର ସୁରକ୍ଷିତ ରଖିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଏଥିସହ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁନଥିବାରୁ ଏନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି।

ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ

# ସଦଚାର ଓ ପାରଦର୍ଶିତା ବୃଦ୍ଧି ପାଇଁ ସତର୍କତା ସଚେତନତା ସେମିନାର



ଭୁବନେଶ୍ୱର, ୨୧।୮ (ସଂଚାର ବ୍ୟୁରୋ) : ସତର୍କତା ସଚେତନତା ସପ୍ତାହ ୨୦୨୫ ପାଳନକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମଣ୍ଡଳ ରେଳବାଇ ପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଏକ ସେମିନାର ଆୟୋଜିତ ହୋଇଯାଇଅଛି ଯାହା ରେଳ ପ୍ରଶାସନରେ ସଦଚାର ଓ ପାରଦର୍ଶିତାର ବିକାଶ କରିବା ଉଦ୍ଦେଶ୍ୟ ନେଇ ଆୟୋଜିତ ହୋଇଥିଲା । ସେମିନାରରେ ରେଳବିଭାଗର ସ୍ୱାସ୍ଥ୍ୟ (ସ୍ୱାସ୍ଥ୍ୟ), ଭଣ୍ଡାର (ଷ୍ଟୋରସ) ଓ ଲେଖା (ଆକାଉଣ୍ଟସ୍) ବିଭାଗ ସହିତ ସଂପୃକ୍ତ ବିଜିଲାନ୍ସ ସମସ୍ୟାବଳୀ ଉପରେ ଆଲୋଚନା ହୋଇଥିଲା। ଏହି ଆୟୋଜନ ମାଧ୍ୟମରେ ଏକ ନୀତିନିଷ୍ଠ, ଦାୟିତ୍ୱବୋଧ ଓ ନୀତିଗତ ଆଚରଣ ଭିତ୍ତିକ ସଂସ୍କୃତି ସୃଷ୍ଟି କରିବାର ଉଦ୍ଦେଶ୍ୟ ରହିଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ଶ୍ରୀ ଶୁଭଜ୍ୟୋତି ମଣ୍ଡଳ ଯୋଗଦାନ କରି ସତର୍କତା ସମ୍ବନ୍ଧରେ ତାଙ୍କର ଅନୁଭବ ଓ ଅନୁପ୍ରେରଣାଦାୟକ ମତ ବ୍ୟକ୍ତ କରିଛନ୍ତି । ଶ୍ରୀ ମଣ୍ଡଳ କହିଛନ୍ତି ଯେ, ସୁଶାସନ ଓ କ୍ଷମତାଶୀଳ ସେବା ପ୍ରଦାନ ପାଇଁ ସତର୍କତା ଅତ୍ୟନ୍ତ ଆବଶ୍ୟକ ଉପାଦାନ । ସ୍ୱାସ୍ଥ୍ୟ (ସ୍ୱାସ୍ଥ୍ୟ), ଭଣ୍ଡାର (ଷ୍ଟୋରସ) ଓ ଲେଖା (ଆକାଉଣ୍ଟସ୍ ) ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଓ ନିଜ ମତ ପ୍ରକାଶ କରିବା ସହ ସ୍ୱଚ୍ଛ ସୁଶାସନ ପାଇଁ ସେମାନଙ୍କର ମତ ରଖିଥିଲେ । ସତର୍କତା ସଚେତନତା ୨୦୨୫ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଆୟୋଜିତ ସେମିନାରକୁ ପୂର୍ବତଟ ରେଳପଥ ଉପମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ରମେଶ କାମିନି ପରିଚାଳନା କରିବା ସହ ସମସ୍ତ ବିଭାଗରେ ସ୍ୱଚ୍ଛତା ଓ ପ୍ରତିଷେଧକ ସଜାଗତାର ଉନ୍ନତି ଆଣିବା ପାଇଁ ଦୃଢ଼ ମତ ରଖିଥିଲେ । ଏହି ପ୍ରୟାସ ରେଳ ମଣ୍ଡଳରେ ସଦଚାର, ପାରଦର୍ଶିତା ଓ ଦାୟିତ୍ୱବୋଧ ର ମୂଲ୍ୟବୋଧ କୁ ସୁଦୃଢ଼ କରିବା ପ୍ରତି ଖୋର୍ଦ୍ଧାରୋଡ୍ ମଣ୍ଡଳର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରିଛି ।

# ରାଜ୍ୟରୁ ବଛାଯିବେ ଯୁବ ଜ୍ୟୋତିର୍ବିଜ୍ଞାନୀ

ଯାଟ୍‌ସର ଊନବିଂଶତମ ସଂସ୍କରଣ ଆରମ୍ଭ



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ଯାଟ୍‌ସ) ର ଊନବିଂଶତମ ସଂସ୍କରଣ ଆରମ୍ଭ ହୋଇଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ସଂସ୍କରଣ ଟାଟା ଷ୍ଟିଲ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନସ୍ଥ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସହଭାଗିତାରେ ଆୟୋଜିତ ହେଉଛି। କିମ୍ବଦନ୍ତୀ ଓଡ଼ିଆ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଜ୍ୟୋତିର୍ବିଜ୍ଞାନ ପ୍ରତି ରହିଥିବା ଅତୁଳନୀୟ ଅବଦାନର ପ୍ରଚାରପ୍ରସାର ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷ ପାଇଁ ଏହି ଅଭିଯାନର ବିଷୟବସ୍ତୁ 'ଆଜିର ନକ୍ଷତ୍ରଦର୍ଶୀ, କାଲିର ମହାକାଶଚାରୀ' ରହିଛି। ବିଭିନ୍ନ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଓ ନବମ-ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କୁଇଜ୍ ପ୍ରତିଯୋଗିତା ଓ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା କରାଯାଇ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ। ସେମାନଙ୍କ ମଧ୍ୟରୁ ପ୍ରତି ଜିଲ୍ଲାରୁ ଶ୍ରେଷ୍ଠ ଦୁଇ ଜଣ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଡିସେମ୍ବର ୧୩ରେ ଚୂଡ଼ାନ୍ତ ଚୟନ ପାଇଁ ଭୁବନେଶ୍ୱର ଆମନ୍ତ୍ରଣ କରାଯିବ। ବିଶେଷଜ୍ଞମାନଙ୍କ ଦ୍ୱାରା ବ୍ୟକ୍ତିଗତ ଆଲୋଚନା, ପ୍ରସ୍ତୁତ ମଡେଲ ଓ ମୂଲ୍ୟାଙ୍କନ ଆଧାରରେ ଶ୍ରେଷ୍ଠ ୩୦ ଜଣ ବିଜେତାଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ ଓ ସେମାନେ ମଧ୍ୟ ଇସ୍ରୋରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନର ସୁଯୋଗ ପାଇବେ। ଊନବିଂଶତମ ସଂସ୍କରଣର ଆରମ୍ଭ କରିବା ଅବସରରେ ଶ୍ରୀ ପାତ୍ର ପୁସ୍ତିକା ଉନ୍ମୋଚନ କରି କହିଛନ୍ତି ଯେ ସବୁବର୍ଗର ଛାତ୍ରଛାତ୍ରୀ ଏହି ଅଭିଯାନରେ ସାମିଲ ହୋଇପାରିବେ। ଏହାଦ୍ୱାରା ଯୁବପିଢ଼ି ମଧ୍ୟରେ ବୈଜ୍ଞାନିକ ମନୋଭାବ ସହ ଭବିଷ୍ୟତରେ ଭାରତ ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିବ।

ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସହଭାଗିତାରେ ଟାଟା ଷ୍ଟିଲ ପକ୍ଷରୁ ଗତ ୨୦୦୭ରୁ ଯାଟସ୍ ଆୟୋଜିତ ହୋଇଆସୁଛି। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ୍ତରୀକ୍ଷ ବିଜ୍ଞାନ ସମ୍ପର୍କରେ ଆଗ୍ରହ ସୃଷ୍ଟି କରିବା ସହ ସେମାନଙ୍କ ମଧ୍ୟରେ ଥିବା ବୈଜ୍ଞାନିକ ପ୍ରତିଭା ଓ ଜିଜ୍ଞାସାର ପରିପ୍ରକାଶ ନିମନ୍ତେ ସୁଯୋଗ ଦେଉଛି। ଅଦ୍ୟାବଧି ୨୩୦ ଜଣ ବିଜେତା ବିଭିନ୍ନ ଇସ୍ରୋ କେନ୍ଦ୍ର ପରିଦର୍ଶନ କରି ମହାକାଶ ଗବେଷଣାରେ ଭାରତର ଅଗ୍ରଗତି ଦେଖିବାର ଅନନ୍ୟ ସୁଯୋଗ ପାଇଛନ୍ତି।

ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ଓ ପୂଜା ମିଶ୍ର, ବିତ୍ତ ପରାମର୍ଶଦାତା ବିଦ୍ୟୁତପ୍ରଭା ରାଉତ, ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ଚିନ୍ମୟୀ ଚେତନା ଦାସ, ଟାଟା ଷ୍ଟିଲର ମୁଖ୍ୟ ନିର୍ବାହୀ ଦେବାଶିଷ ଜେନା, ଅନନ୍ୟା ମିହିର ଉପସ୍ଥିତ ଥିଲେ।

# ବସ୍ତିବାସିନ୍ଦାଙ୍କୁ ଥଇଥାନ ଓ ପଟ୍ଟା ପ୍ରଦାନ ଦାବିରେ ବିକ୍ଷୋଭ




କଟକ,୨୧।୮(ସଂଚାର ବ୍ୟୁରୋ): ୧୪ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ରାଜ୍ୟରେ ନୂଆ ସରକାର ଶାସନ କରିସାରିଛନ୍ତି। ଫଳତଃ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। କିନ୍ତୁ ସରକାର ବସ୍ତିବାସିନ୍ଦାଙ୍କ ପାଇଁ ଥିବା ମହାନଗର ନିଗମ ଆଇନ ଅନୁଯାୟୀ କୌଣସି କାର୍ଯ୍ୟ କରୁନାହାନ୍ତି। ପୂର୍ବ ସରକାର ଅମଳରେ ଆରମ୍ଭ ହୋଇଥିବା 'ଜାଗା ମିଶନ' ନୂଆ ସରକାର ଅଦ୍ୟାବଧି ଲାଗୁ କରିନାହାନ୍ତି। ପୂର୍ବ ସରକାରରେ ଜମି ଅଧିକାର ପ୍ରମାଣପତ୍ର ଦେବା ପାଇଁ ହୋଇଥିବା ଆଇନ ବି କାର୍ଯ୍ୟକାରୀ କରୁନାହାଁନ୍ତି। ଫଳତଃ ବର୍ତ୍ତମାନ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଉନାହିଁ କିମ୍ବା ଲ୍ୟାଣ୍ଡ ରାଇଟ୍ ସାର୍ଟିଫିକେଟ ଦିଆଯାଉନାହିଁ। ସରକାରଙ୍କ ଏପରି ବସ୍ତି ବିରୋଧୀ ନୀତି ପ୍ରତିବାଦରେ ଓ ବସ୍ତିବାସିନ୍ଦାଙ୍କୁ ଥଇଥାନ ଏବଂ ପଟ୍ଟା ପ୍ରଦାନ ଦାବି ନେଇ ଆଜି ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭରେ ଶ୍ରମିକ ନେତା ରାଜକିଶୋର ମଲ୍ଲିକ, ବସ୍ତି ନେତା ଦୀପକ ଦାସ, ସୁକାନ୍ତ ନାୟକ, ସ୍ୱାଧୀନ ବେହେରା, ସିପ୍ରା ମହାନ୍ତି, ଲିପିନା ନାୟକ, ଉଦୟ ଟୁଡୁ, ଲକ୍ଷ୍ମୀ ସିଂ, ରାଜୁ ମୁର୍ମୁ, ଶିବ ବେହେରା, ସାବିତ୍ରୀ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ସ୍ମାରକପତ୍ରରେ ବିକ୍ଷୋଭକାରୀମାନେ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯିବା ପାଇଁ ଉଦ୍ଦିଷ୍ଟ 'ଜାଗା ମିଶନ'ରେ ସମସ୍ତଙ୍କୁ ଥଇଥାନ ସହ ପଟ୍ଟା ପ୍ରଦାନ କରାଯିବାକୁ ଦାବି କରିଛନ୍ତି। ଜଗନ୍ନାଥ ରୋଡ ବସ୍ତିର ବାସିନ୍ଦାମାନଙ୍କୁ ଭାଗ ଭାଗ ନକରି ସେହି ସ୍ଥାନରେ କିମ୍ବା ଆଖପାଖ ଅଞ୍ଚଳରେ ଥଇଥାନ କରିବା ସହ ପଟ୍ଟା ଯୋଗାଇଦେବାକୁ ଦାବି ହୋଇଛି।

ପୁରୁଣା ବସ୍ତି ଭାବେ ନୂଆବଜାର ଜଗନ୍ନାଥ ରୋଡ୍ ବସ୍ତି ପ୍ରଥମରୁ ତାଲିକାଭୁକ୍ତ ରହିଛି। ଉକ୍ତ ବସ୍ତି ରାସ୍ତା ପାର୍ଶ୍ୱରେ ଥିବାରୁ ବହୁ ପୂର୍ବରୁ ବାସିନ୍ଦାମାନେ ସିଏମସି କର୍ତ୍ତୃପକ୍ଷଙ୍କୁ କର୍ମସ୍ଥଳୀ ପାଖାପାଖି ଥଇଥାନ କରାଯିବା ପାଇଁ ଏକାଧିକ ବାର ଦାବି କରିଆସିଛନ୍ତି। ଗତ ୨୦୨୩ରେ ନିକଟବର୍ତ୍ତୀ ସ୍ଥାନରେ ଥଇଥାନ କରିବାକୁ ସିଏମସି କର୍ତ୍ତୃପକ୍ଷ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଇନଥିବାରୁ ସେମାନେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଜୀବନ ବିତାଉଛନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ନେବା ସକାଶେ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

# ଘୂର୍ଣ୍ଣିବଳୟ ପ୍ରଭାବ, ୫ ଦିନ ପର୍ଯ୍ୟନ୍ତ କାଟିବ ବର୍ଷା



ଭୁବନେଶ୍ୱର, ୨୧।୮ (ସଂଚାର ବ୍ୟୁରୋ) : ରାଜ୍ୟରେ ଘୂର୍ଣ୍ଣିବଳୟର ପ୍ରଭାବରେ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ । ଉତ୍ତର ଓଡ଼ିଶା ଓ ତତ୍ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସକ୍ରିୟ ରହିଛି ଘୂର୍ଣ୍ଣିବଳୟ। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ସହିତ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପ୍ରକାଶ କରିଛି ପାଣିପାଗ ବିଭାଗ । ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଦେବଗଡ଼ରେ ସର୍ବାଧିକ ୪ ମିମି ବୃଷ୍ଟିପାତ ରେକର୍ଡ଼ କରାଯାଇଛି ।

# ପୋଖରୀରେ ବୁଡି ମା'-ଝିଅ ମୃତ

ଲମତାପୁଟ,୨୧।୮(ସଂଚାର ବ୍ୟୁରୋ): ଗାଧୋଇବା ବେଳେ ପୋଖରୀରେ ବୁଡି ମା'-ଝିଅଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଦୁଃଖଦ ଘଟଣା ଲମତାପୁଟ ବ୍ଲକ କୁମାରଗନ୍ଧନା ପଞ୍ଚାୟତ ବାଲିଆ ଗାଁରେ ଘଟିଛି। ମୃତକ ଦ୍ୱୟ ନନ୍ଦପୁର ବ୍ଲକ ଅରଗଣ୍ଡା ଗାଁର ନମିତା ମାଝୀ ଓ ଝିଅ ସୁମିତ୍ରା ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ନମିତା ଝିଅ ସୁମିତ୍ରାଙ୍କ ସହ ବାପଘର ବାଲିଆ ଗାଁକୁ ବୁଲିବାକୁ ଆସିଥିଲେ। ତେବେ ଆଜି ସେ ଘରେ କାମ ସାରି ଗାଁ ପୋଖରୀକୁ ଗାଧୋଇବା ପାଇଁ ଝିଅ ସହ ଯାଇଥିଲେ। ତେବେ ଗାଧୋଉଥିବା ସମୟରେ ଅଚାନକ ସୁମିତ୍ରାଙ୍କ ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବା ସକାଶେ ମା' ନମିତା ଉଦ୍ୟମ କରିଥିଲେ। କିନ୍ତୁ ସେ ଝିଅକୁ ଉଦ୍ଧାର କରିନପାରି ନିଜେ ବି ବୁଡିଯାଇଥିଲେ। ଗାଁ ଲୋକେ ତୁରନ୍ତ ଏନେଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ମା'-ଝିଅଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇସାରିଥିଲା। ଖବର ପାଇ ନନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଏହି ଅଘଟଣ ନେଇ ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ସାମ୍ବାଦିକଙ୍କ ମାତୃ ବିୟୋଗ



ଭଦ୍ରକ,୨୧।୮(ସଂଚାର ବ୍ୟୁରୋ): ଭଦ୍ରକର ବରିଷ୍ଠ ସାମ୍ବାଦିକ ସଞ୍ଜୟ ଦାସଙ୍କ ମା' କୁସୁମଲତା ଦାସଙ୍କର ଆଜି ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଗତ କିଛିଦିନ ହେବ ଚରମ୍ପା ୫ ନଂ ୱାର୍ଡ ପଥରଆଡ଼ିସ୍ଥିତ ତାଙ୍କ ଘରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଜଣେ ମେଳାପୀ ଓ ଧର୍ମପ୍ରାଣ ମହିଳା ଭାବେ ବେଶ୍ ପରିଚିତ ଥିଲେ। ଏଥିସହ ସେ ଶିକ୍ଷକତାରେ ମଧ୍ୟ ବେଶ ସୁନାମ ଅର୍ଜନ କରିଥିଲେ। ସ୍ୱର୍ଗତଃ ଦିନେଶ ଚନ୍ଦ୍ର ଦାସଙ୍କ ପତ୍ନୀ କୁସୁମଲତାଙ୍କ ଅନ୍ତିମ ସଂସ୍କାର ଚରମ୍ପାସ୍ଥିତ ଗ୍ରାମ ଶ୍ମଶାନରେ ସମ୍ପନ୍ନ ହୋଇଛି। ବଡ଼ ପୁଅ ପ୍ରବୀର ତାଙ୍କୁ ମୁଖାଗ୍ନି ଦେଇଥିବା ବେଳେ ଶ୍ମଶାନରେ ତାଙ୍କର ଦୁଇ ପୁତ୍ର ଓ ପୁତ୍ରବଧୂ, ତିନି ଝିଅଜ୍ୱାଇଁ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସମେତ ଜିଲ୍ଲାର ବହୁ ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଗଭୀର ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏଥିସହ କୁସୁମଲତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବୋରିଗୁମ୍ମା ବନ୍ଦ ଡାକରାକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ବୋରିଗୁମ୍ମା ବନ୍ଦ ଡାକରାକୁ ସମର୍ଥନ ଜଣାଇଲା କଂଗ୍ରେସ। ବୋରିଗୁମ୍ମାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଘୋଷଣା ଲାଗି ସ୍ଥାନୀୟ ଲୋକଙ୍କ ଦାବିକୁ ସମର୍ଥନ ଜଣାଇଛି କଂଗ୍ରେସ। ବୋରିଗୁମ୍ମା ସବୁଠାରୁ ବଡ଼ ବ୍ଲକ ହୋଇଥିବା ବେଳେ ସରକାର ପୂର୍ବରୁ ଏହାକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନିକଟରେ ରାଜ୍ୟ ସରକାର ୧୨ଟି ନୂଆ ଏନ୍‌ଏସି ଘୋଷଣା କରିଥିଲେ ହେଁ ଏଥିରେ ବୋରିଗୁମ୍ମାକୁ ସ୍ଥାନ ମିଳିନାହିଁ। ତେଣୁ ଏହା ପ୍ରତିବାଦରେ ଆସନ୍ତାକାଲି ବୋରିଗୁମ୍ମା ବନ୍ଦ ଡାକରା ଦିଆଯାଇଛି। ସ୍ଥାନୀୟ ବିଧାୟକ କଂଗ୍ରେସର ହୋଇଥିବାରୁ ସରକାର ବୋରିଗୁମ୍ମା ପ୍ରତି ଅବହେଳା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ଯଦି ଦ୍ୱିତୀୟ ପର୍ଯ୍ୟାୟରେ ବୋରିଗୁମ୍ମାକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାନଯାଏ, ତା'ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବୋରିଗୁମ୍ମା ବନ୍ଦ ପାଇଁ ଡାକରା ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଯୌତୁକ ନିର୍ଯାତନା ପଡ଼ିଲା ମହଙ୍ଗା ସ୍ୱାମୀ, ଯା'ଙ୍କୁ ୨ ବର୍ଷ ଜେଲ

ବ୍ରହ୍ମପୁର,୨୧।୮(ସଂଚାର ବ୍ୟୁରୋ): ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମ୍‌ଏଫସି) ରାଜଶ୍ରୀ ଆରିୟବାଳା ତ୍ରିପାଠୀ ଗୁରୁବାର ଏକ ଯୌତୁକ ନିର୍ଯାତନା ମାମଲାର ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ଆଧାରରେ ମାଜିଷ୍ଟ୍ରେଟ ନିର୍ଯାତିତା ମହିଳାଙ୍କ ସ୍ୱାମୀ ସଦର ଥାନା ଅନ୍ତର୍ଗତ ଗୁରୁଣ୍ଡି ଗ୍ରାମର ସୀମାଞ୍ଚଳ ମହାରଣା ଓ ଯା' ଜୟନ୍ତୀ ମହାରଣାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।



ମାଜିଷ୍ଟ୍ରେଟ ଉଭୟଙ୍କୁ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରତ୍ୟେକ ୫ ହଜାର ଟଙ୍କା ଲେଖାଏ ଜରିମାନା ଦେବେ, ନଚେତ ଅଧିକ ୨ମାସ ଜେଲ ଭୋଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୫ ଜୁନ ୧୨ ତାରିଖରେ ବିଜୟଲକ୍ଷ୍ମୀ ମହାରଣାଙ୍କୁ ସୀମାଞ୍ଚଳ ବୈଦିକ ରୀତିରେ ବିବାହ କରିଥିଲେ। କନ୍ୟା ପକ୍ଷରୁ ଯୌତୁକ ବାବଦକୁ ସୁନା ଗହଣା, ଟଙ୍କା ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ବିଜୟଲକ୍ଷ୍ମୀଙ୍କୁ ସ୍ୱାମୀ ଓ ଯା' ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏହା ଅସହ୍ୟ ହେବାରୁ ୨୦୧୮ରେ ବିଜୟଲକ୍ଷ୍ମୀ ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୪୩/୧୮) ରୁଜୁ କରିଥିଲା। ପରେ ବିଜୟଲକ୍ଷ୍ମୀଙ୍କ ସ୍ୱାମୀ ଏବଂ ଯା'ଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ମାମଲାର ବିଚାର ବେଳେ ୧୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏପିପି ସୁରେନ୍ଦ୍ରନାଥ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ପର୍ଯ୍ୟଟନ ବିକାଶ ପାଇଁ ୩ ଚୁକ୍ତି ସ୍ୱାକ୍ଷରିତ

■ ବିଶ୍ୱସ୍ତରରେ ପହଞ୍ଚିବ ଐତିହ୍ୟ ସଂରକ୍ଷଣ ଓ ପର୍ଯ୍ୟଟନ ବିବିଧତା: ଉପମୁଖ୍ୟମନ୍ତ୍ରୀ

■ ଅତୁଳନୀୟ ସାଂସ୍କୃତିକ ଐତିହ୍ୟ ପୁନର୍ଜୀବିତ ହେବ: ସୂରଜ




ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନରେ ପର୍ଯ୍ୟଟନ ବିଭାଗର ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟର ପର୍ଯ୍ୟଟନ ବିକାଶରେ ଯୋଡ଼ି ହୋଇଥିବା ଏହି ନୂତନ ଫର୍ଦ୍ଦର ଉନ୍ମୋଚନ ଅବସରରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାକ୍ଷରିତ ହୋଇଥିବା ୩ ଚୁକ୍ତି ରାଜ୍ୟର ଐତିହ୍ୟ ସଂରକ୍ଷଣ, ପର୍ଯ୍ୟଟନ ବିବିଧତାକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ଦିଗରେ ସହାୟକ ହେବ। ଏଥିସହ ଏହି ପ୍ରକଳ୍ପଗୁଡ଼ିକୁ ମିଶନ୍ ମୋଡରେ କାର୍ଯ୍ୟକାରୀ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀମତୀ ପରିଡ଼ା ମତ ବ୍ୟକ୍ତ କରିଛନ୍ତି।

ସେହିପରି ଶ୍ରୀ ସୂରଜ ବୌଦ୍ଧ ପର୍ଯ୍ୟଟନ ପଦକ୍ଷେପକୁ ଏକ ଐତିହାସିକ ସହଭାଗିତା ଭାବେ ବର୍ଣ୍ଣନା କରି କହିଛନ୍ତି ଯେ ଏହା ରାଜ୍ୟର ଅତୁଳନୀୟ ସାଂସ୍କୃତିକ ଐତିହ୍ୟକୁ ପୁନର୍ଜୀବିତ କରିବା ସହ ପ୍ରୋତ୍ସାହନ ବି ପ୍ରଦାନ କରିବ। ଏହାଛଡ଼ା ଶ୍ରୀ ଆହୁଜା ଓଡ଼ିଶା ଭିଜନ ୨୦୩୬ରେ ପର୍ଯ୍ୟଟନର ଭୂମିକା ଉପରେ ଗୁରୁତ୍ୱାରୋପ କରି ପର୍ଯ୍ୟଟନ କେବଳ ଆର୍ଥିକ ବିକାଶରେ ଯୋଗଦାନ ଦେଉନାହିଁ, ବରଂ ସଂସ୍କୃତିର ସଂରକ୍ଷଣ ଓ ଜୀବିକା ସୃଷ୍ଟି ଦିଗରେ ମଧ୍ୟ ସାହାଯ୍ୟ କରୁଛି ବୋଲି କହିଛନ୍ତି। ଏହି ଚୁକ୍ତିଗୁଡ଼ିକ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ, ମାଡ୍ରାସ, ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟ୍ସ (ଏନ୍‌ଆଇଡବ୍ଲ୍ୟୁଏସ୍), ଗୋଆ ଓ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ୍ ଇଣ୍ଟରନ୍ୟାସନାଲ୍ (ଏଲ୍‌ବିଡିଏଫ୍‌ଆଇ) ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ଆଇଆଇଟି ମାଡ୍ରାସ ସହ ହୋଇଥିବା ଚୁକ୍ତି ଅନୁସାରେ, ଓଡ଼ିଶା ଐତିହ୍ୟ ସ୍ମାରକୀଗୁଡ଼ିକର ସାଇଣ୍ଟିଫିକ୍ ଷ୍ଟ୍ରକ୍ଟରାଲ୍ ଅଡିଟ୍ ଓ ସଂରକ୍ଷଣ ନିମନ୍ତେ ଉନ୍ନତ ବୈଜ୍ଞାନିକ କୌଶଳ ବ୍ୟବହାର କରାଯିବ। ଏଥିରେ ବିସ୍ତୃତ ଡକ୍ୟୁମେଣ୍ଟେସନ୍, ସାମଗ୍ରୀ ପରୀକ୍ଷଣ, ଭୂ-ବୈଷୟିକ ତଦନ୍ତ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ଅନ୍ତର୍ଭୁକ୍ତ ହେବ। ଏଥିରେ ସ୍ଥାୟୀ ପୁନଃବ୍ୟବହାର ଯୋଜନା ଓ ପ୍ରକଳ୍ପ ପରିଚାଳନା ପରାମର୍ଶ ସହାୟତା ମଧ୍ୟ ଅନ୍ତର୍ଭୁକ୍ତ, ଯାହାର ଲକ୍ଷ୍ୟ ଓଡ଼ିଶାର ଐତିହାସିକ ସ୍ଥାନଗୁଡ଼ିକର ଦୀର୍ଘକାଳୀନ ସଂରକ୍ଷଣ ସୁନିଶ୍ଚିତ କରିବା। ଏହି ବୁଝାମଣାପତ୍ର ଓଡ଼ିଶାର ଅମୂଲ୍ୟ ଐତିହ୍ୟ ସମ୍ପତ୍ତିଗୁଡ଼ିକର ସଂରକ୍ଷଣ ଓ ପୁନରୁଦ୍ଧାର ଉପରେ ଦୃଷ୍ଟିନିବଦ୍ଧ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଓଡ଼ିଶାରେ ଜଳଭିତ୍ତିକ ଦୁଃସାହସିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାକୁ ଏନ୍‌ଆଇଡବ୍ଲ୍ୟୁଏସ୍ ସହ ପର୍ଯ୍ୟଟନ ବିଭାଗ ସ୍ୱାକ୍ଷର କରିଥିବା ଚୁକ୍ତି ଅଧୀନରେ ଏନ୍‌ଆଇଡବ୍ଲ୍ୟୁଏସ୍ ଅନ୍ତର୍ଜାତୀୟ ମାନଦଣ୍ଡ ସହ ବୈଷୟିକ ବିଶେଷଜ୍ଞତା ପ୍ରଦାନ କରିବ ଓ ସୁରକ୍ଷା ଅଡିଟ୍ ଦାୟିତ୍ୱ ବହନ କରିବ। ଏଥିସହ ଅପରେଟର, ଲାଇଫଗାର୍ଡ ଓ ଦୁଃସାହସିକ ଖେଳାଳିମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦେବ। ଏହାଦ୍ୱାରା ରାଜ୍ୟରେ ଜଳଭିତ୍ତିକ ଦୁଃସାହସିକ ପର୍ଯ୍ୟଟନରେ ଏହା ଏକ ନୂତନ ଫର୍ଦ୍ଦ ଯୋଡ଼ିଥିବା ଶ୍ରୀମତୀ ପରିଡ଼ା କହିଛନ୍ତି। ଆହୁରି ପର୍ଯ୍ୟଟନ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଏବଂ ଏଲ୍‌ବିଡିଏଫ୍‌ଆଇ ମିଳିତ ଭାବେ ବୌଦ୍ଧ ତୀର୍ଥ ପର୍ଯ୍ୟଟନକୁ ପ୍ରୋତ୍ସାହନ ପ୍ରଦାନ କରିବେ।

জীবন অমৃত অনুচিন্তা

প্রকৃত ধন-আজি পর্যন্ত কেহি পার্থিক ধন সংসাররু নেই আর পারিকু যাই নাহাঁন্তি। যাহা নেইছন্তি তাহা সত কর্ম বা পুণ্যর ফল। এহা হিঁ প্রকৃত ধন যাহা আর পারিরে সহায়ক হোইথাএ।

sanchar.live

# ସମ୍ପାଦକୀୟ

SANCHAR
ସଂଚାର



# ମନୁଷ୍ୟ ଓ ହାତୀ ସଂଘର୍ଷ ଏକ ଗମ୍ଭୀର ସମସ୍ୟା

ଓଡ଼ିଶାରେ ମନୁଷ୍ୟ ଓ ହାତୀ ମଧ୍ୟରେ ସଂଘର୍ଷ ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ଏହି ସଂଘର୍ଷ କେବଳ ମନୁଷ୍ୟ ଓ ହାତୀ ମଧ୍ୟରେ ଏକ ଦ୍ୱନ୍ଦ୍ୱ ନୁହେଁ, ବରଂ ପରିବେଶ ସଂରକ୍ଷଣ, ଜୀବବୈଚିତ୍ର୍ୟ ଓ ମାନବ ଜୀବନର ସୁରକ୍ଷା ସହ ଜଡ଼ିତ ଏକ ଜଟିଳ ପ୍ରଶ୍ନ। ଓଡ଼ିଶାର ଅନେକ ଅଞ୍ଚଳରେ, ବିଶେଷତଃ କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲ୍ଲାରେ, ହାତୀ ଗାଁ ଓ ଖେତଖଳା ଆଡ଼କୁ ଆସି ଫସଲ ନଷ୍ଟ କରୁଛନ୍ତି, ଘରବାଡ଼ି ଭାଙ୍ଗୁଛନ୍ତି ଏବଂ ଅନେକ ସମୟରେ ମନୁଷ୍ୟଙ୍କ ଜୀବନ ହରାଉଛନ୍ତି। ଏହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ସୃଷ୍ଟି କରୁଛି, ଯାହା ହାତୀ ସଂରକ୍ଷଣ ପ୍ରତି ନକାରାତ୍ମକ ମନୋଭାବ ସୃଷ୍ଟି କରୁଛି।

ଏହି ସଂଘର୍ଷର ମୂଳ କାରଣ ହେଉଛି ହାତୀଙ୍କ ପ୍ରାକୃତିକ ବାସସ୍ଥାନର କ୍ଷୟ। ଅତ୍ୟଧିକ ଜଙ୍ଗଲ ନିର୍ମୂଳ, ଖଣି ଖନନ, ଶିଳ୍ପାୟନ ଓ କୃଷି ବିସ୍ତାର ଯୋଗୁଁ ହାତୀମାନେ ଖାଦ୍ୟ ଓ ଆଶ୍ରୟ ପାଇଁ ଗାଁ ଆଡ଼କୁ ଆସୁଛନ୍ତି। ଏହା ସହିତ, ଜନସଂଖ୍ୟା ବୃଦ୍ଧି ଓ ମାନବ ଅଧିକାର ଜଙ୍ଗଲ ଅଞ୍ଚଳ ଆଡ଼କୁ ବଢ଼ିବା ଯୋଗୁଁ ହାତୀ ଓ ମନୁଷ୍ୟଙ୍କ ମଧ୍ୟରେ ସାକ୍ଷାତ ବଢ଼ୁଛି। ଅନେକ ସମୟରେ, ହାତୀମାନେ ଫସଲ ଖାଇବା ପାଇଁ ଖେତକୁ ଆସନ୍ତି, ଯାହା କୃଷକଙ୍କ ଜୀବନଜୀବିକା ପ୍ରତି ହାନି ଘଟାଉଛି। ଏହା ଫଳରେ ସ୍ଥାନୀୟ ଲୋକେ ହାତୀଙ୍କ ବିରୁଦ୍ଧରେ ପ୍ରତିଶୋଧମୂଳକ କାର୍ଯ୍ୟ କରୁଛନ୍ତି, ଯାହା ଏହି ସଂଘର୍ଷକୁ ଆହୁରି ଜଟିଳ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ବହୁମୁଖୀ ପଦକ୍ଷେପ ଆବଶ୍ୟକ। ପ୍ରଥମେ, ହାତୀଙ୍କ ପାଇଁ ପ୍ରାକୃତିକ ବାସସ୍ଥାନ ସଂରକ୍ଷଣ କରାଯିବା ଜରୁରୀ। ଜଙ୍ଗଲ ପୁନରୁଦ୍ଧାର, ଅବୈଧ କାଠ କଟା ଓ ଖଣି ଖନନ ଉପରେ କଡ଼ା ନିୟମ ଲାଗୁ କରାଯାଇ ହାତୀଙ୍କ ପାଇଁ ନିରାପଦ ବାସସ୍ଥାନ ସୁନିଶ୍ଚିତ କରାଯାଇ ପାରିବ। ଦ୍ୱିତୀୟତଃ,



ହାତୀ ଗମନାଗମନ ପାଇଁ ନିର୍ଦ୍ଦିଷ୍ଟ କରିଡର ନିର୍ମାଣ କରାଯାଇ ପାରି, ଯାହା ମନୁଷ୍ୟ ଅଧ୍ୟୁଷିତ ଅଞ୍ଚଳକୁ ତାଙ୍କର ପ୍ରବେଶ ହ୍ରାସ କରିବ। ଏହା ସହିତ, ସ୍ଥାନୀୟ ଲୋକଙ୍କୁ ହାତୀଙ୍କ ଆଚରଣ ଓ ସୁରକ୍ଷା ବିଷୟରେ ସଚେତନ କରାଯାଇ ପାରି। ଉଦାହରଣ ସ୍ୱରୂପ, ସୌର ଶକ୍ତି ଚାଳିତ ବାଡ଼ ଓ ଶବ୍ଦ ଉତ୍ପାଦନକାରୀ ଉପକରଣ ବ୍ୟବହାର କରି ହାତୀଙ୍କୁ ଗାଁରୁ ଦୂରେଇ ରଖାଯାଇ ପାରିବ।

ସରକାରୀ ଉଦ୍ୟମ ସହିତ ସ୍ଥାନୀୟ ଜନସାଧାରଣଙ୍କର ସହଯୋଗ ଅତ୍ୟନ୍ତ ଜରୁରୀ। ହାତୀ ଦ୍ୱାରା କ୍ଷତିଗ୍ରସ୍ତ କୃଷକଙ୍କୁ ତୁରନ୍ତ କ୍ଷତିପୂରଣ ଓ ବୀମା ଯୋଗାଇ ଦିଆଯାଇ ପାରିବ, ଯାହା ସେମାନଙ୍କର ଅସନ୍ତୋଷ ହ୍ରାସ କରିବ। ଏହା ସହିତ, ଗ୍ରାମୀଣ ଅଞ୍ଚଳରେ ବିକଳ୍ପ ଜୀବିକା ସୁଯୋଗ ସୃଷ୍ଟି କରାଯାଇ ଜଙ୍ଗଲ ଉପରେ ନିର୍ଭରଶୀଳତା ହ୍ରାସ କରାଯାଇ ପାରିବ। ସ୍ଥାନୀୟ ସଂଗଠନ ଓ ବନ ବିଭାଗର ମିଳିତ ଉଦ୍ୟମ ମାଧ୍ୟମରେ ହାତୀଙ୍କୁ ଟ୍ରାକ୍ କରିବା ଓ ସେମାନଙ୍କୁ ନିରାପଦ ଅଞ୍ଚଳକୁ ଫେରାଇ ନେବା ପାଇଁ ଆଧୁନିକ ପ୍ରଯୁକ୍ତି ବ୍ୟବହାର କରାଯାଇ ପାରିବ। ହାତୀ ଓଡ଼ିଶାର ପ୍ରାକୃତିକ ଐଶ୍ୱର୍ଯ୍ୟର ଏକ ଅଂଶ। ସେମାନଙ୍କୁ ସଂରକ୍ଷଣ କରିବା ଆମର ନୈତିକ ଦାୟିତ୍ୱ। ମନୁଷ୍ୟ ଓ ହାତୀ ମଧ୍ୟରେ ସୁସ୍ଥ ସହଅବସ୍ଥାନ ନିଶ୍ଚିତ କରିବା ପାଇଁ ସରକାର, ସମାଜ ଓ ବ୍ୟକ୍ତିଗତ ସ୍ତରରେ ମିଳିତ ଉଦ୍ୟମ ଆବଶ୍ୟକ। ଏହା କେବଳ ହାତୀଙ୍କୁ ସୁରକ୍ଷା ଦେବ ନାହିଁ, ବରଂ ଆମର ପରିବେଶ ଓ ଜୀବବୈଚିତ୍ର୍ୟକୁ ମଧ୍ୟ ସଂରକ୍ଷଣ କରିବ।

# ଜିଏସଟିରେ ପ୍ରସ୍ତାବିତ ସଂସ୍କାର

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ଦ୍ରବ୍ୟ ଓ ସେବା କର (ଜିଏସଟି) ବ୍ୟବସ୍ଥାରେ ସଂସ୍କାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ହେଉଛି ସାହାସିକ ଏବଂ ସମୟୋପଯୋଗୀ ବୋଲି କୁହାଯାଇପାରିବ। ୭୯ତମ ସ୍ୱାଧୀନତା ଦିବସ ଉତ୍ସବରେ ଲାଲକିଲ୍ଲାରେ ଦେଶବାସୀଙ୍କୁ ସମ୍ବୋଧିତ କରିବା ଅବସରରେ ଜିଏସଟି ସ୍ଲାବରେ ଆସନ୍ତା ଦୀପାବଳୀ ପୂର୍ବରୁ ହ୍ରାସ ନେଇ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ଏଣିକି ଜିଏସଟି ୪ଟି ନୁହେଁ, ୨ଟି ସ୍ଲାବ ବିଶିଷ୍ଟ ହେବା ନେଇ ଅର୍ଥମନ୍ତ୍ରାଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ଦେଶରେ ଚାରୋଟି ତଥା ୫%, ୧୨% ଏବଂ ୨୮% ଆକାରରେ ଜିଏସଟି ସ୍ଲାବ ରହିଛି। ଏହାକୁ କେବଳ ୫% ଏବଂ ୧୮ ପ୍ରତିଶତ ସ୍ଲାବରେ ସୀମିତ ରଖାଯିବା ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଉଭୟ ମଧ୍ୟବିତ ଏବଂ ବ୍ୟବସାୟୀ ସମୁଦାୟ ଲାଭବାନ ହେବା ନେଇ ମନ୍ତ୍ରଣାଳୟ ଦାବି କରିଛି। କୁହାଯାଇଛି ଯେ, ୯୯ପ୍ରତିଶତ ସାମଗ୍ରୀର ସ୍ଲାବ ବା ଟିକସ ହାର ୧୨ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯିବ। ସେହିପରି ୯୦ ପ୍ରତିଶତର ଟିକସ ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯିବ। ଯାହାକି ଖାଉଟିଙ୍କ ଉପରୁ ଟିକସର ବୋଝ ହ୍ରାସ କରିବ। କେବଳ ଏତିକି ନୁହେଁ, ସ୍ଲାବର ନମ୍ବର ହାର ଅନୁପାତରେ ଏବଂ ବିଭିନ୍ନ ସାମଗ୍ରୀର ଟିକସହାର ହ୍ରାସ ଉଭୟ ଅସ୍ପଷ୍ଟତା ବା ଦ୍ୱୈର୍ଥତା ଏବଂ ମାମଲା ହ୍ରାସ କରିବା ନେଇ ଆଶା କରାଯାଏ। ଯାହା ଏବେ ଚଳିତ ଜିଏସଟି ଢାଞ୍ଚା ସହ ବ୍ୟବସାୟ କ୍ଷେତ୍ରରେ ସବୁଠୁ ବଡ ସମସ୍ୟା ଭାବେ ଉଭା ହୋଇଛି। ସେହିପରି ରିଟର୍ଣ୍ଣ ଫାଇଲିଂ, ପ୍ରାପ୍ୟ ଫେରସ୍ତ, ପଂଜୀକରଣ କ୍ଷେତ୍ରରେ ଜିଏସଟିରେ ସଂସ୍କାର ଏବଂ ଟିକସ ହାର ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ଆହୁରି ମଧ୍ୟ ଜିଏସଟିର ସରଳୀକରଣ କେବଳ ସାମଗ୍ରୀର ମୂଲ୍ୟ ହ୍ରାସ କରିବ ନାହିଁ, କରଦାତାମାନଙ୍କ ପାଇଁ ମଧ୍ୟ ଟିକସ ପଇଠରେ ସହଜସାଧ ହେବ। ସହଜଜସାଧ ପଂଜୀକରଣ, ସରଳୀକୃତ ରିଟର୍ଣ୍ଣସ ଏବଂ ଫେରସ୍ତକୁ ତ୍ୱରାନ୍ୱିତ କରିବା ନିଶ୍ଚିତ ଭାବେ କେନ୍ଦ୍ର ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବେ ବିବେଚିତ ହେବ। ଉଲ୍ଲେଖଯୋଗ୍ୟ ଯେ, ଆୟକର କ୍ଷେତ୍ରରେ ବ୍ୟାପକ ସରଳୀକରଣ ପାଇଁ ନିକଟରେ କେନ୍ଦ୍ର ସରକାର ପାର୍ଲିଆମେଣ୍ଟରେ ସଂଶୋଧିତ ଆୟକର ବିଲ୍ ଆଗତ କରିଛନ୍ତି। ଜିଏସଟିରେ ସଂସ୍କାର ଏବଂ ଆୟକରରେ ସଂଶୋଧନ ୨୦୨୫ ଟିକସ ସଂସ୍କାରର ବର୍ଷ ଭାବେ ବିବେଚିତ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ମନେ କରେ। ଏହା ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ କ୍ଷେତ୍ରରେ ଖାଉଟି ଓ ବ୍ୟବସାୟୀଙ୍କ ପାଇଁ ଲାଭଦାୟକ ହେବ। ଏହା ନିସନ୍ଦେହ ଯେ, ଜିଏସଟି ଟିକସ ହାର ହ୍ରାସ ଦେଶର ରାଜସ୍ୱ ଆୟ ହ୍ରାସ କରିବ। କିନ୍ତୁ ଦର ବା ମୂଲ୍ୟ ହ୍ରାସ ଯୋଗୁଁ ଖାଉଟିଙ୍କ ଚାହିଦା ବୃଦ୍ଧି ପାଇବ, ଯାହାକି ଦେଶର ଅର୍ଥନୀତି ପାଇଁ ସହାୟକ ହେବା ନେଇ କେନ୍ଦ୍ର ସରକାର ଦୃଢ଼ ନିଶ୍ଚିତ ଥିବାନେଇ ମନେହୁଏ। ସେହିପରି ଜିଏସଟି ଢାଞ୍ଚା ତଥା ଟିକସ ହ୍ରାସ, ସହଜସାଧ ପଂଜୀକରଣ, ସରଳୀକୃତ ରିଟର୍ଣ୍ଣ ଫାଇଲଂ ଏବଂ ଫେରସ୍ତ ବ୍ୟବସ୍ଥା ଯୋଗୁଁ ଟିକସ ଫାଙ୍କି ଓ ଦୁର୍ନୀତି ଲୋପ ପାଇବା ନେଇ ସରକାର ଆଶାବାଦୀ। ଉଲ୍ଲେଖଯୋଗ୍ୟ ୨୦୧୭ ମସିହାରେ ଦେଶରେ ଯେତେବେଳେ ଜିଏସଟି ବ୍ୟବସ୍ଥା ଲାଗୁ କରାଯାଇଥିଲା, ସେତେବେଳେ ସରକାର ଦରଦାମ କମିବା ନେଇ ଆଶ୍ୱାସନା ଦେଇଥିଲେ। ମାତ୍ର ବାସ୍ତବ କ୍ଷେତ୍ରରେ ଜିଏସଟି ଲାଗୁ ପରେ ବିଭିନ୍ନ ସାମଗ୍ରୀର ଦରଦାମ ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ସେହିପରି ଅତ୍ୟାବଶ୍ୟକୀୟ ଖାଦ୍ୟସାମଗ୍ରୀ ଜିଏସଟି ମୁକ୍ତ ହେବା ନେଇ ସରକାର ଉଭୟ ପାର୍ଲିଆମେଣ୍ଟ ଭିତରେ ଓ ବାହାରେ ବାରମ୍ବାର ଘୋଷଣା କରିଥିବା ସତ୍ତ୍ୱେ ମୂଲ୍ୟ ବୃଦ୍ଧି ଘଟିଲା। ଏପରିକି ସରକାର ଗରିବଙ୍କ ସକାଳର ଜଳଖିଆ ଭାବେ ପରିଚିତ ମୁଢ଼ି, ଚୂଡ଼ାକୁ ଜିଏସଟି ପରିସରଭୁକ୍ତ କରିଥିଲେ। ସେହିପରି କୌଣସି ପୂଜା ସାମଗ୍ରୀ ମଧ୍ୟ ଜିଏସଟିରୁ ବାଦ୍ ପଡ଼ିନଥିଲା। ରାଜସ୍ୱ ସଂଗ୍ରହ ସରକାରଙ୍କର ଜିଏସଟି ଲାଗୁର ମୁଖ୍ୟ ଲକ୍ଷ ଥିଲା। ଦରଦାମ ବୃଦ୍ଧି କ୍ରମଶଃ ଜନସାଧାରଣଙ୍କ ଦେହସୁହା ହୋଇଥିବାବେଳେ ଖାଉଟିଙ୍କ ଚାହିଦା ହ୍ରାସ ଏବଂ ମଧ୍ୟବିତଙ୍କ ସଞ୍ଚୟ ହ୍ରାସ ମୁଣ୍ଡବ୍ୟଥାର କାରଣ ଭାବେ ଉଭା ହୋଇଥିଲା। ବିଭିନ୍ନ ସାମଗ୍ରୀ ଉପରୁ ଟିକସ ହ୍ରାସ ନିଶ୍ଚିତ ଭାବେ ଖାଉଟିଙ୍କ ବ୍ୟୟ ଚାହିଦାକୁ ବୃଦ୍ଧି କରିବ। କିନ୍ତୁ ରାଜସ୍ୱ ଆୟ ହ୍ରାସ ପାଇବ। ରିଜର୍ଭ ବ୍ୟାଙ୍କର ଆକଳନ ଅନୁଯାୟୀ ଏବେ ଦେଶରେ ଜିଏସଟିର ହାରାହାରି ଟିକସ ହାର ୧୧.୬ ପ୍ରତିଶତ ଥିବାବେଳେ ସ୍ଲାବ ହ୍ରାସ ଯୋଗୁଁ ଅର୍ଥନୀତି ଆଘାତ ପ୍ରାପ୍ତ ହେବ। ଅନ୍ୟପକ୍ଷରେ କେନ୍ଦ୍ରୀୟ ଟିକସ ଅଂଶ ବୃଦ୍ଧି ପାଇଁ ଷୋଡଶ ଅର୍ଥକମିଶନଙ୍କ ନିକଟରେ ରାଜ୍ୟଗୁଡିକର ଦାବି ମଧ୍ୟ ବୃଦ୍ଧି ପାଇଛି। କେନ୍ଦ୍ର ସରକାର ଏହାର କିପରି ସମାଧାନ କରିବେ ଭବିଷ୍ୟତ କହିବ। ଆହୁରି ମଧ୍ୟ ପେଟ୍ରୋଲିୟମ ଜାତ ସାମଗ୍ରୀ ତଥା ପେଟ୍ରୋଲ, ଡିଜେଲ ଖୁବ ଶୀଘ୍ର ଜିଏସଟି ପରିସରଭୁକ୍ତ ହେବା ସମ୍ଭାବନା ଥିବାରୁ ରାଜ୍ୟଗୁଡିକ ବିଶେଷ ଆର୍ଥୀକ କ୍ଷତିର ସମ୍ମୁଖୀନ ହେବା ସମ୍ଭାବନା ଅଧିକ ରହିଛି। କାରଣ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, କିରୋସିନୀରୁ ରାଜ୍ୟଗୁଡିକ ସର୍ବାଧିକ ରାଜସ୍ୱ ଆୟ କରିଥାନ୍ତି। ଏହାକୁ ରାଜ୍ୟଗୁଡିକ ସିଧାସଳଖ ମଧ୍ୟ ବିରୋଧ କରିପାରିବେ ନାହିଁ। ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ, କିରୋସିନୀ ଜିଏସଟିଭୁକ୍ତ ହେଲେ, ମୂଲ୍ୟ କମିବା ସହ ଖାଉଟି ସର୍ବାଧିକ ଲାଭବାନ ହେବେ। ତେଣୁ ରାଜ୍ୟଗୁଡିକ ପୁଣି ଥରେ କେନ୍ଦ୍ର ନିକଟରୁ ଅଧିକ କ୍ଷତିପୂରଣ ଦାବି କରିପାରନ୍ତି। ତେବେ ଏହାର ସମାଧାନ କେନ୍ଦ୍ର ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହେବ, ଏଥିରେ ସନ୍ଦେହ ନାହିଁ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩




# ଜଳବାୟୁ ପରିବର୍ତ୍ତନ ଓ ଆମ ଭବିଷ୍ୟ ପିଢ଼ି

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ଜଳବାୟୁ ଓ ପାଣିପାଗ ମଧ୍ୟରେ ଫରକକୁ ଏକ ଜନପ୍ରିୟ ଶବ୍ଦାବଳୀରେ ପ୍ରକାଶ କରାଯାଏ: "ତୁମେ ଯାହା ଆଶା କର ତାହା ଜଳବାୟୁ, ତୁମେ ଯାହା ପାଅ ତାହା ପାଣିପାଗ।" ଐତିହାସିକ ସମୟରୁ ଦ୍ରାଘିମା, ଉଚ୍ଚତା, ଜଳ-ସ୍ଥଳର ଅନୁପାତ ଓ ସମୁଦ୍ର-ପର୍ବତ ଭଳି ଅନେକ ଗୁଡ଼ିଏ ସ୍ଥିର ଭାରିଏବଲ ଅଛି। ପ୍ଲେଟ ଟେକ୍ଟିନିକସ ଯୋଗୁ ଏମାନଙ୍କର ନିୟୁତ ନିୟୁତ ବର୍ଷ ଧରି ପରିବର୍ତ୍ତନ ହୋଇଆସୁଛି। ଅନ୍ୟାନ୍ୟ ନିର୍ଦ୍ଧାରକମାନଙ୍କ ମଧ୍ୟରେ ସମୁଦ୍ରର ଥର୍ମୋହାଲାଇନ ସଞ୍ଚାଳନ ଯୋଗୁ ଅନ୍ୟାନ୍ୟ ସମୁଦ୍ର ବେସିନ ଅପେକ୍ଷା ଆଟଲାଣ୍ଟିକ ସମୁଦ୍ରରେ ୫ °ସେ (୯ °ଫା) ଉଷ୍ମତା ବୃଦ୍ଧି ହେଉଛି। ଜଳବାୟୁ ଯାହାକୁ ଇଂରାଜୀ ଭାଷାରେ CLIMATE କହିଲେ ଦୀର୍ଘ ୩୦ ବର୍ଷର ସ୍ୱାଭାବିକ ପାଣିପାଗର ହାରାହାରି ପରିସଂଖ୍ୟାନକୁ ବୁଝାଏ। ବାୟୁମଣ୍ଡଳର ଚାପ, ଆର୍ଦ୍ରତା, ଉତ୍ତାପ, ଆର୍ଦ୍ରତା, ପବନ ଓ ପ୍ରେସିପିଟେସନକୁ ହିସାବକୁ ନେଇ ଏହି ଜଳବାୟୁ ବିଷୟରେ ପୂର୍ବାନୁମାନ କରାଯାଏ। ବ୍ୟାପକ ଅର୍ଥରେ ସମୁଦ୍ର ଓ ପୃଥିବୀରେ ଥିବା ବରଫକୁ ଜଳବାୟୁ ମଣ୍ଡଳର ଅଂଶ ଭାବରେ ହିସାବକୁ ନେଲେ ଯାହା ବୁଝାଏ ତାହାକୁ ଜଳବାୟୁ କୁହାଯାଏ। କୌଣସି ସ୍ଥାନର ଜଳବାୟୁ ତାହାର ଦ୍ରାଘିମା, ଇଲାକା , ଉଚ୍ଚତା, ଜଳ ଭଣ୍ଡାର ଓ ତାହାର ସ୍ରୋତ ଅନୁସାରେ ପ୍ରଭାବିତ ହୁଏ।

ତେବେ ଜଳବାୟୁ ପରିବର୍ତ୍ତନ ହେବାର ମୁଖ୍ୟ କାରଣ ବର୍ତ୍ତମାନ କଣ ହୋଇପାରେ ଆସନ୍ତୁ ଆଲୋକପାତ କରିବା। ଅନବରତ ପରିବର୍ତ୍ତନଶୀଳ ବିଶ୍‌ୱରେ ଅନେକ ଘଟନା ଆପେ ଆପେ ଘଟେ। ଯାହା ବିବର୍ତ୍ତନର ଦ୍‌ୱାର ଖୋଲେ। ତନ୍ମଧ୍ୟରୁ ମହାଦେଶୀୟ ଭୁସ୍ଖଳନ, ଆଗ୍ନେୟଗିରି ଉଦ୍ଗୀରଣ, ପୃଥିବୀର ଭାରସାମ୍ୟ ନଷ୍ଟ ଓ ସାମୁଦ୍ରିକ ସ୍ରୋତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ ଭୂମିକା ଗ୍ରହଣ କରିଛି। ଜଳବାୟୁ କହିଲେ ଦୀର୍ଘ ସମୟ ମଧ୍ୟରେ ହାରାହାରି ପାଣିପାଗକୁ ବୁଝାଏ। ତେଣୁ ଉଭୟ ପାଣିପାଗ ଓ ଜଳବାୟୁ ଘନିଷ୍ଠ ଭାବରେ ସମ୍ପୃକ୍ତ। ଜଳବାୟୁ ଦ୍‌ୱାରା ବିଭିନ୍ନ ରକମର ଉଦ୍ଭିଦ ଜାତ ହୁଅନ୍ତି। ପୃଥିବୀର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରକମର ଜଳବାୟୁ ଦେଖାଯାଏ। କେବଳ ଗୋଟିଏ ସ୍ଥାନର ବିଷୁବରେଖାଠାରୁ ଦୁରତ୍‌ୱ ଜଳବାୟୁ ପରିବର୍ତ୍ତନ କରେ ନାହିଁ। ସମୁଦ୍ର ସ୍ରୋତ ମଧ୍ୟ ଜଳବାୟୁ ନିର୍ଣ୍ଣୟ କରେ। ଉଷ୍ଣ ଓ ଶୀତଳ ସମୁଦ୍ର ସ୍ରୋତମାନ ପ୍ରବାହିତ ହେଲେ, ସେହି ଅଞ୍ଚଳମାନଙ୍କୁ ଗରମ ଓ ଥଣ୍ଡା ରଖେ। ତାଛଡା ପୃଥିବୀର ବାୟୁ ପ୍ରବାହ ବ୍ୟବସ୍ଥା, ଜଳିଆ ବାଷ୍ପର ପରିମାଣ, ଜଳବାୟୁ ଉପରେ ପ୍ରଭାବ ପକାଏ। କେତେ ବର୍ଷ ଅନ୍ତରରେ ପ୍ରବାହିତ ହେଉଥିବା ଏଲ୍ନିନୋ ସମୁଦ୍ର ସ୍ରୋତ ମଧ୍ୟ ଜଳବାୟୁକୁ ବଦଳାଏ। ଅନେକ ସମୟରେ ବାଣିଜ୍ୟ ବାୟୁ ଦୁର୍ବଳ ହୁଏ ଏବଂ ତାପମାତ୍ରା ଓ ବୃଷ୍ଟିପାତ ବ୍ୟବସ୍ଥା ବଦଳେ। ଏହାକୁ ଦକ୍ଷିଣ ଅସିଲେସନ୍ କହନ୍ତି। ଏହା ପୃଥିବୀର ଜଳବାୟୁକୁ ବଦଳାଏ। ପୃଥିବୀରେ ପ୍ରଥମେ ହିମ ବା ବରଫ ଯୁଗ ଥିଲା। ଯେତେବେଳେ ଥଣ୍ଡା ଜଳବାୟୁ ଯୋଗୁଁ ପୃଥିବୀର ଅଧିକାଂଶ ଭାଗ ବରଫ ଆଚ୍ଛାଦିତ ଥିଲା। ତା'ପରେ ଉଷ୍ଣ ଯୁଗ ଆସିଲା। ତା'ପରେ ପୁଣି ବରଫ ଯୁଗ ଆସିଲା। ନିୟୁତ ନିୟୁତ ବର୍ଷ ଧରି ଏଭଳି ଭାବରେ ପୃଥିବୀର ଜଳବାୟୁ ଚାଲୁଛି। ଲାମ୍ବା ହିମ ବା ବରଫ ଯୁଗ ଏବଂ ତାପରେ ସ୍ୱଳ୍ପ ଉଷ୍ଣ ଯୁଗ। ବରଫ ଯୁଗ ପରେ ମଧ୍ୟ ତାପମାତ୍ରା ବଦଳେ। ବୈଜ୍ଞାନିକମାନେ ମତପୋଷଣ କରନ୍ତି ଯେ, ପୃଥିବୀର ଜଳବାୟୁ ବରାବର ବଦଳେ। ଯେତେବେଳେ ପୃଥିବୀଉ ସୂର୍ଯ୍ୟରୁ ଆସୁଥିବା ଉତ୍ତାପ କମିଯାଏ, ସେତେବେଳେ ହିମ ଯୁଗ ଆସେ। ଏହାର କାରଣ ହେଲା – ପୃଥିବୀର ଅକ୍ଷ ବେଶି ଢଳିବା, ପୃଥିବୀର ଘୂର୍ଣ୍ଣନର ପରିବର୍ତ୍ତନ ହୀବା ଏବଂ ପୃଥିବୀର ପରିକ୍ରମା କକ୍ଷ ଲମ୍ବାକୃତି ହେବା। ବର୍ତ୍ତମାନ ୨୯୦ ନିୟୁତ ବର୍ଷ ପୂର୍ବେ ଥିବା ପୃଥିବୀର ହିମ ଯୁଗର ସନ୍ଧାନ ମିଳିଅଛି। ଗତ ୨ ନିୟୁତ ବର୍ଷ ମଧ୍ୟରେ ଚାରୋଟି ବୃହତ ବରଫ ଯୁଗ ଅତିବାହିତ ହୋଇଛି। ବରଫ ଯୁଗ କାଳରୁ ଉତ୍ତର ଓ ଦକ୍ଷିଣ ମେରୁରେ ବରଫମାନ ରହିଅଛି। ବିଗତ ବରଫ ଯୁଗରେ ପୃଥିବୀରେ ବିରାଟକାୟ ଲୋମଭରା ଜନ୍ତୁମାନେ ଥିଲେ। ହାତୀ ସେ ସମୟରେ ବିରାଟ ଲୋମକାୟ ଜନ୍ତୁ ଥିଲା। ୬୫ ନିୟୁତ ବର୍ଷ ପୂର୍ବେ ଜଳବାୟୁ ପରିବର୍ତ୍ତନ ହେବା ଫଳରେ ବିରାଟକାୟ ଡାଇନୋସରସ୍ ଭଳି ଜନ୍ତୁମାନେ ମରିଗଲେ। ସେହିପରି ୧୪୦ ନିୟୁତ ବର୍ଷ ପୂର୍ବେ ଥିବା ସାପ ଓ ଝିଟିପିଟି ଜାତୀୟ ବିରାଟକାୟ ଜୀବ ଲୋପ ପାଇଲେ।

ତେବେ ମନୁଷ୍ୟକୃତ କାରଣ କୁ ଏଡ଼ାଇ ଦିଆଯାଇ ନ ପାରେ। ପୃଥିବୀରେ ଯେତେ ସବୁ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ହିଁ ମଣିଷ। ଏକଥା କହିବା ଅନାବଶ୍ୟକ ଯେ ମଣିଷ ହିଁ ସମସ୍ୟା ସୃଷ୍ଟି କରେ ଓ ତା'କୁ ସମାଧାନ କରିବାକୁ ଚେଷ୍ଟାକରେ ମାତ୍ର ସେ ଭାବି ପାରିନଥାଏ ଯେ ସବୁ ସମସ୍ୟାର ସମାଧାନ ତା'ହାତରେ ନାହିଁ ବୋଲି ? ଏଭଳି ମନୁଷ୍ୟକୃତ କାରଣ ମାନଙ୍କ ମଧ୍ୟରୁ ଜଳବାୟୁ ପରିବାର୍ତ୍ତନର ମୁଖ୍ୟଭୂମିକା ଗ୍ରହଣ କରିଥିବା କାରକ ହେଉଛି ପରିବେଶ ପ୍ରଦୂଷଣ ଓ ତତ୍ ଜନିତ ସବୁଜଗୃହ ବାଷ୍ପ। ଯେଉଁ ଯେଉଁ ଉତ୍ପତ୍ତିସ୍ଥଳରୁ ଏହି ଗ୍ୟାସ ସମୂହ ବାହାରୁଛି ତାହାର ମୁଖ୍ୟ ପ୍ରଯୋଜକ ହିଁ ମଣିଷ। ମଣିଷ ମାନେ ପ୍ରତିଦିନ ଏହି ଗ୍ୟାସ ବୃଦ୍ଧିରେ ସହାୟକ ହେଉଛନ୍ତି। ଏସିଆ ମହାଦେଶର ଅନେକ ସହରରେ ଏବେ ପ୍ରଦୂଷଣର ମାତ୍ରା ବ୍ୟାପକ ବୃଦ୍ଧି ପାଇଛି। ଭାରତର ଦିଲ୍ଲୀଠାରୁ ଚୀନର ବେଜିଂ ପର୍ଯ୍ୟନ୍ତ ଆକାଶକୁ ଏବେ ପ୍ରଦୂଷଣର କଳାବାଦଲ ଢାଙ୍କି ରହିଥିବାବେଳେ, ତାହାର ପ୍ରଭାବରେ ହିମାଳୟର ବରଫଗଦାଦ୍ରୁତ ଗତିରେ ତରଳିବା ଆରମ୍ଭ କରିଛି। ଏଥିସହିତ ଜଳବାୟୁରେ ଅଦ୍ଭୁତପୂର୍ବ ପରିବର୍ତ୍ତନ ଘଟୁଥିବା ଲକ୍ଷ୍ୟ କରାଯାଇଛି ବୋଲି ଜାତିସଂଘ ଦ୍‌ୱାରା କରାଯାଇଥିବା ଏକ ଅନୁଧ୍ୟାନରୁ ପ୍ରକାଶ। ଏହି ରିପୋର୍ଟ ଆସିବା ପରେ ଜାତିସଂଘ କର୍ତ୍ତୃପକ୍ଷ ଏବେ ଅଧିକ ଉଦବେଗ ପ୍ରକାଶ କରିଛନ୍ତି। ଏହି ପ୍ରଦୂଷଣ ରାକ୍ଷସ ଏବେ ତାହାର ପରିସୀମାକୁ ମୁମ୍ବଇ, କଲକାତା, ବ୍ୟାଙ୍କକ୍, ତେହେରାନ୍, କାଇରୋ, ସିଓଲ, କରାଚୀ, ଢାକା, ଏବଂ ସାଘାଂଇ ଭଳି ଅନ୍ୟାନ୍ୟ ସହରକୁ ମଧ୍ୟ ପରିବ୍ୟାପ୍ତ କରିଛି। ଏହାଫଳରେ ଋତୁ ଆଗମନରେ ବ୍ୟାପକ ପରିବର୍ତ୍ତନ ଦେଖାଯାଇଛି। ଏହି ସବୁ ସହରର ଏବେ ଶୀତ ସତେ ଯେମିତି ଦୂରେଇ ଯାଇଥିବା ଅନୁଭବ କରାଯାଇଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଜୀବାଶ୍ମ ଇନ୍ଧନ ଓ ବାଓମାସ୍ ଜଳିବା ଦ୍‌ୱାରା ସୃଷ୍ଟି ହେଉଥିବା ଜଳାଗୁଣ୍ଡ ଓ ଅନ୍ୟାନ୍ୟ ପଦାର୍ଥରୁ ବାୟୁମଣ୍ଡଳର ଧୂସର ବାଦଲ ପ୍ରସ୍ତୁତ ହେଉଛି। ଏହା ତିନି କିଲୋମିଟରର ବ୍ୟାପି ଏକ ମୋଟା ଆସ୍ତରଣ ସୃଷ୍ଟି କରୁଥିବା ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଦ୍‌ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନୂଆଦିଲ୍ଲୀ, କରାଚୀ, ବେଜିଂ, ସଘାଂଇ ଭଳି ଭଳି ସହରରେ ପ୍ରଦୂଷଣ ମାତ୍ର ୧୦-୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହାର ଆକାଶ ସର୍ବଦା ମେଘାଚ୍ଛନ୍ନ ଭଳି ଦିଶିବାର କାରଣ ଏହି ଧୂମକୁଣ୍ଡଳୀ ବୋଲି କୁହାଯାଇଛି। ଚୀନର ଗୁଆଙ୍ଗଝାଉ ପ୍ରଦେଶରେ ଏବେ ଅସ୍ପଷ୍ଟ ହୋଇପଡୁଥିବା କୁହାଯାଇଛି। ୧୯୭୦ ଦଶକରେ ଅବସ୍ଥା ଓ ସାଂପ୍ରତିକ ବାୟୁମଣ୍ଡଳ ମଧ୍ୟରେ ୨୦ ପ୍ରତିଶତ ପରିବର୍ତ୍ତନ ଘଟିଥିବା କୁହାଯାଇଛି। ୧୯୬୦ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରତି ଦଶ ବର୍ଷରେ ବାୟୁମଣ୍ଡଳର କଳାଧୂଆଁ ୨ ପ୍ରତିଶତ ହାରରେ ବଢି ଚାଲିଥିବାବେଳେ ସଂପ୍ରତି ଦଶବର୍ଷ ମଧ୍ୟରେ ଏହା ପୂର୍ବାପେକ୍ଷା ଦୁଇଗୁଣ ବୃଦ୍ଧି ପାଇଛି। ସେହିଭଳି ଚୀନ୍ ଆକାଶରେ ୧୯୫୦ରୁ ୧୯୯୦ ଦଶକ ପର୍ଯ୍ୟନ୍ତ ୩ ରୁ ୪ ପ୍ରତିଶତ ହାରରେ ପ୍ରତି ଦଶବର୍ଷରେ ବଢୁଥିବାବେଳେ ଏବେ ଏହା ୬ରୁ ୭ ପ୍ରତିଶତକୁ ବୃଦ୍ଧି ଘଟିଛି। ଏହାଦ୍‌ୱାରା ଆରବସାଗରୀୟ ଉପଦ୍‌ୱୀପଠାରୁ ଚୀନ୍ ଓ ପଶ୍ଚିମ ପ୍ରଶାନ୍ତମହାସାଗରୀୟ ଭୂଖଣ୍ଡର କେତେକ ଅଞ୍ଚଳର ଆକାଶ କ୍ରମଶଃ ଧୂଆଁ ଆସ୍ତରଣରେ ଜମି ଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଫଳରେ ଜଳବାୟୁ ପରିବର୍ତ୍ତନ ନେଇ ସବୁଜଘର ପ୍ରଭାବ ବୃଦ୍ଧି ଘଟୁଛି। ଏସିଆର ଦୁଇ ବୃହତ୍ ରାଷ୍ଟ୍ର ଭାବେ ଭାରତ ଓ ଚୀନ୍, ଇଉରୋପ ଏବଂ ଆମେରିକାର ବୈଜ୍ଞାନିକଙ୍କ ଦ୍‌ୱାରା ଏହି ଅନୁସନ୍ଧାନ କରାଯାଇଛି। ମାତ୍ରାଧିକ ଇନ୍ଧନର ଜ୍‌ୱଳନ ଯୋଗୁଁ ବାୟୁମଣ୍ଡଳରେ ଘୁରିବୁଲୁଥିବା କାର୍ବନ ଓ ଗୁଣ୍ଡ ସୂର୍ଯ୍ୟ କିରଣରୁ ଅଧିକ ଶୋଷଣ କରିଥାଏ। ଫଳରେ ବାୟୁମଣ୍ଡଳର ତାପମାତ୍ରା ବଢ଼ିଥାଏ। ବାୟୁମଣ୍ଡଳରେ କଳାଧୂଆଁର ଆସ୍ତରଣ ବଢ଼ିବା ଦ୍‌ୱାରା ତାପମାତ୍ରା ବଢ଼ି ଜଳବାୟୁ ପରିବର୍ତ୍ତନ ଭଳି ଭୟଙ୍କର ସମସ୍ୟା ଆଗକୁ ସୃଷ୍ଟିହେବାକୁ ଯାଉଛି ବୋଲି ୟୁଏନଇପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଜାତିସଂଘ ଅନୁସଚିବ ଆକିମ ଷ୍ଟେନର ସତର୍କ କରାଇ ଦେଇଛନ୍ତି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ ଅକ୍ସାଇଡ ଆଦି ସବୁଜଗୃହ ପ୍ରଭାବ ସୃଷ୍ଟିକାରୀ ଗ୍ୟାସର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଶିଳ୍ପ ବିପ୍ଳବ ପରଠାରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ୩୦ ପ୍ରତିଶତ ବୃଦ୍ଧି ପାଇଛି। ଆମେରିକା, ଋଷ, ଚୀନ, ଜାପାନ ଓ ଭାରତ ବିଶ୍‌ୱରେ ସବୁଠାରୁ ଅଧିକଗୃହ ଗ୍ୟାସ ସୃଷ୍ଟି କରୁଛନ୍ତି। ଏହି ଗ୍ୟାସ ଯୋଗୁଁ ବାୟୁମଣ୍ଡଳୀୟ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାରିବାରେ ଲାଗିଛି। ଏହାର ପ୍ରଭାବ ଯୋଗୁଁ ଶୀତଦିନେ ମଧ୍ୟ ତାପମାତ୍ରା ଯଥେଷ୍ଟ ଉଚ୍ଚରେ ରହୁଛି।

ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ ସଙ୍କଟ ତାଲିକାରେ ବିଶ୍ୱର ଅନ୍ୟତମ ବିକାଶଶୀଳ ରାଷ୍ଟ୍ର ଭାରତ ମଧ୍ୟ ବର୍ତ୍ତି ପାରିନାହିଁ। ମଣିଷ ନିଜେ ପ୍ରଚୁର ମାତ୍ରାରେ ଉଭୟ ଟକ୍ସିକ୍ ଓ ନନ୍‌ଟକ୍ସିକ୍ ପଲ୍ୟୁଶନ ବା ପ୍ରଦୂଷଣ ଉପତ୍ମ କରୁଛି। ଟକ୍ସିକ୍ ପଲ୍ୟୁଶନ ହେଉଛି ଫାଇନ୍ ପାର୍ଟିକ୍ୟୁଲେଟ ମ୍ୟାଟର, ଯାହା ମଣିଷ ସ୍ୱାସ୍ଥ୍ୟକୁ ସିଧାସଳଖ କ୍ଷତି ପହଞ୍ଚାଏ। ସେହିପରି ନନ୍‌ଟକ୍ସିକ୍ ପଲ୍ୟୁଶନ ବିଶ୍ୱତାପନ ପାଇଁ ଦାୟୀ। ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ ଯୋଗୁଁ ଏହା ମାନବ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ଉଭୟ ପ୍ରଦୂଷଣ ପରସ୍ପରକୁ ବଢ଼ାଇଥାଏ। ସଦ୍ୟ ଅଧ୍ୟୟନରେ ଗବେଷକମାନେ ବିଶ୍ୱର କିଛି ନିର୍ଦ୍ଦିଷ୍ଟ ଦେଶରେ ଟକ୍ସିକ୍ ଓ ନନ୍‌ଟକ୍ସିକ୍ ପ୍ରଦୂଷଣ ମଧ୍ୟରେ ଦୃଢ଼ ସମ୍ପର୍କ ଦର୍ଶାଇଛନ୍ତି। ଏହି ଦୁଇ ପ୍ରକାର ପ୍ରଦୂଷଣ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ପ୍ଲସ ୱାନ୍ ପତ୍ରିକାରେ ପ୍ରକାଶିତ ଅଧ୍ୟୟନରେ ଗବେଷକମାନେ ଏଭଳି କିଛି ଦେଶ ଚିହ୍ନଟ କରିଛନ୍ତି, ଯାହା ଉଭୟ ପ୍ରଦୂଷଣର ଶିକାର ହୋଇଛନ୍ତି। ଟକ୍ସିକ୍ ପଲ୍ୟୁଶନ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ କ୍ଷତି ଆଶଙ୍କା ଅଧିକ ଥିବା ଦେଶ ମଧ୍ୟରେ ଶୀର୍ଷ ୧୦ରେ ରହିଛନ୍ତି- ସିଙ୍ଗାପୁର, ର୍ୱାଣ୍ଡା, ଚାଇନା, ଭାରତ, ସୋଲୋମନ ଆଇଲ୍ୟାଣ୍ଡ, ଭୁଟାନ, ବୋଟସୱାନା, ଜର୍ଜିଆ, ଦକ୍ଷିଣ କୋରିଆ ଓ ଥାଇଲାଣ୍ଡ। ଗବେଷକମାନେ ଆହୁରି ମଧ୍ୟ କହିଛନ୍ତି, ବିଶ୍ୱତାପନ ଓ ପ୍ରବଳ ବୃଷ୍ଟିପାତ କୃଷି କାର୍ଯ୍ୟରେ ବାଧା ଉପତ୍ମ କରୁଛି। ଏହାଦ୍ୱାରା କୁପୋଷଣ ଓ ଏହାଜନିତ ରୋଗ ବୃଦ୍ଧି ପାଉଛି। ଚାଇନା ଓ ଭାରତ ଉପରୋକ୍ତ ତାଲିକାର ଶୀର୍ଷ ୫ ଦେଶ ମଧ୍ୟରେ ଅଛନ୍ତି। ଉଭୟ ଦେଶ ଜଳବାୟୁ ପରିବର୍ତ୍ତନ ଓ ଟକ୍ସିକ୍ ପଲ୍ୟୁଶନ ଭୟଙ୍କର ସଙ୍କଟ ଦେଇ ଗତି କରୁଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ପର୍ବତସ୍ଥ ହିମବାହ ଏବଂ ମେରୁ ଅଞ୍ଚଳର ବରଫ ତରଳୁଛି, ସମୁଦ୍ର ପତ୍ତନରେ ବୃଦ୍ଧି ଘଟୁଛି, ପ୍ରକୃତି ଓ ପରିବେଶ ଅବକ୍ଷୟିତ ହେଉଛି, ଜୈବ ବିବିଧତାର ହ୍ରାସ ଘଟୁଛି, ପ୍ରାକୃତିକ ବିପର୍ଯ୍ୟୟରେ ବୃଦ୍ଧି ଏବଂ ଅନ୍ୟାନ୍ୟ ବହୁ ବିନଷ୍ଟକାରୀ ପ୍ରଭାବ ଦୃଶ୍ୟମାନ ହେଉଛି। ମୋଦି ଏହା ମଧ୍ୟ କହିଛନ୍ତି ଯେ ମିଶନ ଲାଇଫ୍ ଧରିତ୍ରୀର ଉନ୍ନତି ଏବଂ ଉତ୍କର୍ଷ ସାଧନ ନିମନ୍ତେ ପି୩ (ପ୍ରୋ-ପ୍ଲାନେଟ୍ ପିପଲ) ବା ପୃଥିବୀ ସପକ୍ଷବାଦୀ ଲୋକଙ୍କର କାର୍ଯ୍ୟଧାରାକୁ ସୁଦୃଢ଼ କରିବା ସମ୍ବଳ ବ୍ୟବହାରରେ ମିତବ୍ୟୟିତା ଅବଲମ୍ବନ କରିବା, ଯେଉଁସବୁ ପଦାର୍ଥ ପରିବେଶର କ୍ଷତି ସାଧନକରେ ତାହାକୁ ବର୍ଜନ କରିବା ଏବଂ ଖାଦ୍ୟ ନଷ୍ଟକୁ ଏଡ଼ାଇବା ଆମର ଈପ୍ସିତ ଲକ୍ଷ୍ୟ ହେଉ। ଅଣନବୀକରଣଯୋଗ୍ୟ ଉତ୍ସଗୁଡ଼ିକର ଅତ୍ୟଧିକ ବ୍ୟବହାର ଏବଂ ଅପଚୟକୁ ରୋକାଯାଇ ସମ୍ବଳ ସଙ୍କଟକୁ ନିୟନ୍ତ୍ରଣ କରାଯାଉ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ଗଛର ସ୍ମାରକୀ

ଡ଼ ସୀତାକାନ୍ତ ତ୍ରିପାଠୀ



ଅନେକ ଦିନ ହେଲାଣି ଗାଁ ମୁଣ୍ଡରେ ଥିବା ଥୁଣ୍ଟା ଗଛଟି ଆମ ସମସ୍ତଙ୍କ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଲୋକମାନେ କହୁଛନ୍ତି ଏହାର ଡାଳ ଓ ଗଣ୍ଡି ଶୁଖି ଗଲାଣି ଦେହସାରା ଉଇ ଭର୍ତ୍ତି କେତେବେଳେ ଏହା ଗଡ଼ି ପଡ଼ିବ ସେ କଥା କିଏ କହିବ! ବିପଦ ଆସିବା ପୂର୍ବରୁ ଏହାକୁ ରାସ୍ତାରୁ ହଟାଇ ଦେବା ଭଲ। ଆଉ କିଛି ଲୋକଙ୍କ ମତରେ ଏହା ଆମ ଗାଁର ସ୍ମାରକୀ। ବାପା ଗୋସିଆପା' ଅମଳରୁ ଏହା ଆମକୁ କେବଳ ଫୁଲ ଫଳ ଦେଇ ଆସି ନାହିଁ ବରଂ ଏହାରି ତଳେ ବସି ଗାଁର ଭଲ-ମନ୍ଦ, ହାନି-ଲାଭ ଆଲୋଚନା ଆଉ ନ୍ୟାୟ ନିଶାପ ସବୁ ହୋଇଛି। କେତେ ବଜ୍ରପାତରେ ନିଜକୁ ଜାଳି ଦେଇ ପୁଣି ଥରେ କୁଆଁ କଳି କାଢ଼ି ନିଜକୁ ବଞ୍ଚାଇବା ସହିତ ଆମ ମାନଙ୍କ ମନରେ ଖୁସିର ଲହରି ସୃଷ୍ଟି କରିବା ପାଇଁ ପ୍ରୟାସ କରି ଆସିଛି। ତା' ତଳେ ବସି ତାସ୍ ଖେଳିବା, ରଜ ଦୋଳି ଠାରୁ ଡାଳି ମାଙ୍କଡ଼ ଆଦି କେତେ ଖେଳର ସ୍ମାରକୀକୁ ଗାଁର ପୁରୁଖା ଲୋକମାନେ ମନେ ପକାଇ କୃତ୍ୟକୃତ୍ୟ ହୁଅନ୍ତି। ପୂର୍ବରୁ ସେଇ ଗଛରେ କୁଆଡ଼େ ଗାଁ ଠାକୁରାଣୀ ଅବସ୍ଥାନ କରୁଥିଲେ ତେଣୁ ବିପଦ-ଆପଦ ସମୟରେ ଆଉ ପୂର୍ଣ୍ଣିମା, ଅମାବାସ୍ୟା, ସଂକ୍ରାନ୍ତି ତିଥିରେ ସେଠାରେ ପୂଜା ହେଉଥିଲା। ସିଏ ଥିଲା ସାରା ଗାଁର ଖବର, ସୁଖ, ଦୁଃଖର ମୂକସାକ୍ଷୀ ଆଉ ସାଥୀ। ଆଜି ତାର ଜୀବସତ୍ତା ସରିବା ଉପରେ। କେଉଁଠି କେମିତି ଗୋଟିଏ ଦୁଇଟି ପତ୍ର କଅଁଳୁଛି ତାହା ପୁଣି କିଛି ଦିନ ପରେ ଶୁଖି ଯାଉଛି। ପୂର୍ବରୁ କେତେ ବାତ୍ୟାରେ ତାର ଡାଳ ଭାଙ୍ଗି ଯାଇଛି, ଗଣ୍ଡି ଲଇଁ ଯାଇଛି ତାରି ଭିତରେ ପୁଣି ସିଏ ସିଧା ହେବାକୁ ଚେଷ୍ଟା କରିଛି। ଗାଁ ଲୋକ ମଧ୍ୟ ଅନେକ ଚେଷ୍ଟା କରି ଢ଼ିରା ଦେଇ ତାକୁ ବଞ୍ଚିବାରେ ସାହାଯ୍ୟ କରିଛନ୍ତି। କିଛି ଗ୍ରାମବାସୀ ମାନଙ୍କର ଅଭିଯୋଗ ହେଲା ଏଇ ଗଛ ମୂଳ ଦିନେ ବିଭିନ୍ନ ନୀତି ନିଷ୍ପତ୍ତି ନେବାର ମୂକସାକ୍ଷୀ ଥିଲା। ସ୍ୱାଧିନତା ସଂଗ୍ରାମରେ ଝାସ ଦେବା ପାଇଁ ଏଇଠି ଲୋକେ ମେଳି ବାନ୍ଧୁଥିଲେ। କାଳକ୍ରମେ ତାରି ମୂଳରେ ଅନୀତି, ଦୁର୍ନିତି ହେଲା। ରାତିରେ ତାରି ପାଖରେ ବସି ଲୋକେ ମଦ ପିଇଲେ। ବିଭିନ୍ନ



ଭାବରେ ରାଜନୀତି କରି ଗାଁକୁ ଭାଗ ଭାଗ କରିବା ପାଇଁ ଚେଷ୍ଟା କରି ସଫଳ ହେଲେ। ଶେଷରେ ପରିସ୍ଥିତି ଏମିତି ହେଲା ଯେ ଜଣେ ଲୋକକୁ ମାରିଦେଇ ତାରି ଡାଳରେ ଟାଙ୍ଗି ଦେଇ ଆତ୍ମହତ୍ୟାର ରୂପ ଦେଲେ। ଏସବୁ କଥାକୁ ହୁଏତ ଗଛଟି ସହ୍ୟ କରି ପାରିଲାନି। ତାରି ଆଗରେ ଗାଁ ଲୋକ ମାନଙ୍କର ଏ ପ୍ରକାର ପରିବର୍ତ୍ତନ ତଥା ନୀତିଭ୍ରଷ୍ଟ କଥାକୁ ବରଦାସ୍ତ କରିବା ପାଇଁ ସିଏ ଅସମର୍ଥ ହୋଇ ପଡ଼ିଲା। ଶେଷରେ ସିଏ କେବଳ ମରୁ ମରୁ ଜୀଇଁବା ସାର ହୋଇଛି। ଆଜି ସମସ୍ତଙ୍କ ମୁହଁ ପ୍ରଶ୍ନିଳା ଗଛଟିକୁ ରଖିବେ ନା କାଟିବେ। ଗୋଟିଏ ପଟରେ ଗ୍ରାମବାସୀ ମାନଙ୍କର ସୁରକ୍ଷାର ପ୍ରଶ୍ନବାଚୀ ଅନ୍ୟ ପଟରେ ତାର ଅବଦାନ ପ୍ରତି କୃତଜ୍ଞତା ଓ ସ୍ମୃତି ଚାରଣ ଏବଂ ବଞ୍ଚି ଥାଉଥାଉ ମାରି ଦେବାର ଅପରାଧ ବୋଧ। ନିଷ୍ପତ୍ତି ନେବାର ଦୋଛକି ରାସ୍ତାରେ ଗାଁ ଲୋକମାନେ ଧନ୍ଦି ହେଉଛନ୍ତି। ଆଜି ଠିକ୍ ସେହିଭଳି ଏକ ଦୋଛକିରେ ଫସିଛନ୍ତି ଗୋଟିଏ ପରିବାର। ଘରର ମୁରବି ବାପା ବର୍ତ୍ତମାନ ଆଇ.ସି.ୟୁ ରେ। କେତେବେଳେ ଆଖି ତରାଟି ଚାହିଁ ଦେଇ ମୁହଁରେ ପ୍ରସନ୍ନତା ଦେଖାଉଥିବା ବେଳେ ଅନ୍ୟ କେତେବେଳେ ଆଖି ବୁଜି ଦେଉଛନ୍ତି। ଯଦିଓ ସରକାରୀ ଅନୁମୋଦିତ ହେଲ୍‌ଥ କାର୍ଡ଼ ଯୋଗୁଁ ପଇସା ଖର୍ଚ୍ଚ କରିବାକୁ ପଡୁ ନାହିଁ ତେବେ ଏତେ ସମୟ କାହା ପାଖରେ ଅଛି ଯେ ବାପାଙ୍କୁ ଡାକ୍ତରଖାନାରେ ଜଗି ରହିବ। ସାହି ପଡ଼ିଶା, ଭାଇ-ବନ୍ଧୁ ସବୁ ଆସି ଦେଖି ଯାଇ ସାରିଲେଣି। ଏଇଟା ବୋଧହୁଏ ତାଙ୍କର ଶେଷ ସମୟ। ଜୀବନରେ ଅନେକ ଧକ୍କା, ଚିନ୍ତା, ରୋଗ-ବଇରାଗକୁ ସାମ୍ନା କରୁଥିବା ଲୋକ ଜଣକ ସନ୍ତାନ ମାନଙ୍କ ମଧ୍ୟରେ ଲାଗିଥିବା କଳି ଝଗଡ଼ା ତଥା ସେମାନେ ବିଭିନ୍ନ ଅନୀତି ଦୁର୍ନିତୀରେ ମାତିବା କଥା ଗୁଡ଼ିକୁ ସିଏ ହୁଏତ ବରଖାସ୍ତ କରିପାରିଲେ ନାହିଁ ବରଂ ନିଜେ ସେସବୁ କଥା ଗୁଡ଼ିକୁ ଏତେ ମାତ୍ରାରେ ଅନ୍ତରସ୍ଥ କରିଦେଲେ ଯେ ଶେଷକୁ ତାଙ୍କୁ ହାର୍ଟ ଷ୍ଟ୍ରୋକ୍ ହୋଇ ଏଇ ଅବସ୍ଥା। ଜଣେ ପୁଅ କହୁଛି ଏତେ ବୟସ ହେଲାଣି ଆଉ ବଞ୍ଚି ରହିବାରେ କ'ଣ ଆବଶ୍ୟକ ? ଖାଲି କଷ୍ଟ ପାଇବା କଥା, ନିଜେ ତ ଯେତିକି କଷ୍ଟ ପାଇବେ ଆମକୁ ମଧ୍ୟ ସେତିକି କଷ୍ଟ ଦେବେ। ଆଉ ଜଣେ ପୁଅ କହୁଛି ଜୀବନ ସାରା ଜଳି ଜଳି ଯିଏ ଆମ ଜୀବନ ରାସ୍ତାକୁ ଆଲୋକିତ କରି ଆସିଲେ ତାଙ୍କୁ ଆମେ ଏମିତି ଛାଡ଼ି ଦେବା ମହାପାପ।

ଏହା ଏକ ଗାଁ କିମ୍ବା ଘରର କାହାଣୀ ନୁହେଁ ବରଂ ଆମେ ସମସ୍ତେ ଊଣା ଅଧିକେ ଏ ପ୍ରକାର ପରିସ୍ଥିତିକୁ ଜୀବନର ବିଭିନ୍ନ କ୍ଷେତ୍ରରେ ସାମ୍ନା କରି ଆସୁଛନ୍ତି ବା କରିବାର ସମ୍ଭାବନା ରହିଛି। ସମୟକ୍ରମେ ଗଛଟିଏ ଥୁଣ୍ଟା ହେବା କିମ୍ବା ମଣିଷଟିଏ ବୁଢ଼ା ହୋଇ ମୃତ୍ୟୁ ପଥର ଯାତ୍ରୀ ହେବା ସ୍ୱାଭାବିକ। କିନ୍ତୁ ଆମେ ଏମାନଙ୍କୁ ଉପଯୁକ୍ତ ସମ୍ମାନ, ସହାନୁଭୂତି ଦେଖାଇଛନ୍ତି ତ? ନା' ସେମାନଙ୍କର ସର୍ବସ୍ୱ ଲୁଟିନେଇ କିମ୍ବା ସେମାନଙ୍କୁ ବିଭିନ୍ନ ଭାବରେ ଆଘାତ ଦେଇ ସମୟ ପୂର୍ବରୁ ଆମେ ଥୁଣ୍ଟା ଆଉ ବୁଢ଼ା କରି ଦେଇଛନ୍ତି ତାହା ଏକ ବିରାଟ ପ୍ରଶ୍ନବାଚୀ। ଆମେ ଚିନ୍ତା କରିବା ଦରକାର ଜୀଇଁ ଥାଉଥାଉ ମରିବା ଆଉ ମରିବା ପୂର୍ବରୁ ଜୀଇଁବା କିମ୍ବା ବଞ୍ଚାଇବା ପାଇଁ ପ୍ରୟାସ କରିବା ଭିତରେ ଅନେକ ପାର୍ଥକ୍ୟ ରହିଛି।

**ଭଦ୍ରକ, ମୋବାଇଲ୍: ୯୭୭୮୭୬୪୩୯୪**

**ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ନିର୍ବାଚନ**

## ଦୁଇ ପର୍ଯ୍ୟବେକ୍ଷକ ନିଯୁକ୍ତ

**ନୂଆଦିଲ୍ଲୀ,୨୧।୮:** ଭାରତୀୟ ନିର୍ବାଚନ କମିଶନ(ଇସିଆଇ) ଗୁରୁବାର ଦିନ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଦୁଇ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ନିର୍ବାଚନ କମିଶନ ସେପ୍ଟେମ୍ବର ୯ରେ ଅନୁଷ୍ଠିତ ହେବାକୁ ଥିବା ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ନିର୍ବାଚନ ପାଇଁ ଆଇଏଏସ୍ ଅଧିକାରୀ ସୁଶୀଲ କୁମାର ଲୋହାନି ଏବଂ ଡି. ଆନନ୍ଦନଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛନ୍ତି।ନିର୍ବାଚନ କମିଶନ ଏକ ବିବୃତିରେ କହିଛନ୍ତି, "ଭାରତୀୟ ସମ୍ବିଧାନର ଧାରା ୩୨୪ ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି, ଭାରତୀୟ ନିର୍ବାଚନ କମିଶନ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ୨୦୨୫ ପାଇଁ ଭାରତ ସରକାରଙ୍କ ଦୁଇ ଜଣ ଅତିରିକ୍ତ ସଚିବ ସ୍ତରୀୟ ଅଧିକାରୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛନ୍ତି।" ବିବୃତିରେ କୁହାଯାଇଛି, "ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଅଗଷ୍ଟ ୭ରେ ଇଏସଆଇ ଦ୍ୱାରା ଅଧିସୂଚିତ କାର୍ଯ୍ୟସୂଚୀ ଅନୁଯାୟୀ, ଭୋଟ ଗଣତି ସେପ୍ଟେମ୍ବର ୯ରେ ହେବ। ନିମ୍ନଲିଖିତ ଅଧିକାରୀମାନଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଉଛି: ସୁଶୀଲ କୁମାର ଲୋହାନି, ଅତିରିକ୍ତ ସଚିବ, ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଡି. ଆନନ୍ଦନ, ଅତିରିକ୍ତ ସଚିବ, ବ୍ୟୟ ବିଭାଗ (ଅର୍ଥ ମନ୍ତ୍ରଣାଳୟ)।" ନିର୍ବାଚନ କମିଶନ କହିଛନ୍ତି ଯେ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନରେ ଥିବା ଭୂମି ସମ୍ପଦ ବିଭାଗର ଯୁଗ୍ମ ସଚିବ ନୀତିନ କୁମାର ଶିବଦାସ ଖାଡେଙ୍କୁ ସଂରକ୍ଷଣ ତାଲିକାରେ ରଖାଯାଇଛି। ପୂର୍ବରୁ ଅଗଷ୍ଟ ୨୧ ତାରିଖରେ, ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିବାର ଶେଷ ଦିନରେ, ଇଣ୍ଡିଆ ବ୍ଲକ ପ୍ରାର୍ଥୀ ଏବଂ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ବି ସୁଦର୍ଶନ ରେଡ୍ଡୀ ତାଙ୍କର ନାମାଙ୍କନ ଦାଖଲ କରିଥିଲେ। ତେଣେ ବିଜେପି ନେତୃତ୍ୱାଧୀନ ଏନଡିଏ, ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ସିପି ରାଧାକୃଷ୍ଣନଙ୍କୁ ପ୍ରାର୍ଥୀ କରିଛି। ଭାରତୀୟ ସମ୍ବିଧାନ ଧାରା ୩୨୪ ଅନୁଯାୟୀ, ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ କରିବା ବାଧ୍ୟତାମୂଳକ। ସମ୍ବିଧାନର ଧାରା ୬୬(୧) ଅନୁଯାୟୀ, ଭାରତର ଉପରାଷ୍ଟ୍ରପତି ରାଜ୍ୟସଭାର ନିର୍ବାଚିତ ସଦସ୍ୟ, ରାଜ୍ୟସଭାର ମନୋନୀତ ସଦସ୍ୟ ଏବଂ ଲୋକସଭାର ନିର୍ବାଚିତ ସଦସ୍ୟଙ୍କୁ ନେଇ ଗଠିତ ଏକ ଇଲେକ୍ଟୋରାଲ କଲେଜ ଦ୍ୱାରା ନିର୍ବାଚିତ ହୁଅନ୍ତି। ପୂର୍ବରୁ, ନିର୍ବାଚନ କମିଶନ ଏକ ପୁସ୍ତିକା ପ୍ରକାଶ କରିଥିଲେ ଯେଉଁଥିରେ ଉପରାଷ୍ଟ୍ରପତି ନିର୍ବାଚନ ସହ ଜଡ଼ିତ ସାମ୍ବିଧାନିକ ବ୍ୟବସ୍ଥାଗୁଡ଼ିକୁ ବ୍ୟାପକ ଭାବେ କଭର କରାଯାଇଥିଲା। ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ବିଷୟରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ "ଭାରତର ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ୨୦୨୫" ଶୀର୍ଷକ ଏହି ପୁସ୍ତିକା ପ୍ରସ୍ତୁତ କରାଯାଇଛି।

# ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା କଲେ ମୋଦି ଓ ମାକ୍ରନ

**ନୂଆଦିଲ୍ଲୀ, ୨୧।୮:** ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଗରୁବାର ଫୋନ୍ ଯୋଗେ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ପିଏମ ମୋଦି ଆଲୋଚନା କରିଛନ୍ତି। ଏହି ବାର୍ତ୍ତାଳାପ ବିଷୟରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ସେୟାର କରିଛନ୍ତି । ଯେଉଁଥିରେ ସେ ଲେଖିଛନ୍ତି, 'ମୋର ବନ୍ଧୁ ରାଷ୍ଟ୍ରପତି ମାକ୍ରନଙ୍କ ସହ ବହୁତ ଭଲ ଆଲୋଚନା ହୋଇଛି । ୟୁକ୍ରେନ ଏବଂ ପଶ୍ଚିମ ଏସିଆରେ ଦ୍ୱନ୍ଦ୍ୱର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ପ୍ରୟାସ ଉପରେ ମତ ବିନିମୟ ହୋଇଛି । ଭାରତ-ଫ୍ରାନ୍ସ ରଣନୈତିକ ସହଭାଗୀତାକୁ ଆହୁରି ମଜଭୁତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଇଛି ।

ସେପଟେ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନ୍ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି, 'ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଆଲୋଚନା କରିଛି। ଆମେ ୟୁକ୍ରେନ୍ ଯୁଦ୍ଧ ଉପରେ ଆଲୋଚନା କରିଛୁ। ଏହା ଦ୍ୱାରା ଆମେ ୟୁକ୍ରେନ୍ ଏବଂ ୟୁରୋପର ସୁରକ୍ଷା ପାଇଁ ଦୃଢ଼ ଗ୍ୟାରେଣ୍ଟି ସହିତ ଏକ ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ଶାନ୍ତି ଆଡକୁ ଅଗ୍ରସର ହୋଇପାରିବା । ବାଣିଜ୍ୟ ସମ୍ବନ୍ଧୀୟ ପ୍ରସଙ୍ଗରେ ଆମର ରଣନୈତିକ ସହଭାଗୀତାକୁ ସୁଦୃଢ଼ କରିବାକୁ ସହମତ ହୋଇଛୁ, ଯାହା ଆମର ସାର୍ବଭୌମତ୍ୱ ଏବଂ ସ୍ୱାଧୀନତାର ଚାବିକାଠି ।'



ରାଷ୍ଟ୍ରପତି ମାକ୍ରନ୍ ପୋଷ୍ଟରେ ଆହୁରି ଲେଖିଛନ୍ତି, ଗତ ଫେବୃଆରୀରେ ପ୍ୟାରିସରେ ଅନୁଷ୍ଠିତ କୃତ୍ରିମ ବୁଦ୍ଧିମତ୍ତା ଉପରେ ସମ୍ମିଳନୀ ପରେ ଏବେ ଆମେ ୨୦୨୬ ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏଆଇ ସମ୍ମିଳନୀର ସଫଳତା ପାଇଁ କାମ କରୁଛୁ ।

ସୂଚନାଯୋଗ୍ୟ, ଏହି ସପ୍ତାହରେ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମୟରେ ଉପସ୍ଥିତ ଥିବା ୟୁରୋପୀୟ ନେତାମାନଙ୍କ ମଧ୍ୟରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଧ୍ୟ ସାମିଲ ଥିଲେ । ୟୁକ୍ରେନ ଯୁଦ୍ଧ ଉପରେ ଆଲାସ୍କାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ବୈଠକର କିଛି ଦିନ ପରେ ଜେଲେନସ୍କିଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ସାକ୍ଷାତ ହୋଇଥିଲା ।

## ପାର୍ବଣ ଭେଟି: ଗଡ଼ିବ ୧୨୦୦୦ରୁ ଅଧିକ ସ୍ପେଶାଲ୍ ଟ୍ରେନ୍



**ନୂଆଦିଲ୍ଲୀ, ୨୧।୦୮ :** ରେଳ ଯାତ୍ରୀଙ୍କୁ ପାର୍ବଣ ଭେଟି। ଦୀପାବଳି ଓ ଛଟ୍ ପୂଜା ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବଡ଼ ଘୋଷଣା। ଦୀପାବଳି ଓ ଛଟ୍‌ରେ ଚାଲିବ ୧୨ ହଜାରରୁ ଅଧିକ ସ୍ପେଶାଲ୍ ଟ୍ରେନ୍। ବିହାରରୁ ଚାଲିବ ଆଉ ୪ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍। ସେହିପରି ପୂର୍ଣ୍ଣିଆରୁ ପାଟନା ମଧ୍ୟରେ ଚାଲିବ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍। ବିହାରର ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ସାଂସଦ ସଞ୍ଜୟ ଜୟସ୍ୱାଲ, କେନ୍ଦ୍ର ମନ୍ତ୍ରୀ ଲଲନ ସିଂହ ଓ ସାଂସଦ ସଞ୍ଜୟ କୁମାର ଝାଙ୍କ ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ରେଳ ମନ୍ତ୍ରୀ କହିଛନ୍ତି ଯେ, ଆଗକୁ ଦୀପାବଳି ଓ ଛଟ୍ ଦୁଇଟି ବଡ଼ ପର୍ବ ଆସୁଥିବାରୁ ରେଳ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୧୨ ହଜାରରୁ ଅଧିକ ସ୍ପେଶାଲ୍ ଟ୍ରେନ୍ ଚାଲିବ। ଅକ୍ଟୋବର ୧୩ ରୁ ୨୬ ମଧ୍ୟରେ ଯେଉଁ ଯାତ୍ରୀମାନେ ଅନୱାର୍ଡ ଜର୍ଣ୍ଣି କରିବେ ଓ ନଭେମ୍ବର ୧୭ ରୁ ଡିସେମ୍ବର ୧ ମଧ୍ୟରେ ଯେଉଁମାନେ ରିଟର୍ଣ୍ଣ ଜର୍ଣ୍ଣି କରିବେ ସେମାନଙ୍କୁ ରିଟର୍ଣ୍ଣ ଜର୍ଣ୍ଣିରେ ୨୦ ପ୍ରତିଶତ ଡିସକାଉଣ୍ଟ ସୁବିଧା ମିଳିବ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ମିଳିଲା ଜେଡ୍ ସୁରକ୍ଷା



**ନୂଆଦିଲ୍ଲୀ, ୨୧।୮:** ଆକ୍ରମଣ ପରେ ବଢ଼ିଲା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା । ରେଖା ଗୁପ୍ତାଙ୍କୁ ଜେଡ୍ କ୍ୟାଟଗୋରୀ ସୁରକ୍ଷା ପ୍ରଦାନ କଲେ କେନ୍ଦ୍ର ସରକାର। ଆକ୍ରମଣ ଘଟଣା ପରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇଲା ଗୃହ ମନ୍ତ୍ରଣାଳୟ। କାଲି ଜନଶୁଣାଣି ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣ ହୋଇଥିଲା । ଜଣଶୁଣାଣି ସମୟରେ ଅଭିଯୋଗ ପାଇଁ ଆସୁଥିବା ଅଭିଯୋଗକାରୀଙ୍କୁ ଭେରିଫାଏ କରାଯିବ । ଏହାପରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଛଡାଯିବ ରେଖା ଗୁପ୍ତାଙ୍କ ସୁରକ୍ଷା ଦାୟିତ୍ୱରେ ରହିବେ ସିଆର୍‌ପିଏଫ୍ ଯବାନ । ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣ ପରେ ସୁରକ୍ଷାକୁ ନେଇ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏଥିରେ ସିକ୍ୟୁରିଟିକୁ ନେଇ ବିଚାର କରାଯିବ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି । ଗତକାଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସିଭିଲ ଲାଇନ୍ସ ସ୍ଥିତ ସରକାରୀ ବାସଭବନରେ ଜନଶୁଣାଣି କରୁଥିବା ସମୟରେ ଆକ୍ରମଣର ଶିକାର ହୋଇଥିଲେ । ଏହାପରେ ଆକ୍ରମଣକାରୀଙ୍କୁ ଗିରଫ କରିଥିଲା ପୋଲିସ । ଅଭିଯୁକ୍ତ ଜଣକ ୪୧ ବର୍ଷୀୟ ଗୁଜରାଟ ରାଜକୋଟର ବାସିନ୍ଦା ରାଜେଶ ଖିମଜୀ। ମୁଖ୍ୟମନ୍ତ୍ରୀ ନିଜ ବାସଭବନରେ ସାପ୍ତାହିକ ଜନଶୁଣାଣି କରୁଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ଆକ୍ରମଣ ଉଦ୍ୟମ ହୋଇଥିଲା। ଯେତେବେଳେ ମୁଖ୍ୟମନ୍ତ୍ରୀ ଜନଶୁଣାଣି କରୁଥିଲେ, ଜଣେ ବ୍ୟକ୍ତି ତାଙ୍କ ଅଭିଯୋଗ ନେଇ ସେଠାରେ ପହଞ୍ଚି କିଛି କାଗଜପତ୍ର ଦେଇଥିଲେ, ତା'ପରେ ଚିତ୍କାର କରିବା ଆରମ୍ଭ କରିଥିଲେ ଏବଂ ତାଙ୍କୁ ଚାପୁଡ଼ା ମାରିଥିଲେ ।

## ଉପରାଷ୍ଟ୍ରପତି ନିର୍ବାଚନ

# ନାମାଙ୍କନପତ୍ର ଦାଖଲ କଲେ ସୁଦର୍ଶନ ରେଡ୍ଡୀ



**ନୂଆଦିଲ୍ଲୀ, ୨୧।୮:**ବିରୋଧି ଇଣ୍ଡିଆ ବ୍ଲକର ଉପ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି ସୁଦର୍ଶନ ରେଡ୍ଡି ଆଜି ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନାମାଙ୍କନ ସମୟରେ ରେଡ୍ଡିଙ୍କ ସହ ବିରୋଧି ଦଳ ନେତା ତଥା ସାଂସଦ ରାହୁଲ ଗାନ୍ଧୀ, ଶରଦ ପାୱାର, ମଲ୍ଲିକାର୍ଜ୍ଜୁନ ଖଡଗେ, ସୋନିଆ ଗାନ୍ଧୀ, ସଞ୍ଜୟ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ । ସେପ୍ଟେମ୍ବର ୨ ତାରିଖରେ ହେବାକୁ ଥିବା ଉପ ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ସିପି ରାଧାକୃଷ୍ଣନଙ୍କ ସହ ରେଡ୍ଡିଙ୍କର ପ୍ରତିଦ୍ୱନ୍ଦ୍ୱିତା ହେବ ।

ନାମାଙ୍କନ ପତ୍ର ଦାଖଲ କରିବା ପୂର୍ବରୁ ଉପ ରାଷ୍ଟ୍ରପତି ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡି ଗଣମାଧ୍ୟମ ସହିତ ଆଲୋଚନା କରିଥିଲେ । ଏହି ନିର୍ବାଚନକୁ ସଂଖ୍ୟା ନୁହେଁ, ବିଚାରଧାରାର ପ୍ରତିଯୋଗିତା ଭାବରେ ବର୍ଣ୍ଣନା କରି ରେଡ୍ଡୀ ଦଳୀୟ ସାଂସଦଙ୍କ ସମର୍ଥନ ସହ ଦଳ ବାହାରୁ ସମର୍ଥନ ପାଇବେ ବୋଲି ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ଅବଶ୍ୟ ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ। ଯେହେତୁ ମୁଁ କୌଣସି ରାଜନୈତିକ ଦଳର ନୁହେଁ ତେଣୁ ମୁଁ ଆଶା କରେ ସମସ୍ତେ ମୋତେ ସମର୍ଥନ କରିବେ। ଏହା ଏକ ଆଦର୍ଶର ଯୁଦ୍ଧ' ବୋଲି କହିଛନ୍ତି ଉପରାଷ୍ଟ୍ରପତି ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡୀ ।

ଏହା ପୂର୍ବରୁ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ ବୁଧବାର ଦିନ କହିଥିଲେ, ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ରେଡ୍ଡିଙ୍କ ନାମାଙ୍କନ ରାଜ୍ୟସଭାର କାର୍ଯ୍ୟକାରିତାରେ "ସ୍ୱଚ୍ଛତା, ନିରପେକ୍ଷତା ଏବଂ ମର୍ଯ୍ୟାଦା" ଫେରାଇ ଆଣିବା ଦିଗରେ ବିରୋଧୀଙ୍କର ଏକ ଦୃଢ଼ ପ୍ରତିବଦ୍ଧତା ଅଟେ । ସମ୍ବିଧାନ ସଦନର କେନ୍ଦ୍ରୀୟ ହଲରେ ଇଣ୍ଡି ମେଣ୍ଟର ସଦସ୍ୟମାନଙ୍କୁ ସମ୍ବୋଧନ କରି ଖଡଗେ କହିଥିଲେ, 'ରାଜ୍ୟ ସଭାରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବା ପାଇଁ ବିରୋଧୀ ସଦସ୍ୟମାନଙ୍କୁ ସୁଯୋଗ ଦିଆଯାଉ ନାହିଁ । ଏହି 'ଆଧିପତ୍ୟ''କୁ ଏଡାଇବା ପାଇଁ ସୁଦର୍ଶନ ରେଡ୍ଡି ଉପ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।' ଏହି ସମାବେଶରେ ନିଜେ ସୁଦର୍ଶନ ରେଡ୍ଡି ଉପସ୍ଥିତ ଥିଲେ।

ସେ ଆହୁରି କହିଥିଲେ, ' ଆମେ ଲକ୍ଷ୍ୟ କରୁଛୁ, ସଂସଦରେ ବିରୋଧୀଙ୍କ ସ୍ୱରକୁ ଦମନ କରିବାର ଏକ ଧାରା ଦିନକୁ ଦିନ ବୃଦ୍ଧି ପାଉଛି । ଗୃହରେ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ଚିନ୍ତାର ପ୍ରସଙ୍ଗ ଉଠାଇବା ପାଇଁ ବିରୋଧି ଦଳ ସାଂସଦଙ୍କୁ ବାରମ୍ବାର ସୁଯୋଗରୁ ବଞ୍ଚିତ କରାଯାଉଛି। ଏହାକୁ ରୋକିବା ପାଇଁ ଦେଶକୁ ବି. ସୁଦର୍ଶନ ରେଡ୍ଡିଙ୍କ ପରି ଜଣେ ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି । ରେଡ୍ଡିଙ୍କ ଜୀବନ ଏବଂ କାର୍ଯ୍ୟ ଆମ ସମ୍ବିଧାନର ଆତ୍ମାକୁ ପ୍ରତିଫଳିତ କରେ । ପ୍ରତ୍ୟେକ ନାଗରିକଙ୍କ ପ୍ରତି ନିରପେକ୍ଷତା, କରୁଣା ଏବଂ ସଶକ୍ତୀକରଣ ପ୍ରତି ସେ ପ୍ରତିବଦ୍ଧ ।'

ସୂଚନାଥାଉ କି, ନିର୍ବଚନ କମିଶନଙ୍କ ଘୋଷଣା ଅନୁଯାୟୀ, ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ ଗ୍ରହଣ ସେପ୍ଟେମ୍ବର ୯ ରେ ହେବ ଏବଂ ସେହି ଦିନ ଭୋଟ ଗଣତି ହେବ। ଏଥିପାଇଁ ନାମାଙ୍କନ ଦାଖଲ କରିବାର ଶେଷ ତାରିଖ ଅଗଷ୍ଟ ୨୧ ରହିଥିଲା। ପ୍ରାର୍ଥୀମାନେ ଅଗଷ୍ଟ ୨୫ ସୁଦ୍ଧା ସେମାନଙ୍କର ନାମାଙ୍କନ ପ୍ରତ୍ୟାହାର କରିପାରିବେ।

## ଆଜି ବିହାର ଓ ପଶ୍ଚିମବଙ୍ଗ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୧।୮ :** ଆଜି ବିହାର ଓ ପଶ୍ଚିମବଙ୍ଗ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ । ସେ ବିହାରର ଗୟାଠାରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ୧୩ହଜାର କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ସେ ମଧ୍ୟ ଦୁଇଟି ଟ୍ରେନର ଶୁଭାରମ୍ଭ କରିବେ ଏବଂ ସାଧାରଣ ସଭାକୁ ସମ୍ବୋଧିତ କରିବେ । ଏହାପରେ ସେ ଗଙ୍ଗା ନଦୀରେ ଅଉଣ୍ଟା-ସିମାରିଆ ପୋଲ ପ୍ରକଳ୍ପର ଉଦଘାଟନ କରିବାକୁ ସେଠାକୁ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ଅପରାହ୍ନ ପ୍ରାୟ ୪ଟା ୧୫ରେ କୋଲକାତାର ନୂତନ ନିର୍ମାଣାଧୀନ ସେକ୍ସନରେ ମେଟ୍ରୋ ଟ୍ରେନ ସେବାର ଶୁଭାରମ୍ଭ କରିବେ । ଏଥିସହ ସେ ଜେସୋର ରୋଡ ମେଟ୍ରୋ ଷ୍ଟେସନରୁ ଜୟହିନ୍ଦ ବିମାନବନ୍ଦର ପର୍ଯ୍ୟନ୍ତ ମେଟ୍ରୋରେ ଯାଇ ପ୍ରତ୍ୟାବର୍ତ୍ତନ କରିବେ । ଏହାପରେ ସେ କୋଲକାତାରେ ୫,୨୦୦କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ଏହି ଅବସରରେ ଉପସ୍ଥିତ ସମାବେଶକୁ ମଧ୍ୟ ସେ ସମ୍ବୋଧିତ କରିବେ । ସେହିଭଳି ବିହାରରେ ପ୍ରଧାନମନ୍ତ୍ରୀ ଯୋଗାଯୋଗ ବ୍ୟବସ୍ଥାର ବିକାଶ ପାଇଁ ପ୍ରତିବଦ୍ଧତା ସ୍ୱରୂପ ପ୍ରଧାନମନ୍ତ୍ରୀ ଏନଏଚ-୩୧ରେ ୮.୧୫ ମିଲୋମିଟର ଦୈର୍ଘ୍ୟର ଅଉଣ୍ଟା-ସିମାରିଆ ପୋଲ ପ୍ରକଳ୍ପ ଏବଂ ଗଙ୍ଗାରେ ୧.୮୬ କିମିର ୬ ଲେନ ବିଶିଷ୍ଟ ପୋଲର ଲୋକାର୍ପଣ କରିବେ । ୧୮୭୦ କୋଟିରୁ ଅଧିକ ଟଙ୍କାରେ ଏହା ନିର୍ମିତ ହୋଇଛି । ଏହା ପାଟନାର ମୋକମାଠାରୁ ବେଗୁସରାଇକୁ ସିଧାସଳଖ ଯାତାୟାତ ସୁବିଧା କରିବ ।

## ରାଜସ୍ଥାନରୁ ମିଳିଲା ଡାଇନୋସରର ଜୀବାଶ୍ମ ଭଳି ଅବଶେଷ



**ରାଜସ୍ଥାନ, ୨୧।୮:** ରାଜସ୍ଥାନର ଜୈସଲମେର ଜିଲ୍ଲାର ଏକ ଗାଁରେ ଡାଇନୋସର ଯୁଗର ଜୀବାଶ୍ମ ମିଳିଛି। ଏଠାରେ ଏକ ପୋଖରୀ ଖନନ କାମ ଚାଲି ଥିଲା ,ଏତିକି ବେଳେ ବଡ଼ ବଡ଼ ହାଡ଼ ଆକାରର ଏକ ଗଠନ (ଷ୍ଟ୍ରକର) ଓ ଜୀବାଶ୍ମ ଭଳି କିଛି ଅବଶେଷ ମିଳିଛି। ବିଶେଷଜ୍ଞଙ୍କ କହିବାନୁସାରେ , ଏହା ଏକ ଡାଇନୋସରର କଙ୍କାଳ ହୋଇପାରେ। ଏଥିରେ ଏହି ସ୍ଥାନର ପ୍ରାଗୈତିହାସିକ ଡାଇନୋସର ଯୁଗ ସହ ଜଡ଼ିତ ହେବାର ସମ୍ଭାବନା ବୃଦ୍ଧି ପାଇଛି। ହେଲେ ଏହାର ବୈଜ୍ଞାନିକ ନିଶ୍ଚିତକରଣ ଏପର୍ଯ୍ୟନ୍ତ ହୋଇ ନାହିଁ। ଏବେ ଜିଆଇଏସ ଟିମ୍ ଏହାର ବୈଜ୍ଞାନିକ ପରୀକ୍ଷଣ କରିବ। ଫତେଗଡ ଉପଖଣ୍ଡର ମେଘା ଗାଁରେ ଏକ ପୋଖରୀର ଖନନ କରିବା ବେଳେ ଲୋକଙ୍କୁ ପଥରର ଏହି ସ୍ୱତନ୍ତ୍ର ଗଠନ ଓ ଏକ ବଡ଼ କଙ୍କାଳ ସଦୃଶ ଏକ ଗଠନ ମିଳିଛି। ଏଥିରୁ କିଛି ଖଣ୍ଡ ଜୀବାଶ୍ମ କାଠ ପରି ଦେଖାଯାଇ ଥିବା ବେଳେ ଆଉ କିଛି ହାଡ଼ ପରି ଦେଖାଯାଉଛି। ବିଶେଷଜ୍ଞଙ୍କ ମତରେ ପଶ୍ଚିମୀ ରାଜସ୍ଥାନରେ ଜୀବାଶ୍ମ କାଠ ଅସାମାନ୍ୟ ନୁହେଁ , କିନ୍ତୁ ହାଡ଼ ଭଳି ଗଠନର ଉପସ୍ଥିତି ଏହି ଆବିଷ୍କାରକୁ ସ୍ୱତନ୍ତ୍ର କରିଥାଏ। ଫତେଗଡ଼ ଉପଖଣ୍ଡର ଅଧିକାରୀ ତଥା ତହସିଲଦାର ବୁଧବାର ଦିନ ଘଟଣାସ୍ଥଳକୁ ଗସ୍ତ କରି ଥିଲେ ଏବଂ ଅବଶେଷ ଗୁଡ଼ିକୁ ନିରୀକ୍ଷଣ କରି ଥିଲେ। ଫତେଗଡ଼ର ଉପଖଣ୍ଡ ଅଧିକାରୀ ଭରତରାଜ ଗୁର୍ଜର ଗୁରୁବାର ପିଟିଆଇକୁ କହିଥିଲେ , ଆମେ ଉଚ୍ଚ ଅଧିକାରୀଙ୍କୁ ସୂଚିତ କରି ଦେଇଛୁ ଏବଂ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ (ଜିଆଇଏସ)ର ବୈଜ୍ଞାନିକମାନେ ତଦନ୍ତ ପାଇଁ ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି ଆଶା କରାଯାଉଛି। ପୂରା ଯାଞ୍ଚ ପରେ ହିଁ ଆମେ ଜୀବାଶ୍ମର ବୟସ ଓ ପ୍ରକାରର ନିଶ୍ଚିତ କରି ପାରିବୁ। ପ୍ରଫେସର ଶ୍ୟାମ ସୁଦର ମୀଣା କହିଛନ୍ତି , ଏହି ଅବଶେଷ କୌଣସି ଗଭୀର ଖନନରୁ ବାହାରି ନାହିଁ ବରଂ ପୃଷ୍ଠ ଭାଗରେ ହିଁ ପଡ଼ିଥିବାର ଦେଖା ଯାଉଛି। ସମ୍ଭବ ଯେ, ଏହା ଅଧିକ ପ୍ରାଚୀନ ହୋଇ ନଥିବ ଏବଂ କେବଳ ୫୦ରୁ ୧୦୦ ବର୍ଷ ପୁରୁଣା ହୋଇ ଥିବ। କେବଳ କାର୍ବନ ଡେଟିଂ ଓ ବୈଜ୍ଞାନିକ ବିଶ୍ଳେଷଣର ଅନ୍ୟ ଉପାୟରେ ଏହାର ସଠିକ୍ ବୟସ ବିଷୟରେ ଜଣାପଡ଼ିପାରେ।

## ଧମକପୂର୍ଣ୍ଣ ଚିଠି ସହ ସୀମାରେ ଧରାପଡ଼ିଲା ପାରା



**ନୂଆଦିଲ୍ଲୀ, ୨୧।୮:** ଜମ୍ମୁକାଶ୍ମୀରର ଜମ୍ମୁ ଜିଲ୍ଲାର ଆରଏସ ପୁରା ସୀମାନ୍ତ ଅଞ୍ଚଳରେ ଏକ ପାରା ଧରାପଡ଼ିଛି । ସୁରକ୍ଷା ବାହିନୀ ପାରା ପାଖରୁ ଧମକପୂର୍ଣ୍ଣ ଚିଠି ପାଇଛି । ଏହି ଚିଠିରେ ଜମ୍ମୁ ରେଳ ଷ୍ଟେସନକୁ ଆଇଇଡି ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ଦିଆଯାଇଛି । ପାରାଟି ଧରାପଡ଼ିବା ପରେ ପୁଲିସ ଏବଂ ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳରେ ଆଲର୍ଟ ଜାରି କରିଛନ୍ତି । ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ, ଏହି ପାରା ପାକିସ୍ତାନରୁ ଆସିଥାଇପାରେ । ଏହା ଅଗଷ୍ଟ ୧୮ ରାତି ପ୍ରାୟ ୯ ଟାରେ କାଟମାରିଆ ଅଞ୍ଚଳର ଅନ୍ତର୍ଜାତୀୟ ସୀମା ନିକଟରେ ଧରାପଡ଼ିଥିଲା । ପାରା ଗୋଡ଼ରେ ବନ୍ଧା ହୋଇଥିବା ଚିଠିରେ ଉର୍ଦ୍ଦୁ ଏବଂ ଇଂରାଜୀରେ ଏକ ଧମକପୂର୍ଣ୍ଣ ବାର୍ତ୍ତା ଲେଖାଅଛି । ଯେଉଁଥିରେ 'କାଶ୍ମୀର ସ୍ୱାଧୀନତା' ଏବଂ 'ସମୟ ଆସିଗଲା' ଭଳି ଶବ୍ଦ ଉଲ୍ଲେଖ ରହିଛି । ଅଧିକାରୀଙ୍କ ଅନୁଯାୟୀ, ପାକିସ୍ତାନ ଭାରତୀୟ ସୀମାରେ ବେଲୁନ, ପତାକା ଏବଂ ପାରା ମାଧ୍ୟମରେ ବିଭିନ୍ନ ଉପାୟରେ ବାର୍ତ୍ତା ପଠାଉଛି। ଏହା ପ୍ରଥମ ଥର ଯେ, ଧମକପୂର୍ଣ୍ଣ ବାର୍ତ୍ତା ସହ ଏକ ପାରା ଧରାପଡ଼ିଛି । ବିପଦ ଏବଂ ଭାରତ ବିରୋଧୀ ଷଡ଼ଯନ୍ତ୍ରକୁ ଦୃଷ୍ଟିରେ ରଖି ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ମାମଲାକୁ ଗମ୍ଭୀରତାର ସହ ନେଇଛନ୍ତି । ସୂତ୍ର ଅନୁଯାୟୀ, ସୁରକ୍ଷା ବାହିନୀ ଏହାର ସତ୍ୟାସତ୍ୟ ଜାଣିବାକୁ ତଦନ୍ତ କରୁଛି । ଜଣେ ସୁରକ୍ଷା ବିଶେଷଜ୍ଞ କହିଛନ୍ତି, 'ଏପରି ମାମଲାକୁ ହାଲୁକା ଭାବରେ ନିଆଯାଇପାରିବ ନାହିଁ। ସମ୍ଭବତଃ ପାରାକୁ ସ୍ୱତନ୍ତ୍ର ଭାବରେ ତାଲିମ ଦିଆଯାଇ ସୀମାକୁ ପଠାଯାଇଛି ।' ଏହି ଘଟଣା ପରେ, ଜମ୍ମୁ ରେଳ ଷ୍ଟେସନ ଏବଂ ରେଳ ଟ୍ରାକ ଚାରିପାଖରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପୁଲିସ କୁକୁର ସ୍କ୍ୱାଡ୍ ଏବଂ ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ନିୟୋଜିତ କରିଛି। ଯେକୌଣସି ସମ୍ଭାବ୍ୟ ବିପଦର ମୁକାବିଲା କରିବା ପାଇଁ ସ୍ଥାନୀୟ ପୁଲିସକୁ ମଧ୍ୟ ହାଇ ଆଲର୍ଟରେ ରଖାଯାଇଛି ।

## ନୀତୀଶ ପିନ୍ଧିଲେନି ମୁସଲିମ୍ ଟୋପି



**ନୂଆଦିଲ୍ଲୀ,୨୧।୮:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମ୍ଭବତଃ ପ୍ରଥମ ଥର ପାଇଁ ମୁସଲିମ୍ ଟୋପି ପିନ୍ଧିବାକୁ ମନା କରିଛନ୍ତି । ବିଧାନସଭା ନିର୍ବାଚନ ପାଇଁ ସରଗରମ ଥିବା ରାଜନୀତି ଭିତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ବିହାର ରାଜ୍ୟ ମଦ୍ରସା ଶିକ୍ଷା ବୋର୍ଡର ଶତାବ୍ଦୀ ସମାରୋହ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଂଖ୍ୟାଲଘୁ ମନ୍ତ୍ରୀ ଜମା ଖାନ ସିଏମ୍ ନୀତୀଶ କୁମାରଙ୍କୁ ଟୋପି ପିନ୍ଧା ପାଇଁ ଆସିଥିଲେ। କିନ୍ତୁ ନୀତୀଶ କୁମାର ଟୋପି ନିଜେ ପିନ୍ଧିବା ପରିବର୍ତ୍ତେ ମନ୍ତ୍ରୀ ଜମା ଖାନଙ୍କୁ ହିଁ ପିନ୍ଧାଇ ଦେଇଥିଲେ । ୧୨ ବର୍ଷ ପୂର୍ବେ ନୀତୀଶ କୁମାର ମୁସଲିମ୍ ଟୋପି ନପିନ୍ଧିବାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଟାକ୍ଷ କରିଥିଲେ । ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଧର୍ମ ନିରପେକ୍ଷ ଛବି ରହିଛି । ରାଜନୀତି ମହଲରେ ସେ ତାଙ୍କର ଏହି ଛବି ପାଇଁ ଜଣାଶୁଣା। ଏଥିପାଇଁ ମୁସଲମାନଙ୍କ ଗୋଟିଏ ବଡ଼ ଗୋଷ୍ଠୀର ତାଙ୍କୁ ସମର୍ଥନ ରହିଛି । ରମଜାନ ମାସରେ ଆୟୋଜିତ ଇଫତାର୍ ପାର୍ଟିରେ ତାଙ୍କୁ ଅନେକ ଥରେ ଫେଜ୍ ଟୋପି ପିନ୍ଧିଥିବା ଦେଖିବାକୁ ମିଳିଛି । କିନ୍ତୁ ଆଜି ହଠାତ୍ ଟୋପି ନପିନ୍ଧିବା ତାଙ୍କ ବିରୋଧୀଙ୍କ ପାଇଁ ଏକ ସୁଯୋଗ ଦେଇଛି । ନୀତୀଶଙ୍କ ଧର୍ମ ନିରପେକ୍ଷ ଛବି ଉପରେ ଉଠାଇବା ପାଇଁ ବିରୋଧୀଙ୍କ ବଡ଼ ସୁଯୋଗ ମିଳିଛି ।

## ଚାଲିବ ଲଗଜରୀ ବସ୍, ରହିବେ ବସ୍ ହୋଷ୍ଟେସ୍



**ନୂଆଦିଲ୍ଲୀ,୨୧।୮:** ବସ୍‌ରେ ବି କରିବେ ବିମାନ ଭଳି ଆରାମ ଯାତ୍ରା। ଯେପରି ବିମାନରେ ଏୟାର ହୋଷ୍ଟେସ୍ ଅଛନ୍ତି, ସେହିପରି ବସ୍‌ରେ ମଧ୍ୟ ବସ୍ ହୋଷ୍ଟେସ୍ ରହିବେ। ଏନେଇ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ସୂଚନା ଦେଇଛନ୍ତି। ବିଜନେସ୍ ଷ୍ଟାଣ୍ଡାର୍ଡ ଇନଫ୍ରାଷ୍ଟ୍ରକଚର ସମିଟ୍ ଅବସରେ ଏଭଳି କହିଛନ୍ତି ଗଡକାରୀ। ସେ କହିଛନ୍ତି, ଭାରତରେ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବା ପାଇଁ କାମ ଚାଲିଛି। ସରକାର ଅତ୍ୟାଧୁନିକ ଇଲେକ୍ଟ୍ରିକ୍ ବସ୍ ଚଲାଇବା ଯୋଜନାରେ କାମ କରୁଛନ୍ତି, ଯେଉଁଥିରେ ଯାତ୍ରୀମାନେ କଫି, ଚା, ଫଳ ଏବଂ ଥଣ୍ଡା ପାନୀୟର ସୁବିଧା ପାଇବେ। ବର୍ତ୍ତମାନ ଟାଟା ସହିତ ମିଳିତ ଭାବରେ ଏହି ପ୍ରକଳ୍ପ ଉପରେ କାମ ଚାଲିଛି।

ଏହି ବସ୍‌ରେ ବିମାନ ଭଳି ସୁବିଧା ରହିବ। ଡିଜେଲ୍ ବସ୍ ତୁଳନାରେ ଏହାର ଭଡ଼ା ପ୍ରାୟ ୩୦ ପ୍ରତିଶତ ହେବ ବୋଲି ଆଶା କରାଯାଉଛି। ଗୋଟିଏ ପଟେ, ଏହା ସାର୍ବଜନୀନ ପରିବହନ ବସ୍‌କୁ ଅତ୍ୟାଧୁନିକ ଏବଂ ଆରାମଦାୟକ କରିବା ପାଇଁ ଏକ ପ୍ରୟାସ, ଯେତେବେଳେ ଅନ୍ୟ ପଟେ ଏହାର ଉଦ୍ଦେଶ୍ୟ ଯାତ୍ରୀମାନଙ୍କ ଯାତ୍ରାକୁ ସୁଖଦ ଏବଂ ସ୍ମରଣୀୟ କରିବା। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର ଉପରେ ଗୁରୁତ୍ୱାରୋପ କରି ଗଡକରୀ କହିଛନ୍ତି , ଟନେଲ, ବ୍ରିଜ୍, ଏବଂ ରାସ୍ତା ନିର୍ମାଣ ପାଇଁ ମଧ୍ୟ ଏଆଇ ବ୍ୟବହାର ଉପରେ ବିଚାର କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ପାହାଡିଆ ଅଞ୍ଚଳରେ, ବିଶେଷକରି ହିମାଚଳ ଏବଂ ଉତ୍ତରାଖଣ୍ଡରେ ଉପୁଜୁଥିବା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏଆଇ ବ୍ୟବହାର କରାଯିବ। ଉଲ୍ଲେଖନୀୟ ଯେ ଦେଶ ଏବଂ ବିଶ୍ୱରେ ଏଆଇର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏପରି ପରିସ୍ଥିତିରେ,ନୀତିନ ଗଡକରୀ ଆଶା କରିଛନ୍ତି ଯେ ଏହାର ବ୍ୟବହାର ସଡକ ଭିତ୍ତିଭୂମିରେ ଏକ ମୌଳିକ ପରିବର୍ତ୍ତନ ଆଣିପାରିବ।

# ଯୋଗୀଙ୍କ ଉପରେ ନିର୍ମିତ ଫିଲ୍ମ ପ୍ରଥମେ ଦେଖିବେ ହାଇକୋର୍ଟ




**ମୁମ୍ବାଇ,୨୧।୮:** ବମ୍ବେ ହାଇକୋର୍ଟ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ 'ଅଜୟ: ଦି ଅନଟୋଲ୍ଡ ଷ୍ଟୋରି' ଦେଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କୋର୍ଟ ଏହି ସପ୍ତାହନ୍ତରେ ଫିଲ୍ମଟି ଦେଖିବେ ଏବଂ ସୋମବାର ତାଙ୍କର ନିର୍ଦ୍ଦେଶ ଦେବେ।

ବମ୍ବେ ହାଇକୋର୍ଟ ଗୁରୁବାର କହିଛନ୍ତି ଯେ ସେଣ୍ଟ୍ରାଲ ବୋର୍ଡ ଅଫ ଫିଲ୍ମ ସାର୍ଟିଫିକେସନ (ସିବିଏଫ୍‌ସି) ଦ୍ୱାରା ଚଳଚ୍ଚିତ୍ରକୁ ପ୍ରମାଣପତ୍ର ଦେବାକୁ ମନା କରାଯିବାକୁ ଚ୍ୟାଲେଞ୍ଜ କରି 'ଅଜୟ: ଦି ଅନଟୋଲ୍ଡ ଷ୍ଟୋରି' ଫିଲ୍ମର ନିର୍ମାତାଙ୍କ ଦ୍ୱାରା ଦାୟର ଆବେଦନ ଉପରେ ନିଷ୍ପତ୍ତି ନେବେ। ଏହି ଚଳଚ୍ଚିତ୍ରଟି 'ଦି ମଙ୍କ ହୁ ବିକେମ ଚିଫ ମିନିଷ୍ଟର' ପୁସ୍ତକ ଦ୍ୱାରା ଅନୁପ୍ରାଣିତ ଏବଂ ଏହା ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଜୀବନୀ ଉପରେ ଆଧାରିତ ବୋଲି କୁହାଯାଉଛି। ବିଚାରପତି ରେବତୀ ମୋହିତେ ଡେରେ ଏବଂ ବିଚାରପତି ନୀଳା ଗୋଖଲେଙ୍କ ଖଣ୍ଡପୀଠ ଗୁରୁବାର ଫିଲ୍ମ ନିର୍ମାତାମାନଙ୍କୁ ଫିଲ୍ମର ଏକ କପି କୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଥିରେ ସିବିଏଫ୍‌ସି ଦ୍ୱାରା ଚିହ୍ନିତ ଦୃଶ୍ୟ କିମ୍ବା ଅଂଶଗୁଡ଼ିକୁ ସ୍ପଷ୍ଟ ଭାବରେ ଚିହ୍ନିତ କରାଯାଇଛି। ଯେଉଁ ପୁସ୍ତକ ଉପରେ ଫିଲ୍ମଟି ଆଧାରିତ ତାହାର ଏକ କପି ପୂର୍ବରୁ କୋର୍ଟରେ ଦାଖଲ କରାଯାଇଛି। ୭ ଅଗଷ୍ଟରେ ଏକ ପୂର୍ବ ଆଦେଶରେ, କୋର୍ଟ ସିବିଏଫସିକୁ ନିର୍ଦ୍ଦେଶ ଦେଇଥିଲେ ଯେ ସେ ଫିଲ୍ମଟି ଦେଖନ୍ତୁ ଏବଂ ଏହାର ଆପତ୍ତିଗୁଡ଼ିକୁ ୧୧ ଅଗଷ୍ଟ ସୁଦ୍ଧା ଫିଲ୍ମ ନିର୍ମାତାଙ୍କ ସହିତ ଶେୟାର କରନ୍ତୁ ଯାହା ଦ୍ୱାରା ସେମାନେ ଆବଶ୍ୟକୀୟ ପରିବର୍ତ୍ତନ କରିପାରିବେ।

ସିବିଏଫସିର ଯାଞ୍ଚ କମିଟି ଅଗଷ୍ଟ ୧୧ରେ ୨୯ଟି ଆପତ୍ତି ତାଲିକାଭୁକ୍ତ କରିଥିଲେ। ତଥାପି, ଫିଲ୍ମ ନିର୍ମାତାମାନେ ୧୨ ଅଗଷ୍ଟ ପର୍ଯ୍ୟନ୍ତ କୌଣସି ଉତ୍ତର ଦେଇ ନଥିଲେ କିମ୍ବା କୌଣସି ପରିବର୍ତ୍ତନ ପ୍ରସ୍ତାବ ଦେଇ ନଥିଲେ। ତେଣୁ, ସିବିଏଫସିର ସଂଶୋଧନ କମିଟି ଫିଲ୍ମଟି ଦେଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ସଂଶୋଧନ କମିଟି ପୂର୍ବ ଆପତ୍ତିଗୁଡ଼ିକ ମଧ୍ୟରୁ ୮ଟିକୁ ହଟାଇ ଦେଇଥିଲା, କିନ୍ତୁ ଶେଷରେ ଅଗଷ୍ଟ ୧୭ ତାରିଖରେ ପ୍ରମାଣପତ୍ରକୁ ପ୍ରତ୍ୟାଖ୍ୟାନ କରିଥିଲା। ସୋମବାର (୧୮ ଅଗଷ୍ଟ) ଦିନ, ଚଳଚ୍ଚିତ୍ର ନିର୍ମାତାମାନେ ସଂଶୋଧନ କମିଟିର ପ୍ରତ୍ୟାଖ୍ୟାନ ଆଦେଶକୁ ଚ୍ୟାଲେଞ୍ଜ କରିବା ପାଇଁ ସେମାନଙ୍କର ଆବେଦନ ସଂଶୋଧନ କରିବାକୁ ଅନୁମତି ମାଗିଥିଲେ। ତା'ପରେ କୋର୍ଟ ସିନେମାଟୋଗ୍ରାଫ ଆଇନ ଅନୁଯାୟୀ ଏକ ଆପିଲ ବ୍ୟବସ୍ଥା ଉପଲବ୍ଧ ଥିବାରୁ ସଂଶୋଧିତ ଆବେଦନ ଗ୍ରହଣୀୟ କି ନାହିଁ ତାହା ନିଷ୍ପତ୍ତି ନେବା ପାଇଁ ଆଜି ଅର୍ଥାତ ଗୁରୁବାର ଶୁଣାଣି ପାଇଁ ମାମଲାକୁ ସ୍ଥିର କରିଥିଲେ।

# ଗୋଠଛଡ଼ା ଦନ୍ତା ନେଲା ବୃଦ୍ଧାଙ୍କ ଜୀବନ

**କେନ୍ଦୁଝର,୨୧।୮(ସଂଚାର ବ୍ୟୁରୋ):** ଆତଙ୍କ ଖେଳାଇଛି ଗୋଠ ଛଡ଼ା ଦନ୍ତା। ଦିନରେ ଲୁଚୁଛି, ରାତିରେ ଭାଙ୍ଗୁଛି। ହାତୀ ଆକ୍ରମଣରେ ପୁଣି ଜଣଙ୍କ ମୃତ୍ୟୁ। ଶୋଇଥିବା ବେଳେ ଘର ଭାଙ୍ଗି ଆକ୍ରମଣ କଲା ଗୋଠଛଡା ଦନ୍ତା। ଚିକିତ୍ସିତ ଅବସ୍ଥାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଚମ୍ପୁଆ ବ୍ଲକ ବର୍ଧନା ଗାଁରେ ଦେଖା ଯାଇଛି ଦନ୍ତା ଆତଙ୍କ। ଘରେ ପଶି ଗୋଠଛଡା ଦନ୍ତା କରିଥିଲା ଉତ୍ପାତ। ବିଳମ୍ବିତ ରାତିରେ ବର୍ଧନା ଗାଁର ଶରଧା ଖିଲାର ନାମକ ଜଣେ ୭୦ ବର୍ଷିୟା ବୃଦ୍ଧା ଘରେ ଶୋଇଥିବା ବେଳେ, ଚମ୍ପୁଆ ରେଞ୍ଜରେ ଆତଙ୍କ ଜାରି ରଖିଥିବା ଗୋଠ ଛଡା ଦନ୍ତା ହାତୀଟି ଧାନ ଖାଇବା ଆଶାରେ ଶରଧାଙ୍କ ଘର ଭିତରେ ପଶିଥିଲା। ଘର ଭିତରେ ଥିବା ଶରଧାକୁ ଆକ୍ରମଣ କରିବା ସହ ଘର ଭିତରେ ଥିବା ଧାନ ଚାଉଳ ଖାଇଥିଲା ହାତୀ। ସେତେବେଳେ ତାଙ୍କ ପରିବାର ଲୋକେ ଅନ୍ୟ ଏକ କୋଠରୀରେ ଶୋଇଥିବାରୁ ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡାଇବା ସହ ଶରଧାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଭଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ମାତ୍ର ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା । ତେବେ ହାତୀ ମଣିଷର ଲଢେଇରେ ବଢୁଛି ମୃତ୍ୟୁ ସଂଖ୍ୟା ।

# ବାଇକ ଧକ୍କାରେ ଜଣେ ମୃତ

**ଫୁଲବାଣୀ,୨୧।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଖଜୁରୀଗାଁ ନିକଟରେ ଏକ ମର୍ମନ୍ତୁଦ ବାଇକ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତ ବାଇକ ଚାଳକ ଜଣଙ୍କ ଗୋଛାପଡା ପଞ୍ଚାୟତର ପିପଲମାଳା ଗାଁର ପରମେଶ୍ୱର କହଁର (୨୦) ବୋଲି ଜଣାପଡ଼ିଥିବା ବେଳେ ଗୁରୁତର ଆହତ ହୋଇଥିବା ବାଇକ ଜଣଙ୍କ ଗୋଛାପଡ଼ା ଥାନା କଟରିଙ୍ଗିଆ ପଞ୍ଚାୟତର ପାଙ୍ଗାପାଜୁ ଗାଁର ଜତୁରା କହଁର ବୋଲି ଜଣାପଡ଼ିଛି। ସୂଚନାନୁସାରେ ଆହତ ହୋଇଥିବା ବାଇକ ଆରୋହୀ ଜଣକ କୌଣସି କାମରେ ବାଲନ୍ଦାପଡା କୁ ଯାଇ ନିଜ ଗାଁ ପାଙ୍ଗାପାଜୁ କୁ ଫେରୁଥିବା ସମୟରେ ଗୋଛାପଡା ଠାରୁ ବାଲନ୍ଦାପଡା ଯାଇଥିବା ମୁଖ୍ୟ ରାସ୍ତାର ଖଜୁରିଗାଁ ନିକଟରେ ଗୋଛାପଡା ପଟୁ ବାଲନ୍ଦାପଡା ପଟକୁ ଯାଉଥିବା ଅନ୍ୟ ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ପିପିଲମାଳା ଗାଁ ର ପରମେଶ୍ୱର କହଁର ଙ୍କ ମୃତ୍ୟୁ ହୋଇଥିବା ବେଳେ ଜତୁରା କହଁର ଗୁରୁତର ଆହତ ହୋଇଥିଲେ । ଖବରପାଇ ଗୋଛାପଡା ଥାନାଧିକାରୀ ଚିରଞ୍ଜୀବ ବେହେରା ଘଟଣା ସ୍ଥଳରେ ପହଂଚି ମୃତ ଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ସଡ଼କ ସୁରକ୍ଷା ସଚେତନତାରେ ସହଭାଗୀ ହେବେ ପୂଜା କମିଟି

# ଜିଲ୍ଲାପାଳ ଓ ଏସପିଙ୍କୁ ଚିଠି ଲେଖିଲେ କମିଶନର୍

**କଟକ/ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ):** ପାର୍ବଣରେ ପୂଜା ମଣ୍ଡପରେ ଲାଗିବ ସଡ଼କ ସୁରକ୍ଷା ବାର୍ତ୍ତା। ମା'ଙ୍କ ଆଶୀର୍ବାଦ ସହ ପରିବାରର ସୁରକ୍ଷା ପାଇଁ ହେବେ ସଚେତନ। ଏଥିପାଇଁ ସମସ୍ତ ପୂଜା କମିଟିଙ୍କୁ

- **ପ୍ରତି ପୂଜା ମଣ୍ଡପରେ ପ୍ରଚାରିତ ହେବ ବାର୍ତ୍ତା**
- **ୱାର୍ଡ ସ୍ତରରେ ସଚେତନତା ପାଇଁ ସହଯୋଗ କରିବେ ସାହି ମୁରବୀ**

ଅନୁରୋଧ କରାଯିବ। କେବଳ ସେତିକି ନୁହେଁ, ନିଜ ଅଞ୍ଚଳକୁ ଦୁର୍ଘଟଣାମୁକ୍ତ କରିବା ଦିଗରେ ସହଯୋଗ କରିବାକୁ ସାହି ମୁରବୀଙ୍କୁ ମଧ୍ୟ ନିବେଦନ କରାଯିବ। ପାର୍ବଣ ସମ୍ପର୍କିତ ସମନ୍ୱୟ ବୈଠକରେ ପୂଜା କମିଟିମାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବାକୁ ସମସ୍ତ ଜିଲ୍ଲାପାଳ, ଏସପିଙ୍କ ସମେତ କଟକ ଓ ଭୁବନେଶ୍ୱରର ଡିସିପିଙ୍କୁ ଚିଠି ଲେଖିଛନ୍ତି ପରିବହନ କମିଶନର୍ ଅମିତାଭ ଠାକୁର।



ଏଥିରେ ଶ୍ରୀ ଠାକୁର ଉଲ୍ଲେଖ କରିଛନ୍ତି ଯେ ସମ୍ପ୍ରତି ସଡ଼କ ଦୁର୍ଘଟଣା ଚିନ୍ତାର କାରଣ ହୋଇଛି। ସଂଖ୍ୟା ହ୍ରାସ ପାଇଁ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପାର୍ବଣ ସମୟରେ ବିଭିନ୍ନ ପୂଜା ମଣ୍ଡପରେ ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ଏହି ସମୟରେ ଅନେକ ଲୋକଙ୍କ ପାଖରେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚାଯିବାର ସୁଯୋଗ ରହିଛି। ଏହାକୁ ଦୃଷ୍ଟିରେ ରଖି ପୂଜା କମିଟିମାନଙ୍କୁ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାର ପାଇଁ ନିବେଦନ କରାଯିବ। ଏଥିସକାଶେ ସେ ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କ ସମେତ କଟକ ଓ ଭୁବନେଶ୍ୱରର ଡିସିପିଙ୍କୁ ଚିଠି ଲେଖିଛନ୍ତି। ଏହି ଅଭିଯାନ ଜରିଆରେ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷିତ ଯାତ୍ରା ନିୟମ ପାଳନର ଗୁରୁତ୍ୱ ସମ୍ପର୍କିତ ବାର୍ତ୍ତା ପ୍ରଦର୍ଶିତ ହେବ। ପୂଜା କମିଟିମାନେ ବିଭିନ୍ନ ଉପାୟରେ ଏହି ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇପାରିବେ। ସେହିଭଳି ଏହି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଦର୍ଶକଙ୍କୁ ସଡ଼କ ସୁରକ୍ଷା ନିୟମ ପାଳନ ନେଇ ନିବେଦନ କରାଯିବ। ପାର୍ବଣ ସମ୍ପର୍କିତ ସମନ୍ୱୟ ବୈଠକରେ ଏହି ବିଷୟରେ ଆଲୋଚନା କରିବାକୁ କୁହାଯାଇଛି। ଏଥିସହ ପୂଜା କମିଟିର ବରିଷ୍ଠ ସଦସ୍ୟମାନେ ସାଧାରଣତଃ ସାହି ମୁରବୀ ଭାବେ ସମ୍ମାନ ପାଆନ୍ତି ଓ ସେମାନଙ୍କ କଥା ଯୁବପିଢ଼ି ମାନିଥାନ୍ତି। ତେଣୁ ପୂଜା ପରେ ମଧ୍ୟ ନିଜ ଅଞ୍ଚଳକୁ ସଡ଼କ ଦୁର୍ଘଟଣାମୁକ୍ତ କରିବା ଦିଗରେ ସେମାନେ ଉଦ୍ୟମ କରିପାରିବେ। କେବଳ ଦୁର୍ଗା ପୂଜା ନୁହେଁ, ସମସ୍ତ ପ୍ରମୁଖ ପର୍ବପର୍ବାଣିରେ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାରକୁ ଗୁରୁତ୍ୱ ଦେବାକୁ କମିଶନର୍ ଶ୍ରୀ ଠାକୁର ନିବେଦନ କରିଛନ୍ତି। ଜିଲ୍ଲାପାଳ ଓ ଏସପିମାନେ ଏ ଦିଗରେ ପୂଜା କମିଟିମାନଙ୍କୁ ଉତ୍ସାହିତ କରିବେ। ଏଥିସହ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ)ମାନେ ସକ୍ରିୟ ଭାବେ ଅଭିଯାନରେ ସାମିଲ ହୋଇ ଅଧିକରୁ ଅଧିକ ଲୋକଙ୍କ ପାଖେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚାଇବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପାର୍ବଣ ସମୟରେ ସଡ଼କ ସୁରକ୍ଷା ସଚେତନତାକୁ ପ୍ରାଧାନ୍ୟ ଦେବା ଉପରେ ବାଣିଜ୍ୟ ଓ ପରିବହନ ପକ୍ଷରୁ ନିଷ୍ପତ୍ତି ହୋଇଛି। ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ଠାକୁର ଉପରୋକ୍ତ ଚିଠି ଲେଖିଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟ ଆଲୁମିନି ଆସୋସିଏସନର ପଞ୍ଚମ ବାର୍ଷିକ ସମାରୋହ

## ପୁରାତନ ଛାତ୍ରଛାତ୍ରୀ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ନିଅନ୍ତୁ: ରାଜ୍ୟପାଳ




**ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ):** ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଏକ ସାମୂହିକ ଦାୟିତ୍ୱ ଭାବେ ଗ୍ରହଣ କରିବା, ସେମାନଙ୍କ ଜ୍ଞାନକୁ ସମାଜର ଉନ୍ନତି ଓ କରୁଣାପୂର୍ଣ୍ଣ ସମାଜ ଗଠନ ଦିଗରେ ବ୍ୟବହାର କରିବା ସହ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ନେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଦେଇଛନ୍ତି। ଆଜି ଅପରାହ୍ନରେ ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌କେସିଜି ଅଡିଟୋରିୟମ୍‌ଠାରେ ବିଶ୍ୱବିଦ୍ୟାଳୟର ଆଲୁମିନି ଆସୋସିଏସନ୍‌ର ପଞ୍ଚମ ବାର୍ଷିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ଶିକ୍ଷା କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ଏହା ସମାଜକୁ ଆଲୋକିତ ଓ ପରିବର୍ତ୍ତନ କରିବା ପାଇଁ ଜୀବନବ୍ୟାପୀ ଦାୟିତ୍ୱ। ୮ ଦଶନ୍ଧିରୁ ଅଧିକ ସମୟ ଧରି ଉତ୍କଳ ବିଶ୍ୱବିଦ୍ୟାଳୟ ଜ୍ଞାନର ଏକ ଉଜ୍ଜ୍ୱଳ ଆଲୋକପଥ ହୋଇଆସିଛି ବୋଲି ରାଜ୍ୟପାଳ କହିଛନ୍ତି। ଆଲୁମିନି ଆସୋସିଏସନ୍ ସମୃଦ୍ଧ ହୋଇ ଯୁବପିଢ଼ି ପାଇଁ ମାର୍ଗଦର୍ଶକ ସାଜିବା ସହ ଉତ୍କର୍ଷତା, ଚରିତ୍ର ଗଠନ ଓ ସମାଜସେବାର କେନ୍ଦ୍ର ଭାବରେ ବିଶ୍ୱବିଦ୍ୟାଳୟର ଐତିହ୍ୟକୁ ବଜାୟ ରଖୁ ବୋଲି ରାଜ୍ୟପାଳ କାମନା କରିଛନ୍ତି। ସମାରୋହରେ ମୁଖ୍ୟ ବକ୍ତା ଭାବେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯୋଗଦେଇ ନିଜ ବକ୍ତବ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗରିମାମୟ ଇତିହାସ ଓ ପରଂପରା ଏବଂ ରାଜ୍ୟ ତଥା ଦେଶ ପ୍ରତି ଅବଦାନ ସମ୍ପର୍କରେ ଅବତାରଣା କରି ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ତାଙ୍କର ସ୍ମୃତି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଯଜ୍ଞେଶ୍ୱର ଦଣ୍ଡପାଟ ଯୋଗଦେଇଥିବା ବେଳେ ପ୍ରାରମ୍ଭରେ ଆସୋସିଏସନ୍ ସଭାପତି ଡ. ସତ୍ୟଜିତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ଦାଶ ଉପସ୍ଥିତ ଥିବା ବେଳେ ସ୍ମରଣିକା 'ଉତ୍କଳାୟନ' ଉନ୍ମୋଚିତ ହୋଇଥିଲା। ଏଥିସହ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ଜଳ ବିଭାଜିକା ଯୋଜନାରେ ପାଣି ଉପଯୋଗ ନେଇ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ପ୍ରଶଂସା

# ଓଡ଼ିଶା ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟ

**ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ୨.୦ ର ଜଳବିଭାଜିକା ଅଧୀନରେ ପାଣି ବ୍ୟବହାରରେ ଓଡ଼ିଶା ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟ ହୋଇଛି। ଆଜି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶର ସମସ୍ତ ରାଜ୍ୟ ଓ ଜମ୍ମୁ କାଶ୍ମୀର, ଲଦାଖ କେନ୍ଦ୍ରଶାସିତ ପ୍ରଦେଶର ଜଳବିଭାଜିକା-ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ୨.୦ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଅନୁମୋଦିତ ପାଣିର ୮୩ ପ୍ରତିଶତ ବ୍ୟବହାର କରି ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ଏହି ପ୍ରକଳ୍ପର ଅବଧି ୨୦୨୧-୨୨ ଆର୍ଥିକ ବର୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ ପ୍ରକଳ୍ପ ବ୍ୟୟ ୭୫୯.୨୭ କୋଟି ଟଙ୍କା ଓ ଏଥିରେ କେନ୍ଦ୍ର ଏବଂ ରାଜ୍ୟ ଅଂଶ ଅନୁପାତ ୬୦ ଓ ୪୦ ରହିଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମୀକ୍ଷା ସମୟରେ କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଓଡ଼ିଶା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଚୌହାନ ଡବ୍ଲ୍ୟୁଡିସି-ପିଏମ୍‌କେଏସ୍‌ୱାଇ ୨.୦ ଅଧୀନରେ ଆବଣ୍ଟିତ ପାଣିର ସର୍ବୋତ୍ତମ ବ୍ୟବହାର ପାଇଁ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ୨୦୨୫-୨୬ ଆର୍ଥିକ ବର୍ଷରେ ଡବ୍ଲ୍ୟୁଡିସି-ପିଏମ୍‌କେଏସ୍‌ୱାଇ ୨.୦ ଅଧୀନରେ ୭ଟି ଅତିରିକ୍ତ ପ୍ରକଳ୍ପ ମଞ୍ଜୁର କରାଯାଇଛି। ଯାହାର ମୋଟ ପ୍ରକଳ୍ପ ବ୍ୟୟ ୮୨.୧୦ କୋଟି ଟଙ୍କା ହେବ ଓ ଏହାଦ୍ୱାରା ସମନ୍ୱିତ ଜଳଛାୟା ପରିଚାଳନା ମାଧ୍ୟମରେ ଜମିର ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଇପାରିବ ବୋଲି କହିଛନ୍ତି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅନଲାଇନ୍...

ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡାଦେଶ କିମ୍ବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହେବାର ପ୍ରାବଧାନ ରହିଛି। ଆଜି ରାଜ୍ୟସଭାରେ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥାପିତ କରିବା ସହ ଅନଲାଇନ୍ ଗେମ୍ କୌଣସି ନିଶାଦ୍ରବ୍ୟ ସେବନ ପରି ସାଙ୍ଘାତିକ। ଅବଶ୍ୟ ଏହି ଗେମ୍ ପଛରେ ଥିବା ଶକ୍ତିଶାଳୀ ବ୍ୟକ୍ତିବିଶେଷ ନିଶ୍ଚିତ ଭାବେ କୋର୍ଟରେ ଚ୍ୟାଲେଞ୍ଜ୍ କରିବେ। ବ୍ୟାନ୍ ହଟାଇବା ସକାଶେ ସେମାନେ ସୋସିଆଲ୍ ମିଡିଆର ମଧ୍ୟ ସହାୟତା ନେଇପାରନ୍ତି। କିନ୍ତୁ ବିଗତ ଦିନରେ ଏହି ଧରଣର ଗେମ୍ କିପରି ଭାବେ ସମାଜକୁ କଳୁଷିତ କରିଛି ଓ ଏହି ଗେମ୍‌ରୁ ଉପାର୍ଜିତ ଅର୍ଥ କିପରି ଆତଙ୍କବାଦୀମାନଙ୍କୁ ସହଯୋଗ କରିଛି, ତାହା ସ୍ପଷ୍ଟ ହୋଇସାରିଛି। ତେବେ ବିରୋଧୀ କଂଗ୍ରେସ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଏପରି ବିଧେୟକ ବିନା କୌଣସି ବିତର୍କରେ ଅନୁମୋଦିତ ହେବାକୁ ବିରୋଧ କରିଥିଲେ। ଏପରିକି ବିଜେପି ସାଂସଦ କିରେନ୍ ରିଜିଜୁ ମଧ୍ୟ ଲଗାତାର ବିରୋଧ ପରିପ୍ରେକ୍ଷୀରେ ଅନୁମୋଦନ ଉପରେ ପ୍ରଶ୍ନ ଉଠାଇଥିଲେ। ଅନ୍ୟପକ୍ଷରେ ସଂସଦର ଚଳିତ ମୌସୁମୀ ଅଧିବେଶନ ମଧ୍ୟ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ରହିଛି।

## ମୁକ୍ତିକାନ୍ତ...

ଗୁରୁତ୍ତର ନେଉନଥିବା ବେଳେ ମିଳୁଥିବା ଖବର ଅନୁଯାୟୀ ମୁକ୍ତିକାନ୍ତ ଅଣ୍ଡରଗ୍ରାଉଣ୍ଡ ହୋଇଯାଇଛନ୍ତି। ସେ କୌଣସି ଏକ ଅଜଣା ସ୍ଥାନରେ ଲୁଚି ରହି ଓକିଲଙ୍କ ସହ ଯୋଗାଯୋଗରେ ଅଛନ୍ତି। ସବୁଠୁ ଉଦବେଗର କଥା ହେଉଛି ରାଜ୍ୟ ବିଜେପି ମଧ୍ୟ ଏଭଳି ଏକ ଭୟଙ୍କର ଜନ୍ତୁ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ମୁକ୍ତିକାନ୍ତଙ୍କ ଭଳି ଜଣେ ଡାହୁକ ନେତାଙ୍କୁ ରାଜ୍ୟ ସଭାପତି ନା ଆଉ କିଏ ସୁରକ୍ଷା ଦେଉଛନ୍ତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାମ୍ବାଦିକଙ୍କୁ ମାରିଦେବାକୁ ଧମକ ଦେଉଥିବା ଏଭଳି ଜଣେ ବିଶୃଙ୍ଖଳିତ ନେତାଙ୍କ ବିରୋଧରେ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସାମ୍ବାଦିକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ପୂର୍ବରୁ ସାମ୍ବାଦିକଙ୍କ ଉପରେ ଆକ୍ରମଣ ହେଲେ ବା ଧମକ ଦିଆଗଲେ ବିଜେପି ରାଜରାସ୍ତାକୁ ଓହ୍ଲାଇ ଗର୍ଜନ ତର୍ଜନ କରୁଥିଲା। ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଆଇନ ଆଣିବାକୁ ଦାବି କରୁଥିଲା। ହେଲେ ଏବେ ନିଜ ସରକାରରେ ସାମ୍ବାଦିକଙ୍କୁ ଗୁଳିକରି ମାରିଦେବାକୁ ଧମକ ଦିଆଯାଉଛି, ଅଥଚ ସଭାପତି ହାତବାନ୍ଧି ବସିରହି ଏଭଳି ଜଣେ ଡାହୁକ ନେତାଙ୍କୁ ଖୋଲାଖୋଲି ସୁରକ୍ଷା ଦେବା ବୁଦ୍ଧିଜୀବୀ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ମୁକ୍ତିକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ କାହାର ସ୍ୱାର୍ଥରେ ହାନି ହେଉଛି, ତାକୁ ନେଇ ମଧ୍ୟ ଅଧିକ ଖୋଳତାଡ଼ ହେବାର ଆବଶ୍ୟକତା ରହିଥିବା ଚର୍ଚ୍ଚା ହେଉଛି।

## ପୁଣି ସ୍ଥଗିତ...

ରଖିଥିଲା। ଅନ୍ୟପକ୍ଷରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପରିଚାଳନା ପାଇଁ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯିବ ବୋଲି ସୂଚନା ମିଳିଛି। ବିଶେଷକରି ପ୍ରଶ୍ନପତ୍ର ସୁରକ୍ଷା ପାଇଁ ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏଥିରେ ଜିଲ୍ଲାପାଳ ଓ ଏସପି ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ରହିବେ। ଡିଇଓଙ୍କ ବଦଳରେ ଜିଲ୍ଲାପାଳ ପ୍ରଶ୍ନପତ୍ର ଗ୍ରହଣ କରିବେ। ପୁଲିସ୍‌ର କଡ଼ା ସୁରକ୍ଷା ବ୍ୟବସ୍ଥାରେ ପ୍ରଶ୍ନପତ୍ର ରହିବ। ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ରକୁ ପୁଲିସ୍ ଜଗିବା ସହ ଆଉ ଏକ ନୂଆ ଫାର୍ମରେ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର। ଏନେଇ ଆଜି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## ୩୧ରେ...

କାର୍ଯ୍ୟାଳୟ (ସିଏମ୍‌ଓ)କୁ ପଠାଯିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତାହାକୁ ଅନୁମୋଦନ ଦେବା ପରେ ବିଧିବଦ୍ଧ ଘୋଷଣା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୧୬ ତାରିଖରେ ରାଜ୍ୟରେ ନୂଆ ଏନ୍‌ଏସି ପାଇଁ ଡ୍ରାଫ୍ଟ ନୋଟିସ ପ୍ରକାଶ ପାଇଥିଲା। ୭ଟି ଜିଲ୍ଲାରେ ୧୨ ଏନ୍‌ଏସି ଗଠନ ହେବା ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା। ଏଥିରେ ଅନୁଗୁଳର ପାଲଲହଡ଼ା, ସୁବର୍ଣ୍ଣପୁରର ବୀରମହାରାଜପୁର, ବାଲେଶ୍ୱରର ସିମୁଳିଆ, ବସ୍ତା ଓ ବେତନଟୀ ଆଦି ରହିଥିଲା। ସେହିପରି ମୟୂରଭଞ୍ଜର ବାଙ୍ଗିରିପୋଷି ଏବଂ ଚିତ୍ରଡ଼ା, ରାୟଗଡ଼ାର ବିଷମକଟକ, ସମ୍ବଲପୁରର ବାମରା ଓ ରେଙ୍ଗାଲି, ଭଦ୍ରକ ଜିଲ୍ଲାର ତିହିଡ଼ି ଓ ଧୁଷୁରୀକୁ ଏନ୍‌ଏସି କରାଯିବା ପାଇଁ ସରକାର ଘୋଷଣା କରିଛନ୍ତି। ତେବେ ଆସନ୍ତା ୩୧ ତାରିଖରେ କେଉଁସବୁ ଅଞ୍ଚଳ ଏନ୍‌ଏସି ମାନ୍ୟତା ପାଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ରାଜ୍ୟରେ...

ଦେଇଛନ୍ତି। ଏହି ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ଅନ୍ୟ ସମୟରେ ସ୍କୁଲ ଓ ସ୍ଥାନୀୟ ଅଞ୍ଚଳର ସାମାଜିକ କାର୍ଯ୍ୟରେ ବ୍ୟବହାର ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ଏପରି ହେଲେ ବାତ୍ୟା ଆଶ୍ରୟସ୍ଥଳୀଗୁଡିକ ଆଉ ଅବହେଳିତ ଅବସ୍ଥାରେ ରହିବେନି ବୋଲି ସେ କହିଛନ୍ତି।ଉଲ୍ଲେଖଯୋଗ୍ୟ ଯେ ସରକାର ଗଠନ ପରେ ପ୍ରଥମ ଥର ଦିଲ୍ଲୀ ଗସ୍ତ କରିଥିଲେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ। ଏହି ଅବସରରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସାକ୍ଷାତ କରି ସେ ଓଡ଼ିଶାର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ ଓ ୭ଟି ବୁକଲେଟ୍ ପ୍ରଦାନ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟଜନିତ ସମସ୍ୟା ସମାଧାନ କେନ୍ଦ୍ର ପାଇଁ ସେ ସହଯୋଗ ମଧ୍ୟ ଲୋଡ଼ିଛନ୍ତି। ଏହି ସମୟରେ ରାଜ୍ୟରେ ୮୦୦ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଛନ୍ତି। ଏହାଛଡ଼ା ଆଗୁଆ ପାଣିପାଗ ସୂଚନାର ଆଧୁନିକୀକରଣ ପାଇଁ ମଧ୍ୟ ମନ୍ତ୍ରୀ ସହାୟତା ଲୋଡିଥିବା ଜଣାପଡ଼ିଛି। ବାତ୍ୟା ଓ ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଶକ୍ତି ବିଭାଗ ଅଧିକ କ୍ଷତିଗ୍ରସ୍ତ ହେଉଥିବା ବେଳେ ଲମ୍ବା ସମୟ ପର୍ଯ୍ୟନ୍ତ ବିଜୁଳି କାଟ୍ ହେଉଛି। ମୁଖ୍ୟତଃ ବନ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ତାରର ଅଣ୍ଡରଗ୍ରାଉଣ୍ଡ ପାଇଁ ସାଢେ ୭ ହଜାର କୋଟି ପ୍ରାଥମିକ ସ୍ତରରେ ଖର୍ଚ୍ଚ ହେବାକୁ ଥିବାରୁ ସେନେଇ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

## ଅପାରଗତା...

ଏହି ଯୋଜନାରେ ଲାଭାନ୍ୱିତ ହେବା ସହ ପ୍ରାୟ ୯୨୮୧ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ରାଶି ପାଇଛନ୍ତି। ଗୁଜରାଟରେ ୫ ଲକ୍ଷ ୫୫ ହଜାରରୁ ଅଧିକ ପରିବାର ନିଜ ଘର ଛାତ ଉପରେ ସୌରଶକ୍ତି ପ୍ୟାନେଲ ବସାଇବା ସହ ସହାୟତା ରାଶି ବାବଦରେ ୨୯୮୦ କୋଟି ଟଙ୍କାରୁ ଅଧିକ ନେଇସାରିଲେଣି। ଏହା ଦେଶରେ ସର୍ବାଧିକ। ଏହା ପଛକୁ ମହାରାଷ୍ଟ୍ରରେ ପ୍ରାୟ ୪ ଲକ୍ଷ ପରିବାର ଏହି ଯୋଜନାରେ ନିଜକୁ ସାମିଲ କରିବା ସହ ୧୭୧୯ କୋଟି ଟଙ୍କାର ସହାୟତା ରାଶି ପାଇଥିବା ବେଳେ ରାଜସ୍ଥାନରେ ଏହି ଯୋଜନାରେ ୬୭ ହଜାରରୁ ଅଧିକ ହିତାଧିକାରୀ ରହିଛନ୍ତି। ପଡୋଶୀ ଆନ୍ଧ୍ର ପ୍ରଦେଶରେ ଏହି ଯୋଜନାରେ ୪୩ ହଜାର ହିତାଧିକାରୀ ସାମିଲ ହେବା ସହ ସହାୟତା ବାବଦରେ ୨୫୮ କୋଟି ଟଙ୍କା ପାଇଛନ୍ତି। ଅନ୍ୟ ରାଜ୍ୟ ମଧ୍ୟରେ କେରଳ, କର୍ଣ୍ଣାଟକ, ହରିଆନା, ତାମିଲନାଡୁ ଭଳି ରାଜ୍ୟ ଓଡ଼ିଶାଠାରୁ ଢେର ଆଗରେ ଅଛନ୍ତି।

ରାଜ୍ୟରେ ବିଜେପି ସରକାର ଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ଏହି ଲୋକପ୍ରିୟ ଯୋଜନାଟି ବିଶେଷ ଭାବେ ଅଗ୍ରଗତି କରିପାରୁନାହିଁ। ଶକ୍ତି ବିଭାଗ ଓ ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା ଟାଟା ପାୱାରର ଅବହେଳା ପାଇଁ ଏଭଳି ହେଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଯଦିଓ କିଛି ବେସରକାରୀ ସଂସ୍ଥା ଏହି ପ୍ରକଳ୍ପ ସ୍ଥାପନ ପାଇଁ ଆଗେଇ ଆସୁଛନ୍ତି, କିନ୍ତୁ ଲୋକେ ସେମାନଙ୍କ ଉପରେ ସେତେଟା ଭରସା କରିପାରୁନାହାନ୍ତି। ବିଦ୍ୟୁତ୍ ବିତରଣ କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ଫୋନ୍‌ଟିଏ କରି କାମ ସାରି ଦିଆଯାଉଛି।

ବର୍ତ୍ତମାନ ଓଡ଼ିଶା ଏହି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାରେ ପଛରେ ପଡ଼ିବା ଦେଖି ବିଦ୍ୟୁତ୍ ବିତରଣ କମ୍ପାନୀର ନିଦ ହଜିଯାଇଛି। ଶକ୍ତି ବିଭାଗ ବି ଅକଳରେ ପଡ଼ିଛି। ତେଣୁ ଉଭୟ ମିଳିମିଶି ଏବେ ବରାଦିଆ ପ୍ରଚାରରେ ମାତିଯାଇଛନ୍ତି। ଅନ୍ୟ ରାଜ୍ୟମାନେ ପ୍ରକଳ୍ପ କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କାର ସହାୟତା ରାଶି ହାତେଇ ନେଉଥିବା ବେଳେ ଏଠାରେ କିନ୍ତୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମିଛ ପ୍ରଚାର ଚାଲିଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଖୋଦ୍ ଶକ୍ତିମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଏହି ଲୋକପ୍ରିୟ କେନ୍ଦ୍ରୀୟ ଯୋଜନାକୁ ତ୍ୱରାନ୍ୱିତ କରିବାକୁ ମତ ପ୍ରକାଶ ପାଇଲାଣି।

## ଓଡ଼ିଶାରେ...

ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଏନ୍‌ଇପି ଅନୁଯାୟୀ ଅଧିକ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ରାଜ୍ୟରେ ଏବେ ୪୫, ୨୯୨ଟି ପ୍ରାଥମିକ ବିଦ୍ୟାଳୟରେ ୧ ଲକ୍ଷ ୬୦ ହଜାର ୩୧୯ଟି ଶିକ୍ଷକ ପଦବୀ ରହିଛି। ଏନ୍‌ଇପି ଅନୁଯାୟୀ ଆଉ ୩୯,୩୬୬ଟି ପଦବୀ ସୃଷ୍ଟି କରାଯିବ। ଏଥିସହ ଆଗାମୀ ଡିସେମ୍ବର ସୁଦ୍ଧା ୫,୦୬୭ଟି ଶିକ୍ଷକ ପଦବୀ ମଧ୍ୟ ଖାଲି ହେବ। ତେଣୁ ଏହି ସମସ୍ତ ପଦବୀକୁ ମିଶାଇ ଆସନ୍ତା ୩ ବର୍ଷ ମଧ୍ୟରେ ମୋଟ ୪୪, ୪୩୩ଟି ପଦବୀ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବର୍ଷକୁ ପ୍ରାୟ ୧୫ ହଜାର ପଦବୀ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଅନୁଯାୟୀ ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଓ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ, ସିଏଚ୍‌ଏସ୍‌ଇ) କୁ ମିଶାଇ ଗୋଟିଏ ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଏବେ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ କେବଳ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ପାଠ୍ୟପୁସ୍ତକ ଦିଆଯାଉଛି। କିନ୍ତୁ ନବମ ଓ ଦଶମ ଶ୍ରେଣୀର ସବୁ ପିଲାଙ୍କୁ ବି ମାଗଣାରେ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାର ଆବଶ୍ୟକତା ଯେତିକି, ଉତ୍ତମ ସ୍ୱାସ୍ଥ୍ୟ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ହଷ୍ଟେଲରେ ରହୁଥିବା ପିଲାମାନଙ୍କ ପାଇଁ ଏଏନ୍‌ଏମ୍ ନିଯୁକ୍ତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରତି ୩୦୦ ପିଲାଙ୍କ ପାଇଁ ଜଣେ ଏଏନ୍‌ଏମ୍ ବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ ହେବେ।

ଏହାଛଡ଼ା ନୂତନ ବେସରକାରୀ ବିଦ୍ୟାଳୟ ଅନୁମୋଦନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅନଲାଇନ ପ୍ରକ୍ରିୟାରେ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଆଦିବାସୀ ପିଲାଙ୍କୁ ମାତୃଭାଷାରେ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିବା ବେଳେ ଏହାଦ୍ୱାରା ପିଲାମାନଙ୍କ ସହ ଭାଷାଗତ ଯୋଗାଯୋଗ ସହଜ ହେବ ଓ ଶିକ୍ଷାର ମାନ ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରିଛନ୍ତି।

ସେହିପରି ଏସ୍‌ସିଏସ୍‌ଟିଆର୍‌ଟିଆଇ ସହଯୋଗରେ କୋରାପୁଟରେ ଏକ ବହୁଭାଷୀ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା ଦିଗରେ ପଦକ୍ଷେପ ନିଆଯିବ। ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା ପାଇଁ ନିୟମିତ ଶିକ୍ଷକମାନଙ୍କୁ (ବିଇଡି କରିନଥିବା) ବିଭିନ୍ନ କ୍ଲଷ୍ଟରରେ ରିସୋର୍ସ ପର୍ସନ ଭାବେ ନିଯୁକ୍ତି ମିଳିବ। ଏନ୍‌ସିଇଆର୍‌ଟି ଢାଞ୍ଚାରେ ଏସ୍‌ସିଇଆର୍‌ଟିକୁ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ପାଠ୍ୟପୁସ୍ତକ ପ୍ରକାଶନ ଓ ବିପଣନ ନିର୍ଦ୍ଦେଶାଳୟର ସୁଦୃଢ଼ୀକରଣ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ବୈଠକରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ, ଓସେପାର ନିର୍ଦ୍ଦେଶିକା ଅନନ୍ୟା ଦାସ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁଣି...

ଦିଆଯାଇଥିବା ବେଳେ ସତ୍ୟଜିତ ନାୟକଙ୍କୁ ପୁଲିସ କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ବଦଳି କରାଯାଇଛି। ଆହୁରି ପିନାକ ମିଶ୍ରଙ୍କୁ ପୂର୍ବାଞ୍ଚଳ ଡିଆଇଜି ଭାବେ ନିଯୁକ୍ତି ଦିଆଯାଇଛି।

ସ୍ମିଥ ପର୍‌ମାର୍‌ଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ପି ଭାବେ ନିଯୁକ୍ତ କରାଯାଇଥିବା ବେଳେ ବିବେକାନନ୍ଦ ଶର୍ମାଙ୍କୁ ଖୋର୍ଦ୍ଧା ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ପ୍ରତୀକ ସିଂଙ୍କୁ ପୁରୀ ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ପ୍ରତ୍ୟୁଷ ଦିବାକରଙ୍କୁ ବାଲେଶ୍ୱର ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ଭିନୀତ ଅଗ୍ରୱାଲଙ୍କୁ କଟକ ଗ୍ରାମାଞ୍ଚଳ ଏସ୍‌ପି ଭାବେ, ରାଜ ପ୍ରସାଦଙ୍କୁ ସ୍ପେଶାଲ ବ୍ରାଞ୍ଚ ଏସ୍‌ପି ଭାବେ, ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ ଝାରସୁଗୁଡ଼ା ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ଅଙ୍କିତ କୁମାର ବର୍ମାଙ୍କୁ ଜଗତସିଂହପୁର ଏସ୍‌ପି ନିଯୁକ୍ତ ହୋଇଥିବା ବେଳେ ଅମ୍ରିତପାଲ ସିଂ ନୂଆପଡ଼ା ଏସ୍‌ପି ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି କଟକ ରେଳବାଇ ଏସପି ଭାବେ ଅବସ୍ଥାପିତ ହୋଇଛନ୍ତି ବରିଷ୍ଠ ଓପିଏସ ଅଫିସର ଭବାନୀ ଶଙ୍କର ଉଦ୍‌ଗାତା।

ଆହୁରି ଓପିଏସ ସ୍ତରରେ ମଧ୍ୟ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି ସରକାର। ବିମଳେନ୍ଦୁ ମହାନ୍ତିଙ୍କୁ କଟକ ପୁଲିସ ମୁଖ୍ୟାଳୟରେ ଏସପି ଭାବେ ବଦଳି କରାଯାଇଥିବା ବେଳେ କିଶୋର ଚନ୍ଦ୍ର ମୁଣ୍ଡ ଓ ଅନୁପ କାନୁନଗୋଙ୍କୁ ଡିସିପି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଇଓଡବ୍ଲ୍ୟୁ ଏସପି ଭାବେ ଶ୍ରୀକାନ୍ତ ବେହେରାଙ୍କୁ ବଦଳି କରାଯାଇଥିବା ବେଳେ ସୁରେନ୍ଦ୍ର ନାଥ ରାୟଗୁରୁ ଓ ଆନନ୍ଦ ବର୍ଦ୍ଧନ ଗୁରୁଙ୍କୁ କଟକ ପୁଲିସ ମୁଖ୍ୟାଳୟ ଏସପି ଭାବେ ଅବସ୍ଥାପିତ କରାଯାଇଛି। ତପନ ନାରାୟଣ ରଥଙ୍କୁ କଟକ ପୁଲିସ ମୁଖ୍ୟାଳୟର ଅତିରିକ୍ତ ଆଇଜି, ସତ୍ୟବାନ ମହାନନ୍ଦଙ୍କୁ ଭିଜିଲାନ୍ସ ଏସପି ଭାବେ, ଦେବାଶିଷ ଧଳଙ୍କୁ ସ୍ପେଶାଲ ବ୍ରାଞ୍ଚ ଏସପି ଭାବେ, ପ୍ରଭା ଶଙ୍କର ନାୟକଙ୍କୁ କଟକ ପୁଲିସ ମୁଖ୍ୟାଳୟର ଅତିରିକ୍ତ ଆଇଜି ଭାବେ, ଦେବଦତ୍ତ କରଙ୍କୁ କଟକ ପୁଲିସ ମୁଖ୍ୟାଳୟ ଏସପି ଭାବେ ଏବଂ ସତ୍ୟଜିତ ମିଶ୍ରଙ୍କୁ ମେରାଇନ ଓ ଉପକୂଳ ସୁରକ୍ଷା ଅତିରିକ୍ତ ଆଇଜି ଭାବେ ବଦଳି କରାଯାଇଥିବା ଆଜି ଜାରି ବିଜ୍ଞପ୍ତିରୁ ଜଣାପଡ଼ିଛି।

## ପଛୁଆବର୍ଗ...

ମୂଳଦୁଆ ପକାଇଥିଲେ, ଯେଉଁ ପରମ୍ପରାକୁ ଯୋଗୀ ଆଦିତ୍ୟନାଥ ଆଗେଇ ନେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭବ୍ୟ ରାମ ମନ୍ଦିର ନିର୍ମାଣ କରି ପୂଜ୍ୟ ବାବୁଜୀଙ୍କ ସ୍ୱପ୍ନକୁ ସାକାର କରିଛନ୍ତି। ଗତ ୧୧ ବର୍ଷ ମଧ୍ୟରେ ମୋଦିଜୀଙ୍କ ନେତୃତ୍ୱରେ ସମାଜର ବଞ୍ଚିତ ଓ ପଛୁଆ ବର୍ଗର କଲ୍ୟାଣ ସହ ସେମାନଙ୍କ ପାଇଁ ପ୍ରତିନିଧିତ୍ୱ ନେବାର ବ୍ୟବସ୍ଥା ମଧ୍ୟ ହୋଇଛି। ଏହା ହିଁ ବାବୁଜୀଙ୍କ ସାମାଜିକ ସମନ୍ୱୟର ପ୍ରତିଫଳନ, ଯାହାକୁ ପ୍ରଧାନମନ୍ତ୍ରୀ ପୂରଣ କରିଥିବା ଶ୍ରୀ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପୂର୍ବତନ ରାଜ୍ୟପାଳ କଲରାଜ ମିଶ୍ର, କେନ୍ଦ୍ରମନ୍ତ୍ରୀ ଜିତିନ ପ୍ରସାଦ, ଉତ୍ତରପ୍ରଦେଶର ଦୁଇ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଜେପିର ବରିଷ୍ଠ ନେତ୍ରୀ ଉମା ଭାରତୀ ଉପସ୍ଥିତ ଥିଲେ।

## ୧୮ରୁ...

ସେମାନେ ଉତ୍ତର ଦାବି କରିବେ। ଅନ୍ୟପକ୍ଷରେ ବିରୋଧୀଙ୍କ ସବୁ ପ୍ରଶ୍ନର କଡ଼ା କାଉଣ୍ଟର ପାଇଁ ମଧ୍ୟ ଶାସକ ଦଳ ପ୍ରସ୍ତୁତ ହେଉଛି। ମୌସୁମୀ ଅଧିବେଶନରେ ବିଜିନେସ୍ ଆଡଭାଇଜରୀ କମିଟି ନିଷ୍ପତ୍ତି ଅନୁସାରେ କିଛି ବିଲ୍ ମଧ୍ୟ ଆଗତ ହୋଇପାରେ ବୋଲି ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ। ସେ କହିଛନ୍ତି ଯେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଯେଉଁ ପ୍ରସଙ୍ଗ ରହିଛି, ଆଗାମୀ ମୌସୁମୀ ଅଧିବେଶନରେ ତା' ଉପରେ ଆଲୋଚନା ହେବ। ବିରୋଧୀ ଦଳମାନେ ଯେଉଁ ପ୍ରସଙ୍ଗ ଆଣିବେ, ତାକୁ ମଧ୍ୟ ଆଲୋଚନା କରିବା ସକାଶେ ସରକାର ପ୍ରସ୍ତୁତ ଅଛନ୍ତି। କିନ୍ତୁ ବିରୋଧୀଦଳଗୁଡ଼ିକ ଗଠନମୂଳକ ପ୍ରସ୍ତାବ ଆଣିବା ଦରକାର ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମୌସୁମୀ ଅଧିବେଶନରେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ପାଇଁ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେଡି ପ୍ରସ୍ତୁତ ଥିବା କହିଛନ୍ତି ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେ କହିଛନ୍ତି ଯେ ରାଜ୍ୟରେ ନାରୀ ନିର୍ଯାତନା, ଛାତ୍ରୀ ଆତ୍ମାହୁତି ଓ ଚାଷୀ ହନ୍ତସନ୍ତ ପ୍ରସଙ୍ଗକୁ ମୁଖ୍ୟ ଅସ୍ତ୍ର କରିବ ବିଜେଡି। ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟ ସରକାର ଯେଉଁସବୁ କୃତିତ୍ୱ ଅର୍ଜନ କରିଛନ୍ତି ବୋଲି କହୁଛନ୍ତି, ତା' ଉପରେ ମଧ୍ୟ ଶାସକ ଦଳକୁ ପ୍ରଶ୍ନବାଣରେ ଘାଇଲା କରିବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହାଛଡ଼ା ଅନ୍ୟତମ ବିରୋଧୀ ଦଳ କଂଗ୍ରେସର ବରିଷ୍ଠ ବିଧାୟକ ତାରା ବାହିନୀପତି କହିଛନ୍ତି ଯେ ସରକାର ବିରୋଧୀ ଦଳର ପ୍ରଶ୍ନବାଣର ମୁକାବିଲା କରିପାରିବେ ନାହିଁ ବୋଲି ଭୟ କରି ବିଧାନସଭା ଅଧିବେଶନ ଡାକୁନଥିଲେ। ନାରୀ ନିର୍ଯାତନା, ଛାତ୍ରୀ ଆତ୍ମହତ୍ୟା ଭଳି ଅଘଟଣ ସଂଖ୍ୟା ଉଦ୍‌ବେଗଜନକ ଭାବେ ବଢୁଥିବାରୁ ଏହା ମଧ୍ୟ ସରକାରୀ ଦଳ ପାଇଁ ଭୟର ଅନ୍ୟତମ କାରଣ ଥିଲା। ଏବେ ସ୍ଥିତି ସାମାନ୍ୟ ସ୍ୱାଭାବିକ ହୋଇଥିବାରୁ ବାଧ୍ୟବାଧକତାରେ ସରକାର ବିଧାନସଭା ଅଧିବେଶନ ଡାକିଛନ୍ତି। ଏଥିରେ ଆମେ ସରକାରଙ୍କୁ ନାରୀ ନିର୍ଯାତନା, ଭୋଟ ଚୋରି ଓ ଅନାସ୍ଥା ପ୍ରସଙ୍ଗ ଉଠାଇ ଘେରିବୁ ବୋଲି ଶ୍ରୀ ବାହିନୀପତି କହିଛନ୍ତି।

## ସିଙ୍ଗଲ...

ପାର୍ବଣ ସମୟରେ ବିଷାକ୍ତ ଖାଦ୍ୟ ବିକ୍ରି ଉପରେ ମଧ୍ୟ ନଜର ରଖିବାକୁ କଟକ ମହାନଗର ନିଗମ (ସିଏମସି)କୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ। ଏହାଛଡ଼ା ଜୋର୍‌ଜବରଦସ୍ତି ପୂଜା ଚାନ୍ଦା ଆଦାୟ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଆପଣାଇବା ପାଇଁ ଖଣ୍ଡପୀଠ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗୋଟିଏ କୋଠରୀରେ ଚାଲିଛି ୫ ଶ୍ରେଣୀ

▶ଗୋଟିଏ କଳାପଟାରେ ଦୁଇ ଶିକ୍ଷୟିତ୍ରୀ ▶ବାଧାପ୍ରାପ୍ତ ହେଉଛି ପାଠପଢ଼ା



**କାକଟପୁର/ଅସ୍ତରଙ୍ଗ,୨୧।୮ (ସଂଚାର ବ୍ୟୁରୋ):** ବିଦ୍ୟାଳୟ ଅଛି, ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷୟତ୍ରୀ ନିଯୁକ୍ତି ପାଇଛନ୍ତି। କିନ୍ତୁ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବରୁ ପାଠପଢ଼ା ସମ୍ପୂର୍ଣ୍ଣ ମାତ୍ରାରେ ବାଧାପ୍ରାପ୍ତ ହୋଇଛି। ଶ୍ରେଣୀ ଗୃହରେ ଗୋଟିଏ କଳାପଟା। ଗୋଟିଏ ପାର୍ଶ୍ୱରେ ଓଡ଼ିଆ ଶିକ୍ଷୟତ୍ରୀ ପାଠ ପଢ଼ାଉଛନ୍ତି ତ ଆଉ ଗୋଟିଏ ପଟେ ଗଣିତ ଶିକ୍ଷୟତ୍ରୀ ପାଠ ପଢ଼ାଉଛନ୍ତି। ଶ୍ରେଣୀ କକ୍ଷରେ ଦୁଇ ଜଣ ଶିକ୍ଷୟତ୍ରୀ ଏକକାଳୀନ ପାଠ ପଢ଼ାଇବା ଦୃଶ୍ୟ ଉନ୍ନତ ଶିକ୍ଷା ବ୍ୟବସ୍ଥାକୁ ଉପହାସ କରୁଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅନ୍ତର୍ଗତ ମାଣ୍ଡୁକି ପଂଚାୟତରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ, ସିଲାରୀରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ୧୯୭୨ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶ୍ରେଣୀ ଗୃହ ପୂର୍ବରୁ ଥିବା ବେଳେ କାଳକ୍ରମେ ଶ୍ରେଣୀ ଗୃହଗୁଡିକ ବିପଦ ସଂକୁଳ ଥିବାରୁ ପାଠ ପଢ଼ାଇବା ଅନୁଚିତ ମନେ ହୋଇଛି। ଏହା ସହ ଅନେକ ସମୟରେ ଶ୍ରେଣୀ ଗୃହ କାନ୍ଥରୁ ପ୍ଲାଷ୍ଟର ଖସି ଯାଉଥିବା ବେଳେ ବର୍ଷା ଦିନେ ପାଣି ଗଳୁଛି। ବିଦ୍ୟାଳୟରେ ଥିବା ଅବଶିଷ୍ଟ ଦୁଇଟି ଗୃହ ମଧ୍ୟରୁ ଗୋଟିଏ ଅଫିସ ଘର ହୋଇଥିବା ବେଳେ ଗୋଟିଏ ଶ୍ରେଣୀ କକ୍ଷରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ଗୋଟିଏ କୋଠରୀରେ ଶିକ୍ଷାଦାନ କେମିତି ହେଉଥିବ ଏଥିରୁ ସ୍ପଷ୍ଟ ଅନୁମେୟ।

ଏ ନେଇ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ କହିଛନ୍ତି ବିଦ୍ୟାଳୟ ପରିଦର୍ଶନ କରି ସମସ୍ୟା ସମାଧାନ କରିବାକୁ ଖୁବ ଶୀଘ୍ର ଚେଷ୍ଟା କରିବୁ।

## ଯୁବ ଛାତ୍ର ବିଜେଡିର ଦାବିପତ୍ର ପ୍ରଦାନ



**ବ୍ରହ୍ମପୁର,୨୧।୮ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ରଙ୍କୁ ଅଣଛାତ୍ରମାନେ ଆକ୍ରମଣ କରିବା ଘଟଣାକୁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏନେଇ ଆଜି ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ପ୍ରାଣାନ୍ତକ ଆକ୍ରମଣ ମାମଲାରେ ସମ୍ପୃକ୍ତ ଦୋଷୀଙ୍କ ଉପରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ବିଶ୍ୱବିଦ୍ୟାଳୟ ଫାଟକରେ କଡ଼ା ପୁଲିସ୍ ପ୍ରହରା ବ୍ୟବସ୍ଥା କରିବା, ସନ୍ଧ୍ୟା ୬ଟା ପରେ ବାହାର ଲୋକଙ୍କ ପ୍ରବେଶକୁ ବନ୍ଦ କରିବା, ଛାତ୍ରଛାତ୍ରୀଙ୍କ ପରିଚୟ ପତ୍ର ଦେଖି ପ୍ରବେଶ କରାଇବା, ନିୟମ ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ନେଇ ଉଭୟ ବ୍ରହ୍ମପୁର ଏବଂ ଗଞ୍ଜାମ ଯୁବ ଛାତ୍ର ବିଜେଡି ନେତାମାନେ ଦାବି କରିଥିଲେ।

## ଲୁଟେରାଙ୍କ ପାଇଁ ଭୂସ୍ୱର୍ଗ ପାଲଟିଲାଣି ଜଗତସିଂହପୁର ଜିଲ୍ଲା

**ପାରାଦୀପ,୨୧।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ଏବେ ସୁନା ଲୁଟେରାଙ୍କ ପ୍ରଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ବଜାର ଘାଟ କଥା ଛାଡ଼ନ୍ତୁ ଏବେ ଗାଁ ଭିତରେ ପଶି ସୁନା ଲୁଟ କଲେଣି ଲୁଟେରା। ଗତ ରବିବାରଦିନ ପାରାଦୀପ ନୂଆଗଡ଼ ଗ୍ରାମର ଅଭ୍ୟୟ କୁମାର ବେହେରାଙ୍କ ଘରର ଝରକା ଗ୍ରୀଲ ତାଡି ଦୁର୍ବୃତ୍ତମାନେ ପ୍ରାୟ ତିରିଶ ଭରି ସୁନା ଅଳଙ୍କାର ଲୁଟ କରି ଚାଲି ଯିବାପରେ ପୁଲିସ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାର୍ଡର ସାହାଯ୍ୟରେ ତଦନ୍ତ କଲା, ହେଲେ ଫଳ ଶୂନ। ସେହିପରି ଗତ ମାସକ ତଳେ ରାହାମା ବଜାର ନିକଟରୁ ମାରଣାସ୍ତ୍ର ଦେଖାଇ ଜଣେ ମହିଳାଙ୍କ ବେକରୁ ମଧ ଦୁର୍ବୃତ୍ତମାନେ ସୁନାଚେନ ଲୁଟ କରୁଥିବା ସିସିଟିଭି ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଲା। କଟକ ପାରାଦୀପ ରାସ୍ତା ରାହାମା ଓ ତିର୍ତୋଲ ପାଖରୁ ମଧ ସୁନା ଲୁଟ କରି ଦୁର୍ବୃତ୍ତମାନେ ଫେରାର ହୋଇଥିବା ବେଳେ ପୁଲିସ ଅନେକଙ୍କ ଟେର ପାଇନାହିଁ। ଫଳରେ ଲୋକ ଏବେ ଭୟଭୀତ ଅବସ୍ଥାରେ। ଜିଲ୍ଲା ପୁଲିସ ଏହି ଲୁଟେରା ଗ୍ୟାଙ୍ଗକୁ ତୁରନ୍ତ ଧରିବାକୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ନେଇ ଥାନାରେ ଅଭିଯୋଗ

**ନାଉଗାଁ,୨୧।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଭଟଣା ଗ୍ରାମର ଜଣେ ମହିଳା ନିଜ ନାତୁଣୀକୁ ନିକଟସ୍ଥ ଅଙ୍ଗନବାଡି କେନ୍ଦ୍ରକୁ ଛାଡିବା ପାଇଁ ଯିବା ସମୟରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ଥାନା ପକ୍ଷରୁ ୨୩୨/୨୫ରେ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଥିବା ଥାନାଧିକାରି ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି। ଅଭିଯୋଗକାରୀଙ୍କ ମୁତାବକ ସେ ତାଙ୍କ ଝିଅ ଘର ଭଟଣାରେ ରୁହନ୍ତି। ସେ ନାତୁଣୀଙ୍କୁ ଅଙ୍ଗନବାଡି କେନ୍ଦ୍ରକୁ ଛାଡିବା ପାଇଁ ଯିବା ସମୟରେ ସେହି ଗ୍ରାମର ରଞ୍ଜିତ ବରାଳ ତାକୁ ଏକୁଟିଆ ଦେଖି ଅଟକାଇଥିଲା। ପରେ ଧକା ମାରି ତଳେ ପକାଇ ଦେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ଯାହାକୁ ନେଇ ସେ ତା'ର ସମୁଦି ଓ ଜ୍ୱାଇଁଙ୍କ ଆଗରେ କହିବାରୁ ସେମାନେ ଯାଇ ରଞ୍ଜିତ ବରାଳକୁ ପଚାରିଥିଲେ। ରଞ୍ଜିତ ତାକୁ ତଣ୍ଟି ଚିପି ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ନିଖୋଜର ୪ଦିନ ପରେ ମିଳିଲା ମୃତଦେହ

● ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ



**କାକଟପୁର/ଅସ୍ତରଙ୍ଗ,୨୧।୮ (ସଂଚାର ବ୍ୟୁରୋ):** ନିଖୋଜର ୪ଦିନ ପରେ ମହିଳା ଗଳିତ ମୃତଦେହ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ପଥରଡିରୁ ଉଦ୍ଧାର ହୋଇଛି। ଏନେଇ ହତ୍ୟା ଅଭିଯୋଗ ଆଣିଛନ୍ତି ପରିବାର ଲୋକ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ତାଳଦା ଗ୍ରାମର ଅଜୟ ନାୟକଙ୍କୁ ବୈଦିକ ରୀତିନୀତିରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଓସକଣା ଗ୍ରାମର ଶରତ ନାୟକଙ୍କ ଝିଅ ଲିଲିପ୍ରଭା ନାୟକ ବିବାହ କରିଥିଲେ। ଅଗଷ୍ଟ ୧୮ତାରିଖ ଦିନ ଜ୍ୱାଇଁ ଅଜୟ ନାୟକ ଲିଲିଙ୍କ ବାପା ଶରତଙ୍କୁ ଫୋନ କରି କହିଥିଲେ ତୁମ ଝିଅ କୁଆଡେ ପଳାଇ ଯାଇଛି। ଯାହା ଫଳରେ ଲିଲିଙ୍କ ବାପା ବିଭିନ୍ନ ସ୍ଥାନରେ ଖୋଜିବା ପରେ ଝିଅକୁ ନପାଇ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଗୁରୁବାର ଦିନ ଦେବୀ ନଦୀରେ କିଛି ମତ୍ସ୍ୟଜୀବୀ ମାଛ ଧରି ଫେରୁଥିବା ବେଳେ ଅସ୍ତରଙ୍ଗ ଥାନା ପଥରଡି ନିକଟ ଦେବୀ ନଦୀର ଅପରପାର୍ଶ୍ୱରେ ଗଳିତ ଅବସ୍ଥାରେ ଏକ ମହିଳାଙ୍କ ମୃତଦେହ ପଡିଥିବାର ଦେଖି ସ୍ଥାନୀୟ ଲୋକଙ୍କୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଲିଲିଙ୍କ ପରିବାର ପହଂଚି ମୃତଦେହକୁ ଚିହ୍ନଟ ପରେ ଅସ୍ତରଙ୍ଗ ପୁଲିସ ପହଂଚି ତଦନ୍ତ ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ବିଭତ୍ସ ହତ୍ୟାକାଣ୍ଡ ସନ୍ଦେହ କରାଯାଉଛି। ଅସ୍ତରଙ୍ଗ ପୁଲିସ ଲିଲିପ୍ରଭା ନାୟକଙ୍କ ସ୍ୱାମୀ ଅଜୟ ନାୟକଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଥାନା କେଶ ନମ୍ବର ୧୭୨/୨୫ରେ ମାମଲା ରୁଜୁ କରି ପୁଲିସ ପୋଷ୍ଟବଟମ ରିପୋର୍ଟକୁ ଅପେକ୍ଷା କରିଥିବା ବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

## ତିରଣପଦାରେ ଜଳିଗଲା ୨ ବଖରା



**ବାଲିଅନ୍ତା,୨୧।୮ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ତିରଣପଦା ଗ୍ରାମର ନଗେନ ଦାସଙ୍କ ଘରେ ଆଜି ପୂର୍ବାହ୍ନରେ ନିଆଁ ଲାଗି ୨ ବଖରା ଘର ସଂପୂର୍ଣ୍ଣ ପାଉଁସ ହୋଇଯାଇଛି। ଫଳରେ ନଗେନଙ୍କ ଘରେ ସାଇତା ଧାନ, ଚାଉଳ ଲୁଗାପଟା ସମେତ ବହୁ ମୂଲ୍ୟ ବାନ ଜିନିଷପତ୍ର ପୋଡି ପାଉଁସ ହୋଇଯାଇଛି। ନଗେନଙ୍କ ସମ୍ପତ୍ତି କ୍ଷୟକ୍ଷତିର ପରିମାଣ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି। ଖବର ପାଇ ପାହାଳ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟରେ ନିଆଁକୁ ଆୟତ୍ତ କରିଥିଲା। ମଧାହ୍ନରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ, ବାଲିଅନ୍ତା ରାଜସ୍ୱ ନିରୀକ୍ଷକ ଅଜିତ ସାହୁ, ବିଡ଼ିଓ ରଶ୍ମିତା ନାଥ ଅତିରିକ୍ତ ତହସିଲଦାର ଯୋଗୀନାଥ ଦାସ ପ୍ରମୁଖ ଅଗ୍ନିବିପନ୍ନ ପରିବାରକୁ ଭେଟିଥିଲେ। ବିଦ୍ୟୁତ ସର୍ଟ ସର୍କିଟ ଘଟି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ବାଲିଅନ୍ତା ସରପଞ୍ଚ ଓ ତହସିଲ ପ୍ରଶାସନ ପକ୍ଷରୁ ରାସନ ସାମଗ୍ରୀ ସହ ୩ଟି ପଲିଥିନ ଯୋଗାଇ ଦିଆଯାଇଥିବା ବେଳେ ନଗେନଙ୍କୁ ପକ୍କା ଘର ଯୋଗାଇ ଦିଆଯିବ ବୋଲି କୁହାଯାଇଛି।

## ବିରୋଧୀ ଭାଙ୍ଗିଦେଲେ ନିର୍ମାଣାଧୀନ କଲ୍ୟାଣମଣ୍ଡପ ଭିତ୍ତିଫଳକ



**ବାଲିଅନ୍ତା,୨୧।୮ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଜୟଦେବ ଗ୍ରାମ ପଞ୍ଚାୟତ ନିକଟରେ ନିର୍ମାଣାଧୀନ ପଦ୍ମାବତୀ କଲ୍ୟାଣୀ ମଣ୍ଡପ ଭିତ୍ତି ପ୍ରସ୍ତର ଏବଂ ସୂଚନା ଫଳକକୁ ଗତକାଲି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଏସମ୍ପର୍କରେ ପୂର୍ବତନ ସରପଞ୍ଚ ପ୍ରଜ୍ଞା ପରମିତା ଜେନାମଣି ଏବଂ ତାଙ୍କର ସ୍ୱାମୀ ଅର୍ଜୁନ ଜେନାମଣିଙ୍କ ସମେତ ତାଙ୍କର ସନର୍ଥକ ଆଜି ବିଡ଼ିଓ ରଶ୍ମିତା ନାଥ ଏବଂ ବାଲିଅନ୍ତା ଥାନାରେ ଅଭିଯୋଗ କରିଛନ୍ତି। ବିଡ଼ିଓ ଶ୍ରୀ ମତୀ ନାଥ ପୁଣି ଫଳକ ନିର୍ମାଣ କରିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ୨୦୨୨/୨୩ ଆର୍ଥିକ ବର୍ଷରେ ପଦ୍ମାବତୀ କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ତତ୍କାଳୀନ ବିଧାୟକ ଡ଼. ଅରବିନ୍ଦ ଢ଼ାଲି ତାଙ୍କର ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୨ଟି ପର୍ଯ୍ୟାୟରେ ୧୦ ଲକ୍ଷ ଏବଂ ସେତେବେଳେ ଗ୍ରାମ ପଞ୍ଚାୟତ ପାଣ୍ଠିରୁ ବାକି ୫ ଲକ୍ଷ ଟଙ୍କା ଅନୁଦାନରେ ନିର୍ମାଣ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ବିଧାୟକ ଶ୍ରୀ ଢାଲି ଏବଂ ସରପଞ୍ଚ ଶ୍ରୀ ମତୀ ଜେନାମଣି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ବିରୋଧୀ ଗୋଷ୍ଠୀ ଗତ ରାତିରେ ଭିତ୍ତି ଫଳକ ଏବଂ ସୂଚନା ଫଳକ ଫାଙ୍ଗି ଦେଇଛନ୍ତି। ଜନ କଲ୍ୟାଣ କାର୍ଯ୍ୟ ତ୍ୱରାନ୍ୱିତ କ୍ଷେତ୍ରରେ ବିରୋଧୀ ଗୋଷ୍ଠୀଙ୍କ ଏଭଳି କାର୍ଯ୍ୟକଳାପକୁ ସାଧାରଣରେ ଦୃଢ଼ ନିନ୍ଦା କରଯାଇଛି।

## ବିଧାୟକ ଶସ୍ତା ରାଜନୀତି ନ କରନ୍ତୁ: ବିଜେପି




**ବ୍ରହ୍ମପୁର,୨୧।୮ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ମାରପିଟ୍ ଘଟଣାରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପ୍ରତି ଦେଇଥିବା ମନ୍ତବ୍ୟକୁ କଡ଼ା ନିନ୍ଦା କରିଛି ଗଞ୍ଜାମ ଜିଲ୍ଲା ବିଜେପି।

ଏନେଇ ସ୍ଥାନୀୟ ହିଲପାଟଣା ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଠାରେ କୁହାଯାଉଥିଲା କି, ଛାତ୍ରମାନଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ହୋଇଥିବା ବେଳେ ଏହାର ସମାଧାନ କରିବାକୁ ଉଦ୍ୟମ କରିବା ଜଣେ ଦାୟିତ୍ୱବାନ ନେତାଙ୍କ କାମ। କିନ୍ତୁ ଏହା ନକରି ସାନଖେମୁଣ୍ଡି ବିଧାୟକ ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ନଅ ଲକ୍ଷ ଟଙ୍କା କାରବାର ହେବା ଓ ଖଣି, ବାଲି, ମରମ ଚୋରି ହେଉଥିବା ଅଭିଯୋଗ କରିବା ଶସ୍ତା ରାଜନୀତିକୁ ପ୍ରକାଶ କରୁଛି। ମୋହନ ମାଝୀ ସରକାରରେ ଅପରାଧୀ ଯେତେ ଶକ୍ତିଶାଳୀ ହେଲେ ବି ହାତରୁ ଖସିଯାଇ ପାରିବ ନାହିଁ। ଗୋପାଳପୁର ଗଣ ଦୁଷ୍କର୍ମ ଘଟଣାରେ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୪୫ ଦିନ ମଧ୍ୟରେ କ୍ରାଇମବ୍ରାଞ୍ଚ କୋର୍ଟରେ ଚାର୍ଜସିଟ ଦାଖଲ କରିଛି। ତେବେ ବିଧାୟକ ଶ୍ରୀ ଜେନାଙ୍କ ପାଖରେ ଟଙ୍କା କାରବାରର ଯଦି କୌଣସି ପ୍ରମାଣ ଅଛି ତେବେ ଏହାକୁ ନେଇ ପୋଲିସରେ କାହିଁକି ଅଭିଯୋଗ କରୁନାହାନ୍ତି ବୋଲି ବିଜେପି ନେତା ଏ ପ୍ରଶ୍ନ କରିଛନ୍ତି। ବେଆଇନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ବର୍ତ୍ତମାନର ସରକାରରେ ଛଡାଯିବ ନାହିଁ କହି ଶସ୍ତା ଲୋକପ୍ରିୟତା ପାଇଁ ବିଧାୟକ ଲୋକଙ୍କୁ ବିଭ୍ରାନ୍ତ କରିବା ବନ୍ଦ କରନ୍ତୁ ବୋଲି କହିଛି ଗଞ୍ଜାମ ବିଜେପି।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଦଳର ଜାତୀୟ ପରିଷଦ ସଦସ୍ୟ କାହ୍ନୁ ଚରଣ ପତି, ପୀତବାସ ପଣ୍ଡା,ପ୍ରଭାତ ଷଡଙ୍ଗୀ, ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅଲ୍ ଓଡ଼ିଶା ଅଙ୍ଗନବାଡି ଲେଡ଼ିଜ ୱାର୍କସ ଆସୋସିଏସନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




**ଖୋର୍ଦ୍ଧା,୨୧।୮ (ସଂଚାର ବ୍ୟୁରୋ):** ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କରସ ଆସୋସିଏସନ ରାଜ୍ୟ ଶାଖାର ନିଷ୍ପତ୍ତି କ୍ରମେ, ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ୮ ଦଫା ଦାବୀପତ୍ର ପ୍ରଦାନ ସହିତ ଓଡିଶାର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମହିଳା ଶିଶୁ ବିକାଶ, ମିଶନଶକ୍ତି ବିଭାଗ ଉଦ୍ଦେଶ୍ୟରେ ଦାବିପତ୍ର ଖୋର୍ଦ୍ଧା ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ଜିଲ୍ଲା ସଭାପତି ପ୍ରଭାତୀ ପଟ୍ଟନାୟକ ଅଧ୍ୟକ୍ଷତା ଓ ଜିଲ୍ଲା ସମ୍ପାଦିକା ସରସ୍ୱତୀ ବଳିୟାରସିଂହ ପରିଚାଳନା କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକରୁ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ।

● ପାତି ସୁନାପୁରରେ ଅଶାନ୍ତ ଘଟଣା

## ଏସପିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

**ବ୍ରହ୍ମପୁର,୨୧।୮ (ସଂଚାର ବ୍ୟୁରୋ):** ଗୋଳନ୍ଥରା ଥାନା ଅନ୍ତର୍ଗତ ସୁନାପୁର ପଞ୍ଚାୟତର ପାତିସୁନାପୁର ଗ୍ରାମରେ ଯାତ୍ରା ଆୟୋଜନକୁ ନେଇ ଅଶାନ୍ତ ପରିସ୍ଥିତ ଘଟଣାକୁ ୩ ମାସ ବିତି ସାରିଥିବା ବେଳେ ବର୍ତ୍ତମାନ ଯାଏ ପରିସ୍ଥିତି ସ୍ୱାଭାବିକ ହୋଇନାହିଁ। ଯାହାକୁ ନେଇ ଆଜି କିଛି ଗ୍ରାମାବସୀ ଓ ବିଜେଡି ପ୍ରତିନିଧି ଦଳ ବ୍ରହ୍ମପୁର ଏସପିଙ୍କୁ ଭେଟି ଗ୍ରାମରେ ଶାନ୍ତି ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ଗ୍ରାମରେ ଅଶାନ୍ତ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଉପରେ ଏକାଧିକ ଥର ଅଭିଯୋଗ ପରେ ମଧ କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି। ଆଜି ବିଜେଡି ଜିଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ସମେତ ଟିକିଟି ବିଧାୟକ ପ୍ରାର୍ଥୀ ଶ୍ରୀରୂପ ଦେଓ ଏବଂ ବିଜେଡି ନେତା ସୁରେନ୍ଦ୍ର ମଣ୍ଡନଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଏସ୍‌ପିଙ୍କୁ ଭେଟିଥିଲେ। ତେବେ ଉଭୟ ଗୋଷ୍ଠୀକୁ ନେଇ ଗ୍ରାମରେ ଖୁବଶୀଘ୍ର ଶାନ୍ତି କମିଟି ବୈଠକ କରାଯିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସପି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ପ୍ରକାଶଥାଉକି, ଯାତ୍ରା ଆୟୋଜନକୁ ନେଇ ଗ୍ରାମର ଦୁଇଗୋଷ୍ଠୀ ମଧ୍ୟରେ ଏପ୍ରିଲ ମାସରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଏହି ଘଟଣାରେ ପୁଲିସ ଗ୍ରାମର ୧୮ ଜଣ ମହିଳାଙ୍କ ସମେତ ୪ ଜଣ ପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଓଲାରବିନ୍ଧା-ଇଚ୍ଛାଦେଇପାଟଣାରେ ଚାଲିଛି ଚୋରା କରତକଳ

**ବାଲିଅନ୍ତା,୨୧।୮ (ସଂଚାର ବ୍ୟୁରୋ):** ବାଲିପାଟଣା ବନ ବିଭାଗ କାର୍ଯ୍ୟାଳୟ ପ୍ରତାପରୁଦ୍ରପୁର ଗ୍ରାମ ପଞ୍ଚାୟତ ଅଧୀନ ଓଲାରବିନ୍ଧା ଗ୍ରାମ ନିକଟରେ ଏକ ଚୋରା କରତ କଳ ଦୀର୍ଘ ବର୍ଷ ହେବ ଚାଲିଛି। ବନ ବିଭାଗ କର୍ମଚାରୀ ଏବଂ ଅଧିକାରୀ ଏସମ୍ପର୍କରେ ଅବଗତ ଥିଲେ ମଧ ଚୋରା

### ବନ ଅଧିକାରୀ ମାଲେମାଲ



କରତକଳ ଉଚ୍ଛେଦ ନେଇ ଚଢ଼ଉ କରାଯାଉ ନାହିଁ। ବନ ବିଭାଗର ସ୍ଥାନୀୟ ଅଧିକାରୀ ଏବଂ କରତ କଳ ମାଲିକଙ୍କ ମଧୁ ଚନ୍ଦ୍ରିକାରେ ସକାଳ ଦିନ ରାତି ୨୪ ଘଣ୍ଟା ଧରି କରତ କଳ ଚାଲିଛି। ବନ ବିଭାଗ ଅସାଧୁ ଅଧିକାରୀ ଓ କର୍ମଚାରୀ ଏନେଇ ମାଲେମାଲ ହେଉଥିବା ଜଣାଯାଇଛି।

ଉକ୍ତ କରତ କଳରେ ଶାଗୁଆନ, କସି, ଶିଶୁ ଆକାସିଆ ଏବଂ ଅନ୍ୟାନ୍ୟ ଚୋରା କାଠଗଣ୍ଡି ପେଡା ଯାଉଛି। ଖାଲି ସେତିକି ନୁହେଁ ସ୍ଥାନୀୟ ଗ୍ରାମ୍ୟ ଜଙ୍ଗଲରୁ ଏସବୁ ମୂଲ୍ୟବାନ ଗଛ ବେଧଡ଼କ ଭାବେ ଛେଦନ କରାଯାଇ ପେଡା ଯାଉଛି। ବନ ବିଭାଗର କିଛି ଅସାଧୁ ଅଧିକାରୀ ଏବଂ କର୍ମଚାରୀ ମୋଟା ଅଙ୍କ ନେଇ ପରୋକ୍ଷରେ ବୃକ୍ଷ ଛେଦନକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବେଆଇନ କରତ କଳ ଚାଲୁଥିବା ଆଖପାଖ ଅଞ୍ଚଳରେ ବନ ବିଭାଗ ଏବଂ ପୁଲିସ ଗାଡି ପାଟ୍ରୋଲିଂ କରୁଥିଲେ ହେଁ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ଯଦିଓ କେବେ କେମିତି କରତ କଳ ଚଢ଼ଉ କରାଯାଉଛି ଏବଂ ସେଠାରୁ ବିଭିନ୍ନ ଯନ୍ତ୍ରାଂଶ ଏବଂ କାଠଗଣ୍ଡି ଜବତ ହେଉଛି। ବନ ବିଭାଗ କେବଳ ମାମଲା ରୁଜୁ କରି ହାତବାନ୍ଧି ବସୁଛି। ଏପରିକି କରତକଳ ମାଲିକଙ୍କୁ ଗିରଫ କରାଯାଉ ନଥିବାରୁ କରତକଳ ମାଲିକ ପୁଲିସ ଏବଂ ବନ ବିଭାଗକୁ ଚ୍ୟାଲେଞ୍ଜ କରି ବିଭିନ୍ନ ସାମଗ୍ରୀ ଜବତ ହେବା ପରେ ବି ପୁଣି କରତକଳ ଚଳାଇବାରେ ସମର୍ଥ ହେଉଛନ୍ତି।

ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଇଚ୍ଛାଦେଇପାଟଣାରେ ଆଉ ଏକ ଚୋରା କରତ କଳ ଗ୍ରାମ୍ୟ ଜଙ୍ଗଲ ଭିତରେ ଚାଲିଛି। ଏସମ୍ପର୍କରେ ବିରୋଧ କରୁଥିବା ଲୋକେ କାଠ ମିଲ ଚଳାଇଥିବା ମାଫିଆଙ୍କ ଆକ୍ରୋଶର ଶିକାର ହେଉଥିବା ଜଣାଯାଇଛି। କର୍ତୃପକ୍ଷ ଉପରୋକ୍ତ ଦୁଇ ଚୋରା କରତ କଳ ବେପାରୀଙ୍କୁ ଗିରଫ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ପର୍ଯ୍ୟଟକଙ୍କୁ ଦୁର୍ଘଟଣାରୁ ବଞ୍ଚାଇଲେ ବିଡିଓ

**ଗୋପ,୨୧।୮ (ସଂଚାର ବ୍ୟୁରୋ):** କୋଣାର୍କ ଏକ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ। କୋଣାର୍କ ଦେଇ ପୁରୀ ଏବଂ କାକଟପୁର ପ୍ରତ୍ୟକ ଦିନ ଅନେକ ପର୍ଯ୍ୟଟକଙ୍କ ଯାନବାହାନ ଯାତାୟାତ କରିଥାଏ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ରାସ୍ତାରେ ଅନେକ ଗାଡି ଚାଳକ ବେପରୁଆ ଏବଂ ଅମାନିଆଭାବେ ଗାଡି ଚଲାଇବା ଦ୍ୱାରା ଅନେକ ସମୟରେ ଦୃଘଟଣାର ଶିକାର ହେବା ସହ ପର୍ଯ୍ୟଟକଙ୍କୁ ମଧ ଅସୁବିଧାରେ ପକାଉଛନ୍ତି। ସୂଚନା ଅନୁସାରେ ଗୋପ କୋଣାର୍କ ରାସ୍ତାରେ ଦ୍ରୁତ ଗତି ଏବଂ ବେପରୁଆ ଭାବେ ଜଣେ ଗାଡି ଚାଳକ ଗାଡି ଚଲାଉଥିବା ଥିବା ବେଳେ କୋଣାର୍କରୁ ଆସୁଥିବା ପର୍ଯ୍ୟଟକଙ୍କ ଗାଡିକୁ ଆଗକୁ ନଛାଡିବା ସହ ନାନା ଅସୁବିଧାରେ ପକାଇବା ସହ ପର୍ଯ୍ୟଟକଙ୍କୁ ଭୟବିତ କରାଉଥିଲା। ସେହି ସମୟରେ କୋଣାର୍କରୁ ଗୋପ ଅଭିମୁଖେ ଆସୁଥିବା ଗୋପ ବିଡ଼ିଓ ଛବିରାଣୀ ସାହୁ ଏସବୁ ଦେଖି ପର୍ଯ୍ୟଟକଙ୍କ ଅସୁବିଧାରେ ପକାଉଥିବା ଗାଡିଟିକୁ ଅଟକାଇବା ସହ ପୁଲିସକୁ ଫୋନ କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗାଡି ସହିତ ଚାଳକଙ୍କୁ ଅଟକ ରଖିଥିଲା। ଗୋପ ବିଡିଓଙ୍କ ଏପରି ମହାନତା କାର୍ଯ୍ୟକୁ ଦେଖି ଅନ୍ୟ ପର୍ଯ୍ୟଟକମାନେ ବିଡିଓଙ୍କୁ ଭରପୁର ପ୍ରଶଂସା କରିଥିଲେ। ଏହି ଘଟଣା ପରେ ଗୋପ-କୋଣାର୍କ ରାସ୍ତାରେ ପାଟ୍ରୋଲିଂ ବଢ଼ାଇ ଦିଆଯାଇଛି।



## ହଜିବାକୁ ବସିଲାଣି ଦାସକାଠିଆ | ମିଳୁନି କାମ, ଅବହେଳିତ କଳାକାର

**ବ୍ରହ୍ମପୁର,୨୧।୮ (ସଂଚାର ବ୍ୟୁରୋ):** ସମୟ ସହ ତାଳ ଦେଇ ସମାଜ ବି ବଦଳୁଛି। ଏହାରି ଭିତରେ ଅନେକ ପୌରାଣିକ ଲୋକକଳା ଧୀରେ ଧରେ ହଜିଯିବାକୁ ବସିଲାଣି। ଏହି କଳା ମଧ୍ୟରୁ ଅନ୍ୟତମ ହେଉଛି 'ଦାସକାଠିଆ'। ପୂର୍ବରୁ ଗାଁ ଗହଳି ଠାରୁ ଆରମ୍ଭ କରି ସହରାଞ୍ଚଳରେ ଏହି ନୃତ୍ୟ ଓ କଳାକାରଙ୍କୁ ଖୁବ୍ ଖୋଜା ପଡୁଥିଲା। ସମୟ କ୍ରମେ ଦାସକାଠିଆ ନୃତ୍ୟ ପୂର୍ବପରି ଦେଖିବାକୁ ମିଳୁନାହିଁ। ଏହା ଉପରେ ନିର୍ଭର କରି ନିଜ ପରିବାର ପ୍ରତିପୋଷଣ କରି ଆସୁଥିବା କଳାକାରଙ୍କ ଅବସ୍ଥା ମଧ କଷ୍ଟସାଧ ହୋଇପଡିଲାଣି। ତଥାପି କିଛି କଳାକାର ଏହି କଳାକୁ ବଞ୍ଚାଇ ରଖିବାକୁ ଦୀର୍ଘ ବର୍ଷ ଧରି ଉଦ୍ୟମ କରି ଆସୁଛନ୍ତି।



### କଳାକୁ ବଞ୍ଚାଇ ରଖିଛନ୍ତି 'ରାଧାଶ୍ୟାମ'

ସେହିପରି ଜଣେ ଦାସକାଠିଆ କଳାକାର ହେଉଛନ୍ତି ଗଞ୍ଜାମ ଜିଲ୍ଲା ହିଂଜିଳିର ୮୨ ବର୍ଷୀୟ ରାଧାଶ୍ୟାମ ସାହୁ ଶର୍ମା। ଜୀବନରେ ଅନେକ କଷ୍ଟକୁ ସହି ଲୋପ ପାଇବାକୁ ବସିଥିବା ଏହି କଳାକୁ ସେ ଆଜିବି ବଞ୍ଚାଇ ରଖିଛନ୍ତି। ବୟସର ଅପରାହ୍ନରେ ବି ଏହି କଳା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଆସିଛି। ତାଙ୍କ ପିଢ଼ି ପରେ ପିଢ଼ି ଦାସକାଠିଆ ନୃତ୍ୟକୁ ଅପଣାଇ ଜୀବନ ଜୀବିକା ନିର୍ବାହ କରି ଆସୁଛନ୍ତି। ଏଥିପାଇଁ ତାଙ୍କୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଠାରୁ ପୁରସ୍କାର ବି ମିଳିଛି।

ସମ୍ପ୍ରତି ଆଧୁନିକତାର ସଭ୍ୟତାରେ ଆଧୁନିକ ବାଦ୍ୟ ଯନ୍ତ୍ର ସ୍ଥାନ ପାଉଥିବା ବେଳେ ଯୁବପିଢ଼ି ବି ପୌରାଣିକ କଳା ପ୍ରତି ବିମୁଖ ହେଲେଣି। ଯଦିଓ ହଜିଯାଉଥିବା ଲୋକକଳାକୁ ପୁନଃ ଫେରାଇ ଆଣିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ତଥାପି ଅନେକ ବରିଷ୍ଠ କଳାକାର ଆଜି ବି ଏହି ଯୋଜନା ଠାରୁ ଦୂରରେ ରହି ଅବହେଳିତ ଅବସ୍ଥାରେ ରହିଛନ୍ତି। କାମ ମିଳୁନଥିବାରୁ ସାମାନ୍ୟ ଭତ୍ତା ଟଙ୍କାରେ ବଞ୍ଚିବା ବି କଷ୍ଟକର ହୋଇପଡ଼ିଲାଣି। ତେବେ ପୌରାଣିକ ଓ ଐତିହାସିକ କଥାବସ୍ତୁ ଉପରେ ପରିବେଷିତ ଏହି ଲୋକକଳା ଓ କଳାକାରଙ୍କୁ ବଞ୍ଚାଇ ରଖିବାକୁ ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

## ସୋଆ ବିଶ୍ୱବିଦ୍ୟାଳୟରେ ରାଗିଂ ବିରୋଧୀ ସପ୍ତାହ ପାଳିତ

**ଭୁବନେଶ୍ୱର,୨୧।୮ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟରେ ରାଗିଂ ବିରୋଧୀ ସପ୍ତାହ ପାଳନ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିଚାଳିତ ସମସ୍ତ ଶିକ୍ଷାନୁଷ୍ଠାନ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ଅଗଷ୍ଟ ୧୨ରୁ ୧୮ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ଏକ ରାଗିଂ ମୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ପୋଷ୍ଟର ତିଆରି, ସ୍ଲୋଗାନ୍ ଲେଖିବା, ନୁକଡ଼ ନାଟକ, ବିତର୍କ, କୁଇଜ, ପ୍ରବନ୍ଧ ଏବଂ ରଙ୍ଗୋଲି ଭଳି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହା ମଧ ଦେଇ ପରସ୍ପର ପ୍ରତି ସମ୍ମାନ ପ୍ରକାଶ ତଥା ମର୍ଯ୍ୟାଦାର ଗୁରୁତ୍ୱ ଏବଂ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନ୍ତର୍ଭୁକ୍ତତାକୁ ପ୍ରାଧାନ୍ୟ ଦିଆଯାଇଥିଲା। ଏହି ସପ୍ତାହର ପୁରସ୍କାର ବିତରଣୀ ଓ ସମ୍ବର୍ଦ୍ଧନା ଉତ୍ସବ ଅଗଷ୍ଟ ୧୮ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଡିନ୍ (ଛାତ୍ର ମଙ୍ଗଳ) ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଅନ୍ୟାନ୍ୟ ଡିନ୍, ନିର୍ଦ୍ଦେଶକ, ଫ୍ୟାକଲ୍ଟି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।



ଏହି ଉପଲକ୍ଷେ ଏକ ସନ୍ଦେଶ ଦିଆଯାଇଥିଲା ଯାହାର ଅର୍ଥ ହେଲା "ରାଗିଂ ବିଭକ୍ତ କରେ ମାତ୍ର ପରସ୍ପର ପ୍ରତି ସମ୍ମାନ ଏକତା ବଢ଼ାଏ। ଆମେ ଏକତ୍ର ଶପଥ ନେଉଛୁ ଯେ ବିଶ୍ୱବିଦ୍ୟାଳୟରେ ପରସ୍ପର ପ୍ରତି ସମ୍ମାନ, ମର୍ଯ୍ୟାଦା ଓ ବନ୍ଧୁତ୍ୱ ବୃଦ୍ଧି ନିମନ୍ତେ ଉଦ୍ୟମ ଜାରି ରଖିବୁ।"

### କେନ୍ଦୁଝର ଜିଲ୍ଲାରେ ବୃହତ ଇସ୍ପାତ କାରଖାନା ଘୋଷଣା ପ୍ରସଙ୍ଗ

# ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାବାସୀଙ୍କ କୃତଜ୍ଞତା

**ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସଂଗଠନ ଓ ନାଗରିକ ମଞ୍ଚ ଜିଲ୍ଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଦକ୍ଷିଣ କୋରିଆର ପ୍ରସିଦ୍ଧ ଇସ୍ପାତ ଶିଳ୍ପ ପୋସ୍କୋ ଓ ଭାରତର ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ମିଳିତ ଭାବେ କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳରେ ଉକ୍ତ ଇସ୍ପାତ କାରଖାନା ପ୍ରତିଷ୍ଠା ହେବ। ଏହା ହେବ ରାଜ୍ୟର ଦ୍ୱିତୀୟ ବୃହତ ଇସ୍ପାତ କାରଖାନା। ଜିଲ୍ଲାରେ ଏହି କାରଖାନା ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଶାସନକୁ ଆସିବା ଆଗରୁ ଦାବି କରିଆସୁଥିଲେ। ଏହା ମଧ୍ୟ ଦଳର ନିର୍ବାଚନ ଇସ୍ତାହାରରେ ସ୍ଥାନ ପାଇଥିଲା। କେନ୍ଦୁଝରରେ ଲୁହାପଥର ବିଦେଶକୁ ରପ୍ତାନୀ ହୋଇ କାମରେ ଆସୁଛି। କିନ୍ତୁ ଓଡ଼ିଶାରେ ଏହା କାହିଁକି ବ୍ୟବହାର ହୋଇପାରୁନାହିଁ ବୋଲି ମୁଖ୍ୟମନ୍ତ୍ରୀ ସବୁବେଳେ ଦାବି କରିଆସୁଥିଲେ ଓ ଏଥିପାଇଁ ଲଗାତାର ଉଦ୍ୟମ ମଧ୍ୟ ଜାରି ରଖିଥିଲେ। କେନ୍ଦୁଝର ଜିଲ୍ଲାବାସୀଙ୍କ ବହୁତ ଦିନର ସ୍ୱପ୍ନ ଥିଲା, ଜିଲ୍ଲାରେ ଇସ୍ପାତ କାରଖାନା। ଆଜି ଏହା



ସାକାର ହେବାକୁ ଯାଉଛି। ଏହା ସମ୍ଭବ ହୋଇଛି ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ପ୍ରଚେଷ୍ଟା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ବୋଲି ଆଜି ଧନ୍ୟବାଦ ଦେବାକୁ ଆସିଥିବା କେନ୍ଦୁଝର ଜିଲ୍ଲାବାସୀଙ୍କ ମତ ଥିଲା। କେନ୍ଦୁଝର ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳର ଆଦିବାସୀ ମଞ୍ଚ, ଯୁବ ଛାତ୍ରସାମୁଖ୍ୟ, ନାଗରିକ ମଞ୍ଚ, ପ୍ରେସ୍ କ୍ଲବ, ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି ହଜାର ହଜାର ସଂଖ୍ୟାରେ ଭୁବନେଶ୍ୱରରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସେମାନେ ପ୍ରଧାନମନ୍ତ୍ରୀଙ୍କର ଓଡ଼ିଶା, ବିଶେଷକରି କେନ୍ଦୁଝର ଜିଲ୍ଲାକୁ ଏହି ଅମୂଲ୍ୟ ଉପହାର ପାଇଁ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି। କେନ୍ଦୁଝର ଜିଲ୍ଲାବାସୀଙ୍କ ସହ ପାଟଣା ବିଧାୟକ ଅଖିଳ ନାୟକ ଓ ତେଲକୋଇ ବିଧାୟକ ଡ. ଫକୀର ନାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ପ୍ରତ୍ୟୁତ୍ତରରେ ଧନ୍ୟବାଦ ଦେଇ କହିଥିଲେ ଯେ ଖଣିବହୁଳ କେନ୍ଦୁଝର ଜିଲ୍ଲା ସମୃଦ୍ଧ ହେଲେ ଓଡ଼ିଶା ସମୃଦ୍ଧ ହେବ। ଇସ୍ପାତ କାରଖାନା ଦାବି ଜିଲ୍ଲାବାସୀଙ୍କର ସବୁଠୁ ପୁରୁଣା ଓ ବଡ଼ ଦାବି ଥିଲା। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଖଣିବହୁଳ ରାଜ୍ୟରେ ୪ଟି ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଘୋଷଣା କରିଥିଲେ। ୩ଟି ଇସ୍ପାତ କାରଖାନା ପ୍ରତିଷ୍ଠା ସରିଛି, କିନ୍ତୁ ଇଚ୍ଛାଶକ୍ତିର ଅଭାବରୁ ଓଡ଼ିଶା ଏଥିରୁ ବଞ୍ଚିତ ଥିଲା। ଡବଲ ଇଞ୍ଜିନ ସରକାରଙ୍କ ଯୋଗୁଁ ଆଜି ବିଶ୍ୱର ବୃହତ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ପକ୍ଷରୁ ଏହା ସ୍ଥାପନ ହେବାକୁ ଯାଉଛି। ଏହି ଇସ୍ପାତ କାରଖାନା କେନ୍ଦୁଝର ଜିଲ୍ଲା ଓ ସମୃଦ୍ଧ ଓଡ଼ିଶାର ଭବିଷ୍ୟତ ନିର୍ମାଣ କରିବ। ଆଗାମୀ ଦିନରେ ପାଟଣା ଅଞ୍ଚଳରେ ମଧ୍ୟ ରାଉରକେଲା ଭଳି ଏକ ଅତ୍ୟାଧୁନିକ ସହରରେ ପରିଣତ ହେବ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଡବଲ ଇଞ୍ଜିନ ସରକାରରେ କେବଳ କେନ୍ଦୁଝରରେ ନୁହେଁ ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ହେବ। ଓଡ଼ିଶା ପାଇଁ ଅନେକ ବଡ଼ ବଡ ପ୍ରକଳ୍ପ କେନ୍ଦ୍ର ସରକାର ମଞ୍ଜୁର କରୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ, ମା’ ତାରିଣୀ ଓ ପ୍ରଭୁ ବଳଦେବ ଜୀଉଙ୍କ ଆଶୀର୍ବାଦରୁ ଆଜି ଜିଲ୍ଲାରେ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏହା ମାଧ୍ୟମରେ କେନ୍ଦୁଝର ଜିଲ୍ଲା ସହିତ ସମଗ୍ର ରାଜ୍ୟର ବିକାଶ ହେବ। ତେଣୁ ଏଥିପାଇଁ ଜିଲ୍ଲାବାସୀ ବିଶେଷକରି ପାଟଣା ଅଞ୍ଚଳବାସୀ ସମସ୍ତ ପ୍ରକାର ସହଯୋଗ କରିବାକୁ ସେ ନିବେଦନ କରିଥିଲେ।



## ଏକାମ୍ରବାସୀଙ୍କ ଅଭିଯୋଗ ଶୁଣିଲେ ବିଧାୟକ

### ଦୁଇ ଦିନରେ ୨୩୦ ଅଭିଯୋଗର ଶୁଣାଣି

**ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ବିଧାୟକ ବାବୁ ସିଂ ତାଙ୍କ ଅଞ୍ଚଳର ଅଭିଯୋଗ ଶୁଣିଛନ୍ତି। ସ୍ଥାନୀୟ ସୁନ୍ଦରପଦାସ୍ଥିତ ତାଙ୍କ କାର୍ଯ୍ୟାଳୟରେ ବିଧାୟକ ଶ୍ରୀ ସିଂ ବିଭିନ୍ନ ଅଞ୍ଚଳର ସାମୂହିକ ଓ ବ୍ୟକ୍ତିଗତ ସମସ୍ୟା ନେଇ ଆସିଥିବା ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ସେ ସାଧାରଣ ଜନତାଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଏହାର ତ୍ୱରିତ ସମାଧାନ ପାଇଁ ଆମ ସରକାର ସର୍ବଦା ତତ୍ପର ବୋଲି ସେ କହିଛନ୍ତି। ଚଳିତ ସପ୍ତାହର ସୋମବାର ଓ ବୁଧବାର ମୋଟ ୨୩୦ ଜଣଙ୍କ ଅଭିଯୋଗ ବିଧାୟକ ଶୁଣିବା ସହ ସେସବୁର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ନିୟମିତ ଭାବେ ସୁନ୍ଦରପଦାସ୍ଥିତ କାର୍ଯ୍ୟାଳୟରେ ପ୍ରତି ସୋମବାର, ବୁଧବାର ଓ ଶୁକ୍ରବାର ଜନସାଧାରଣଙ୍କର ସାମୂହିକ ଓ ବ୍ୟକ୍ତିଗତ ସମସ୍ୟା ସମାଧାନ ପାଇଁ ପ୍ରୟାସ କରାଯାଇଆସୁଛି।



## ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ୧୨ଘଣ୍ଟିଆ ଦେବଗଡ଼ ବନ୍ଦ

ଦେବଗଡ଼,୨୧।୮(ସଂଚାର ବ୍ୟୁରୋ): ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦାବି ନେଇ ଆଜି ୧୨ ଘଣ୍ଟିଆ ଦେବଗଡ଼ ବନ୍ଦ ଡାକରା ଦିଆଯାଇଛି। ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଏହି ବନ୍ଦ ପାଳନ କରାଯାଇଛି। ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ଚିକିତ୍ସା ସେବା ଦାବିରେ ଏହି ବନ୍ଦ ପାଳନ କରାଯାଇଥିବା ବେଳେ ବନ୍ଦରେ ଅତ୍ୟାବଶ୍ୟକ ସାମଗ୍ରୀ, ଚିକିତ୍ସା ସେବା, ପରୀକ୍ଷାର୍ଥୀଙ୍କୁ ବାଦ୍ ଦିଆଯାଇଛି। ତେବେ ବନ୍ଦ ପାଳନ ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳରେ ଦୋକାନ ବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ଗାଡ଼ି ମଟର ଚଳାଚଳ ବନ୍ଦ ରହିଛି। ପୂର୍ବରୁ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବନ୍ଦ ପାଳନକୁ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ମଧ ସମର୍ଥନ ଦେଇଛନ୍ତି। ୧୨ ଘଣ୍ଟିଆ ବନ୍ଦ ପାଳନ ପରିପ୍ରେକ୍ଷୀରେ ୪୯ ନମ୍ବର ଜାତୀୟ ରାଜପଥରେ ଗାଡ଼ିମଟରକୁ ଆନ୍ଦୋଳନକାରୀମାନେ ଅଟକାଇଛନ୍ତି। ଏହିସହ ବିଭିନ୍ନ ସ୍ଥାନରେ ମଧ ସେମାନେ ପିକେଟିଂ କରିଥିବା ଜଣାପଡ଼ିଛି।

## ପିକ୍‌ଅପ୍‌ରୁ ୧୨ ଗୋରୁ ଉଦ୍ଧାର

### ଗାଡ଼ି ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ



ଭଦ୍ରକ,୨୧।୮(ସଂଚାର ବ୍ୟୁରୋ): ଜାତୀୟ ରାଜପଥରେ ଜଳିଗଲା ଗୋ-ଚାଲାଣ ଗାଡ଼ି। ଉକ୍ତ ଗାଡ଼ିରୁ ସ୍ଥାନୀୟ ଲୋକେ ୧୨ଟି ଗୋରୁଙ୍କୁ ଉଦ୍ଧାର କରିଛନ୍ତି। ୧୬ ନଂ ଜାତୀୟ ରାଜପଥର ନଳାଙ୍ଗ ନିକଟରେ ବେଆଇନ ଭାବେ ଗୋଚାଲାଣ ହେଉଥିବା ନେଇ ଖବର ପାଇ ଲୋକେ ସେଠାରେ ପହଞ୍ଚି ପ୍ରଥମେ ଉକ୍ତ ଗୋରୁମାନଙ୍କୁ ଉଦ୍ଧାର କରିଥିଲେ ଓ ପରେ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହେବା ପରେ ଖବର ପାଇ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ସ୍ଥାନୀୟ ଅଞ୍ଚଳର କେତେକ ଗୋ-ସେବକ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ଗୋରୁ ବୋଝେଇ ଗାଡ଼ିକୁ ନଳାଙ୍ଗ ଛକରେ ଥିବା ଏକ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ଅଟକାଇଥିଲେ। ଉକ୍ତ ଗାଡ଼ିରୁ ୧୨ ଗୋଟି ଗୋରୁଙ୍କୁ ଉଦ୍ଧାର ପରେ ଗାଡ଼ିରେ ସେମାନେ ନିଆଁ ଲଗାଇଦେବା ଫଳରେ ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରେ ଦୀର୍ଘ ଘଣ୍ଟାଏ କାଳ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ଗ୍ରାମାଞ୍ଚଳ ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଯାନବାହନ ଚଳାଚଳକୁ ସ୍ୱାଭାବିକ କରିଥିଲେ।

## ବିଦ୍ୟୁତ୍‌ଖୁଣ୍ଟରେ ପିଟିହେଲା ବୁଲେଟ୍: ୨ ମୃତ



**ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ):** ରାଜଧାନୀରେ ଘଟିଛି ଏକ ମର୍ମନ୍ତୁଦ ଦୁର୍ଘଟଣା, ଯେଉଁଥିରେ ୨ ଜଣ ମୃତ୍ୟୁବରଣ କରିଛନ୍ତି। ଭୁବନେଶ୍ୱରସ୍ଥିତ ରେଣ୍ଟାଲ କଲୋନୀ ଫାୟାର ଷ୍ଟେସନ ରୋଡରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବୁଲେଟ୍‌ରେ ଯାଉଥିବା ସମୟରେ ଦୁଇ ଜଣ ଯୁବକ ଆରୋହୀ ଭାରସାମ୍ୟ ହରାଇ ପ୍ରଥମେ ବିଦ୍ୟୁତ ଖୁଣ୍ଟ ସହ ପିଟି ହୋଇଥିଲେ। ପରେ ଏହା ଗଛ ଓ କାର ସହ ମଧ ଧକ୍କା ହୋଇଥିଲା। ଷ୍ଟୁଡିଓ ଛକରୁ ଫାୟର ଷ୍ଟେସନ୍ ଯିବା ସମୟରେ କେନ୍ଦ୍ରୀୟ ବିଦ୍ୟାଳୟ-୨ ନିକଟରେ ଏହି ଦୁର୍ଘଟଣା ଘଟିଛି। ଫଳରେ ଘଟଣାସ୍ଥଳରେ ହିଁ ଉଭୟ ଯୁବକଙ୍କର ମୃତ୍ୟୁ ହୋଇଯାଇଛି। ମୃତକମାନେ ହେଲେ ଦେବୀ ପ୍ରସାଦ ପରିଡ଼ା ଏବଂ ଅନ୍ୱେଷ ସତ୍ୟଦର୍ଶନ ଦାସ। ଉଭୟ ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପାଠ ପଢୁଥିଲେ ବୋଲି ସୂଚନା ମିଳିଛି। ଦୁର୍ଘଟଣା ସମୟରେ ଉକ୍ତ ବୁଲେଟ୍‌ର ଗତି ବେଶ୍ ଅଧିକ ଥିବାରୁ ଉଭୟ ଆରୋହୀ ମୃତ୍ୟୁବରଣ କରିଥିବା କୁହାଯାଉଛି।

### ମଶା ଧୂପରୁ ମହାଭାରତ

## ଦୋକାନୀ-ଗ୍ରାହକ ଗଣ୍ଡଗୋଳରେ ୩ ଗୁରୁତର

**ବାଲେଶ୍ୱର,୨୧।୮(ସଂଚାର ବ୍ୟୁରୋ):** ସାମାନ୍ୟ ମଶା ଧୂପରୁ ମହାଭାରତ ସୃଷ୍ଟି ହୋଇଛି। ମଶା ଧୂପ କିଣିବାକୁ ନେଇ ଦୋକାନୀ ଓ ଗ୍ରାହକଙ୍କ ମଧରେ ଗଣ୍ଡଗୋଳ ହେବା ଫଳରେ ଏଥିରେ ୩ ଜଣ



ଗୁରୁତର ଭାବେ ଆହତ ହୋଇଛନ୍ତି। ସମସ୍ତଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୋଟିଏ ପରିବାର ୩ ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ ହୋଇଛି। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଯୁବକ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତରମାନେ ହେଲେ ମହେଶ୍ୱର ପ୍ରଧାନ, ପୀତାମ୍ବର ପ୍ରଧାନ ଓ କୁନି ପ୍ରଧାନ। ମିଳିଥିବା ସୂଚନାନୁଯାୟୀ, ଘୋଡ଼ାପଦା ଛକରେ ମହେଶ୍ୱରଙ୍କ ଚା’, ପାନ ଦୋକାନରେ ଜଣେ ଗ୍ରାହକଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପାନ, ଗୁଆ ଓ ମଶା ଧୂପ କିଣିବାକୁ ଆସିଥିବା ଗ୍ରାହକଙ୍କ ସହ ମହେଶ୍ୱରଙ୍କ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ପରିଖି ଥାନାରେ ଅଭିଯୋଗ ମଧ ହୋଇଥିଲା। ହେଲେ ଗତ ରାତିରେ ହଠାତ ଏହି ଘଟଣାକୁ ନେଇ ୨୦ରୁ ଊର୍ଦ୍ଧ୍ୱ ଯୁବକ ମହେଶ୍ୱରଙ୍କ ଘରେ ପଶି ଧାରୁଆ ଅସ୍ତ୍ରରେ ମହେଶ୍ୱରଙ୍କ ପରିବାର ୩ ଜଣ ସଦସ୍ୟଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

## ଜଳିଗଲା ‘ଆମ ବସ୍’, ବର୍ତ୍ତିଗଲେ ଯାତ୍ରୀ



ଖୋର୍ଦ୍ଧା,୨୧।୮(ସଂଚାର ବ୍ୟୁରୋ): ଆଜି ମଧ୍ୟାହ୍ନ ୧୨ଟା ସମୟରେ ୧୬ ନମ୍ବର ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧା ଛକ ନିକଟରେ ‘ଆମ ବସ’ଟିରେ ଅଚାନକ ନିଆଁ ଲାଗିଯାଇଥିଲା। ଫଳରେ ଏହା ହୁତୁହୁତୁ ହୋଇ ଜଳିଉଠିଥିଲା। କଟକ ଜଗତପୁରରୁ ‘ଆମ ବସ’ଟି ଯାତ୍ରୀଙ୍କୁ ଧରି ଖୋର୍ଦ୍ଧା ଅଭିମୁଖେ ଯିବା ସମୟରେ ଏପରି ଅଘଟଣର ସମ୍ମୁଖୀନ ହୋଇଥିଲା। ବସ ଗାଇଡ୍ ବିଶ୍ୱଜିତ ଭୋଇଙ୍କ କହିବାନୁସାରେ, ବସ୍‌ଟି ସ୍ଥାନୀୟ ଗଡ଼ଖୋର୍ଦ୍ଧା ଛକ ନିକଟରେ ପହଞ୍ଚିବା ସମୟରେ ଏହାର ଇଞ୍ଜିନରୁ ଧୂଆଁ ବାହାରିଥିଲା। ତେଣୁ ଡ୍ରାଇଭର୍ ଗାଡ଼ିକୁ ରାସ୍ତାକଡ଼ରେ ଅଟକାଇଥିଲେ। ଯାତ୍ରୀମାନଙ୍କୁ ଗାଡ଼ିରୁ ତଳକୁ ଓହ୍ଲାଇଦେଇ ନିଆଁ ଲିଭା ସ୍ପ୍ରେ ମାରିଥିଲେ ହେଁ ସେତେବେଳେକୁ ନିଆଁ ଗାଡ଼ିର ଚକକୁ ବ୍ୟାପିସାରିଥିଲା। ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଫୋନ କରାଯିବାରୁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ବସଟି ପୂରା ଜଳିସାରିଥିଲା। କିନ୍ତୁ ବସ୍‌ରେ ଥିବା ପାଖାପାଖି ୩୦ ଜଣ ଯାତ୍ରୀ ସୁରକ୍ଷିତ ଅଛନ୍ତି। ତେବେ ଅଗ୍ନିକାଣ୍ଡର ସଠିକ୍ କାରଣଜଣାପଡ଼ିନଥିଲେ ହେଁ କୌଣସି ବୈଷୟିକ ତ୍ରୁଟି ପାଇଁ ଏଭଳି ଘଟିଥିବା ଅନୁମାନ କରାଯାଉଛି।

## ନାବାଳିକା ଦୁଷ୍କର୍ମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ଫୁଲବାଣୀ,୨୧।୮(ସଂଚାର ବ୍ୟୁରୋ):** ଫୁଲବାଣୀ ଫାଷ୍ଟ୍ ଟ୍ରାକ୍ ପୋକ୍ସୋ ଦୁଷ୍କର୍ମ ଅଭିଯୁକ୍ତ ଶୁଣାଇଲେ ଦଣ୍ଡାଦେଶ। ସ୍ୱତନ୍ତ୍ର କୋର୍ଟ ଗଣେଶ କହଁରକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଜରିମାନା ଶୁଣାଇଛନ୍ତି। ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ମାମଲାର ଶୁଣାଣି କରିଥିଲେ। ଜରିମାନା ଅନାଦେୟ ଅଧିକ ଦୁଇ ବର୍ଷ ଜେଲ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାନୁସାରେ, ଗତ ୨୦୨୩ରେ ୧୪ ବର୍ଷୀୟା ପୀଡ଼ିତା ଜଣଙ୍କ ଏକ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିଲେ। ମାସିକ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ସେ ଗର୍ଭବତୀ ଥିବା ଜଣାପଡିଥିଲା। ତଦନ୍ତ ପରେ



ଅଭିଯୁକ୍ତ ଗଣେଶ କହଁର ଗ୍ରୀଷ୍ମ ଛୁଟିରେ ପୀଡ଼ିତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ବ୍ରହ୍ମପୁର ମେଡିକାଲ କଲେଜରେ ପୀଡ଼ିତା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଲିଖିତ ଅଭିଯୋଗ ଆଧାରରେ ସଦର ପୁଲିସ ୧୯/୨୩ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଗଣେଶ କହଁରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ମାମଲାର ଶୁଣାଣି କରିଥିଲେ। ୧୯ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୬ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ବନମାଳି ବେହେରା ମାମଲା ପରିଚାଳନା କରୁଥିଲେ।

## ସୁଲଭ ମୂଲ୍ୟରେ ଘର ପାଇବେ ଲୋକେ: ମନ୍ତ୍ରୀ



**ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ):** ସୁଲଭ ମୂଲ୍ୟରେ ସାଧାରଣ ଲୋକଙ୍କୁ ଘର ଯୋଗାଇଦେବା ସକାଶେ ସରକାର ଖୁବ୍‌ଶୀଘ୍ର ଏକ ଯୋଜନା ଲାଗୁ କରିବେ। ଏହା ଉପରେ ଏବେ ବିଚାରବିମର୍ଶ ଚାଲିଛି ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର। ଏଥିପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଓଡ଼ିଶା ହାଉସିଂ ବୋର୍ଡ ପକ୍ଷରୁ ଘର ନିର୍ମାଣ କାର୍ଯ୍ୟ ଚାଲିଛି। କିପରି ଜଣେ ସାଧାରଣ ଲୋକ କମ୍ ଟଙ୍କାରେ ଭୁବନେଶ୍ୱର ଭଳି ସହରରେ ରହିପାରିବ, ସେଥିପାଇଁ ସରକାର ଏଭଳି ଯୋଜନାରେ ଘର ଯୋଗାଇଦେବାକୁ ଯୋଜନା କରୁଛନ୍ତି। ଏଥିସକାଶେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଘର ତିଆରି କାମ ଆରମ୍ଭ ହୋଇସାରିଛି। ଖୁବଶୀଘ୍ର ଏହା ଲୋକଙ୍କୁ ଯୋଗାଇଦିଆଯିବ ବୋଲି ଡ. ମହାପାତ୍ର କହିଛନ୍ତି।

### କୃଷି ବିଭାଗ ଅଧିକାରୀଙ୍କୁ ନିଯୁକ୍ତ ସ୍ଥାନରେ ଯୋଗଦେବାକୁ ବିଜ୍ଞପ୍ତି ଜାରି

## ଖିଲାପକାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

**ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ):** କୃଷି ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏକ ଆଦେଶନାମା ଜାରି କରି ଏଥିରେ ସମସ୍ତ ପଦୋନ୍ନତିପ୍ରାପ୍ତ/ବଦଳି ହୋଇଥିବା ଅଧିକାରୀଙ୍କୁ ଅବିଳମ୍ବେ ସେମାନଙ୍କ ନିଯୁକ୍ତ ସ୍ଥାନରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କୌଣସି ପରିସ୍ଥିତିରେ ବି ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତା ସ୍ଥଗିତ ରହିବନାହିଁ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। ଆସନ୍ତା ୩୧ ସୁଦ୍ଧା ଯେଉଁମାନେ ନିଜ ନିଯୁକ୍ତ ସ୍ଥାନରେ ଯୋଗଦେବାରେ ବିଫଳ ହେବେ, ସେମାନେ କୌଣସି ପ୍ରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ ଓ ଏପରି ଅଧିକାରୀମାନଙ୍କ ଦରମା ଆସନ୍ତା ସେପ୍ଟେମ୍ବରରୁ ବନ୍ଦ କରାଯିବ। ଏଥିସହ ପୋଷ୍ଟିଂ ସଂକ୍ରାନ୍ତ ଆଦେଶ ବଦଳାଇବା ପାଇଁ କେହି ଅନୈତିକ ବାହ୍ୟ ପ୍ରଭାବ ଆଣିବାକୁ ପ୍ରୟାସ କଲେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦିଆଯାଇଛି। ନିର୍ଦ୍ଦେଶାଳୟ, କ୍ଷେତ୍ର ପ୍ରତିଷ୍ଠାନର ମୁଖ୍ୟ ଓ ଅଧିକାରୀମାନଙ୍କୁ ଆଦେଶର ଅନୁପାଳନ ଉପରେ ନଜର ରଖିବା ସହ କାର୍ଯ୍ୟସ୍ଥଳରେ ଯୋଗ ଦେଉନଥିବା ମାମଲାଗୁଡ଼ିକୁ ବିଭାଗରେ ରିପୋର୍ଟ କରିବାକୁ କୁହାଯାଇଛି। ତୃଣମୂଳ ସ୍ତରରେ କାର୍ଯ୍ୟାଳୟଗୁଡ଼ିକର ସୁଗମ କାର୍ଯ୍ୟ ପାଇଁ ଏହି ବିଜ୍ଞପ୍ତି ଜାରି କରାଯାଇଛି।

### ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’ କାର୍ଯ୍ୟକାରିତା ନେଇ ସମୀକ୍ଷା

# ପ୍ରଭାବୀ କାର୍ଯ୍ୟାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ):** ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’ର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ସମୀକ୍ଷା କରିଛନ୍ତି। ସ୍ଥାନୀୟ ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଉପସ୍ଥିତିରେ ଯୋଜନାର କାର୍ଯ୍ୟାନ୍ୱୟନ ସ୍ଥିତି ଓ ଅଗ୍ରଗତି ନେଇ ବିଶଦ ଆଲୋଚନା କରାଯାଇଥିଲା। ଯୋଜନାର କାର୍ଯ୍ୟକାରିତା ଅନୁଧ୍ୟାନ ପୂର୍ବକ ଏହି ଯୋଜନାରୁ ଗୋପାଳନ କରୁଥିବା ଚାଷୀ ଓ କୃଷି ଉଦ୍ୟୋଗୀମାନେ କିପରି ଅଧିକ ଲାଭବାନ ହୋଇପାରିବେ ଏବଂ ଚାଷୀମାନଙ୍କ ଆର୍ଥିକ ସଶକ୍ତିକରଣ ହୋଇପାରିବ, ସେଥିପାଇଁ ଯୋଜନାର ପ୍ରଭାବୀ କାର୍ଯ୍ୟାନ୍ୱୟନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟରେ କୃଷି ସହ ଗୋପାଳନ କୃଷକମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ସର୍ବଦା ସହାୟକ ହୋଇଆସିଛି। ଗୋପାଳନ କ୍ଷେତ୍ରକୁ ଅଗ୍ରାଧିକାର ଦେବା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ

### ଗୋପାଳକ ଓ କୃଷି ଉଦ୍ୟୋଗୀ ଫାଇଦା ନେବାକୁ ପରାମର୍ଶ



ନେଇ ୫ ବର୍ଷ ପାଇଁ ୧୪୨୩.୪୭ କୋଟି ଟଙ୍କା ବ୍ୟୟ ଆକଳନ ଲକ୍ଷ୍ୟ ରଖି ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’ର ଶୁଭାରମ୍ଭ ଗତ ବର୍ଷ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଥିଲେ। ଗତବର୍ଷ ଡିସେମ୍ବର ୪ରେ ଏହି ଯୋଜନା ଅନ୍ତର୍ଗତ ଉପଯୋଜନାଗୁଡ଼ିକର ମଧ୍ୟ କାର୍ଯ୍ୟକାରିତା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ଦୈନିକ ଦୁଗ୍ଧ ଉତ୍ପାଦନ ଲକ୍ଷ୍ୟ ୬୫ ଲକ୍ଷ ଲିଟର ଓ ୫ ବର୍ଷ ମଧ୍ୟରେ ଦୈନିକ ୧୩୦ ଲକ୍ଷ ଲିଟର ରହିଛି।

କାମଧେନୁ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଗୋପାଳନ ଉପଯୋଜନାରେ ୨,୫୦୦ ଧାର୍ଯ୍ୟ ଲକ୍ଷ୍ୟ ଥିବାବେଳେ ୩୫,୪୯୪ ଆବେଦନ ହୋଇଥିଲା। ଏଥିରୁ ୨୮୯୨ଟି ମଞ୍ଜୁର କରାଯାଇଥିବା ସ୍ଥଳେ ସେଥିରୁ ୧୭୨୭ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା। ଏ ବାବଦରେ ୨୪.୫ କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଛି। ସେହିପରି ୨୦୨୫-୨୬ରେ ୧୦ ହଜାର ଧାର୍ଯ୍ୟ ଲକ୍ଷ୍ୟ ଥିବା ବେଳେ ୨୩,୯୨୯ ଆବେଦନ ହୋଇଛି ଓ ସେଥିରୁ ଅଦ୍ୟାବଧି ୫,୩୮୫ଟି ମଞ୍ଜୁର ହୋଇ ୫୯୬ ସମ୍ପୂର୍ଣ୍ଣ ପୂର୍ବକ ୮.୩୬ କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଛି। ଯୋଜନାରେ ଅଦ୍ୟାବଧି ୪,୫୩୨ଟି ଗାଈ ପ୍ରଦାନ କରାଯାଇଛି। ସେମାନଙ୍କଠାରୁ ଦୈନିକ ୪୫ ହଜାର ଲିଟର ଦୁଗ୍ଧ ମିଳୁଛି। ୨୦୨୪-୨୫ ବର୍ଷରେ ମଇଁଷି ଔଦ୍ୟୋଗିକ ବିକାଶ ଯୋଜନାରେ ୫୬୮ଟି ପ୍ରକଳ୍ପ ଶେଷ ହୋଇଥିବା ବେଳେ ୮.୧୫ କୋଟିର ସବ୍‌ସିଡି ଏବଂ ୨୦୨୫-୨୬ରେ ଅଦ୍ୟାବଧି ୭୫ଟି ପ୍ରକଳ୍ପ ମଞ୍ଜୁର ହୋଇ ୧.୦୨ କୋଟିର ସବ୍‌ସିଡି ଦିଆଯାଇଛି। ଯୋଜନାରେ ୧୨୬୦ ମଇଁଷିଙ୍କଠାରୁ ଦୈନିକ ୧୦,୦୮୦ ଲିଟର ଦୁଗ୍ଧ ମିଳୁଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ବିଶେଷଜ୍ଞଙ୍କ ଦ୍ୱାରା ଯୋଜନା କାର୍ଯ୍ୟକାରିତାର ମୂଲ୍ୟାୟନ ସହ ସେମାନଙ୍କଠାରୁ ଆବଶ୍ୟକ ପରାମର୍ଶ ଗ୍ରହଣ ଉପରେ ଶ୍ରୀ ଆହୁଜା ଗୁରୁତ୍ୱ ଦେଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଜିଏସ୍‌ଟିରେ ହେବ ବଡ଼ ଧରଣର ପରିବର୍ତ୍ତନ

# ଲୋପ ପାଇବ ୧୨%; ୨୮% ଜିଏସଟି ହାର




ନୂଆଦିଲ୍ଲୀ,୨୧।୮: ଗୁଡସ୍ ଆଣ୍ଡ ସର୍ଭିସ ଟ୍ୟାକ୍ସକୁ ସରଳ କରିବା ନେଇ ନେଇ ଗୁରୁବାର ଗ୍ରୁପ ଅଫ୍ ମିନିଷ୍ଟର (ଜିଓଏମ୍)ଏକ ଗୁରୁତତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବକୁ ବହୁ ରାଜ୍ୟ ସମର୍ଥନ କରିଛନ୍ତି। ଏହି ସମୟରେ, ମନ୍ତ୍ରୀମାନଙ୍କ ପ୍ୟାନେଲ୍ ୧୨% ଏବଂ ୨୮% ସ୍ଲାବ୍ ହଟାଇବା ପାଇଁ ମଞ୍ଜୁରୀ ଦେଇଛନ୍ତି। ଏହାକୁ ହଟାଇ ୫% ଓ ୧୮% କରିବା କଥା କୁହାଯାଇଛି। ଏହାଛଡା ତମାକୁ ଓ ପାନ ମସଲା ଭଳି ଗୁଡସ୍ ଉପରେ ୪୦% ସ୍ୱତନ୍ତ୍ର ଦର ଲାଗୁ ହୋଇପାରେ। ଏବେ ଏହି ଚୂଡ଼ାନ୍ତ ପ୍ରସ୍ତାବକୁ GST ପଠାଯିବ। ବିଶ୍ୱାସ କରାଯାଉଛି ଯେ GST ବିଭାଗର ଅନୁମୋଦନ ମିଳିବା ପ୍ରାୟ ସୁନିଶ୍ଚିତ। ଏହା ପରେ ଏହା ଘୋଷଣା କରାଯିବ।

ବୈଠକ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରଣ କହିଛନ୍ତି, ନୂଆ ଦରର ଘୋଷଣା ହେବାପରେ ଚାଷୀ, ମଧ୍ୟବିତ୍ତ ବର୍ଗ, ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶ୍ୱସ୍ତି ମିଳିବ। ଏମଏସଏମଇ ଏବଂ ସାଧାରଣ ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଏହା ସହିତ, ଏହା ଏକ ସ୍ୱଚ୍ଛ ଏବଂ ବିକାଶ-ମୁଖୀ ଢାଞ୍ଚା ସୃଷ୍ଟି କରିବ।ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧକ୍ଷତାରେ ଗଠିତ ଛଅ ସଦସ୍ୟ ବିଶିଷ୍ଟ ମନ୍ତ୍ରୀମଣ୍ଡଳ ୫%, ୧୨%, ୧୮% ଏବଂ ୨୮% ର ବର୍ତ୍ତମାନ ୪-ସ୍ଲାବ୍ ଗଠନକୁ ଉଚ୍ଛେଦ କରି ଏକ ନୂତନ ବ୍ୟବସ୍ଥା ଗ୍ରହଣ କରିବାକୁ ସହମତ ହୋଇଥିଲେ। ପ୍ରସ୍ତାବିତ ଢାଞ୍ଚା ଅନୁଯାୟୀ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ସେବାଗୁଡ଼ିକ ୫% GST ଲାଗୁ ହେବ, ଷ୍ଟାଣ୍ଡାର୍ଡ ବସ୍ତୁ ଉପରେ ୧୮% ଟିକସ ଲାଗୁ ହେବ। ସେଭଳି ସିନ୍ ଗୁଡସ୍ ୪୦%ରେ ଜାରି ରହିବ। ପ୍ୟାନେଲ ମଧ ସୁପାରିଶ କରିଛି ଯେ ଲଗଜରୀ କାରଗୁଡ଼ିକୁ ସମାନ ୪୦% ସ୍ଲାବ୍ ଅଧୀନରେ ଅଣାଯିବ।

ଜିଏସଟି ହାର ବିଚାର କରୁଥିବା ଗୋଷ୍ଠୀରେ ଉତ୍ତର ପ୍ରଦେଶ ଅର୍ଥମନ୍ତ୍ରୀ ସୁରେଶ କୁମାର ଖାନ୍ନା, ରାଜସ୍ଥାନ ସ୍ୱାସ୍ଥ୍ୟମନ୍ତ୍ରୀ ଗଜେନ୍ଦ୍ର ସିଂହ, ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ, କର୍ଣ୍ଣାଟକ ରାଜସ୍ୱ ମନ୍ତ୍ରୀ କୃଷ୍ଣ ବାଇର ଗୌଡା ଏବଂ କେରଳ ଅର୍ଥମନ୍ତ୍ରୀ କେ ଏନ ବାଲଗୋପାଳ ସାମିଲ ଅଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ଓ ଜୀବନବୀମାକୁ ଜିଏସ୍‌ଟିରୁ ଛାଡ ଦେବାର ପ୍ରସ୍ତାବ ଉପରେ ଚର୍ଚ୍ଚା ହୋଇଥିଲା। ଏହାଦ୍ୱାରା ବାର୍ଷିକ ୯,୭୦୦ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇପାରେ, କିନ୍ତୁ ଅଧିକାଂଶ ରାଜ୍ୟ ଏହାକୁ ସମର୍ଥନ କରିଛନ୍ତି। ଏବେ ଜିଏସ୍‌ଟି କାଉନସିଲ ନିଜର ଆଗାମୀ ବୈଠକରେ ଜିଓଏମ୍‌ର ଏହି ସୁପାରିଶକୁ ସମୀକ୍ଷା କରିବ ଓ ଅନ୍ତିମ ନିଷ୍ପତ୍ତି ନେବ।

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର ।ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୦, ୭୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨,୩୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨, ୩୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୦,୭୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୩୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୦,୯୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨, ୪୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦,୭୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ହଜାର ୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୦,୭୫୦ ଓ ୨୨ କ୍ୟାରେଟ ମୂଲ୍ୟର ଦାମ୍ ୯୨ ହଜାର ୩୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୬,୦୦୦ ଟଙ୍କା ହୋଇଛି।

# ଭାରତରେ ଖୋଲିବ ଆପଲର ୩ୟ ଷ୍ଟୋର



ନୂଆଦିଲ୍ଲୀ, ୨୧।୮: ଟେକ୍ କମ୍ପାନି ଆପଲ ବେଙ୍ଗାଲୁରୁରେ ଏହାର ନୂଆ ଷ୍ଟୋର ଖୋଲିବାକୁ ଯାଉଛି। ଏହି ଷ୍ଟୋର୍‌ର ନାଁ ରହିଛି 'ଆପଲ ହେବ୍ବଲ' ଷ୍ଟୋର। ସେପ୍ଟେମ୍ବର ୨ରେ ଏହାର ଶୁଭାରମ୍ଭ ହେବାକୁ ଯାଉଥିବାବେଳେ ଏହି ଷ୍ଟୋର ଦେଶରେ କମ୍ପାନିର ତୃତୀୟ ରିଟେଲ ଷ୍ଟୋର ହେବ। ଆପଲ ହେବ୍ବଲ ଷ୍ଟୋରର ଲୁକ୍ ଏବଂ ଡିଜାଇନ ଭାରତୀୟ ସଂସ୍କୃତିକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି।

ସୂଚନାଥାଉକି, ପୂର୍ବରୁ ୨୦୨୩ ଏପ୍ରିଲ ୧୮ରେ ମୁମ୍ବାଇର ଆପଲ ବିକେସି ଷ୍ଟୋରର ଓପନିଂ ହୋଇଥିଲା। ସେହିଭଳି ଏପ୍ରିଲ ୨୦ରେ ଦିଲ୍ଲୀରେ ଆପଲ ସାକେତ ଷ୍ଟୋରର ମଧ ଶୁଭାରମ୍ଭ ହୋଇଥିଲା। ଏହି ଦୁଇଟିଯାକ ଷ୍ଟୋରକୁ ଆପଲ ସିଇଓ ଟିମ୍ କୁକ ଉଦଘାଟନ କରିଥିଲେ। ଆଉ ଏବେ କମ୍ପାନିର ତୃତୀୟ ଷ୍ଟୋର ୨୦୨୫ ସେପ୍ଟେମ୍ବର ୨ରେ ବେଙ୍ଗାଲୁରୁର ଫିନିକ୍ସ ମଲ୍ ଅଫ୍ ଏସିଆରେ ଖୋଲିବ। ଷ୍ଟୋରରେ ଗ୍ରାହକଙ୍କୁ ଆପଲର ସବୁ ପ୍ରଡକ୍ଟ ଯେପରିକି ଆଇଫୋନ, ଆଇପ୍ୟାଡ୍, ମ୍ୟାକ୍‌ବୁକ୍, ଆପଲ ୱାଚ୍ ଏବଂ ଏୟାରପଡ୍ସ କିଣିବା ତଥା ଦେଖିବାକୁ ମିଳିବ। ଏହା ସହ ଆପଲର ବିଶେଷଜ୍ଞ ଟିମ୍ ଗ୍ରାହକଙ୍କୁ ପ୍ରଡକ୍ଟ ବିଷୟରେ ପୂରା ସୂଚନା ଦେବେ। ଷ୍ଟୋରରେ ଗ୍ରାହକଙ୍କୁ କେବଳ ପ୍ରଡକ୍ଟ କିଣିପାରିବେ ତାହା ନୁହେଁ। ଆପଲର ପିକଅପ୍ ସର୍ଭିସ ମଧ ଫାଇଦା ନେଇପାରିବେ। ଅର୍ଥାତ ଅନଲାଇନ ଅର୍ଡର କରି ଷ୍ଟୋରରୁ ପ୍ରଡକ୍ଟ କିଣିପାରିବେ ଗ୍ରାହକ। ଆପଲ ହେବ୍ବଲ ଷ୍ଟୋର୍‌ର ଲୁକ୍ ଏବଂ ଡିଜାଇନ ଭାରତର ସଂସ୍କୃତିକୁ ଧ୍ୟାନରେ ରଖି ଏହାକୁ ତିଆରି କରାଯାଇଛି। ଷ୍ଟୋର ବାହାରର ଡିଜାଇନକୁ ଭାରତର ଜାତୀୟ ପକ୍ଷୀ ମୟୂର ପୁଚ୍ଛରେ କରାଯାଇଛି। କାଲିଫର୍ଣ୍ଣିଆରେ ଥିବା ମୁଖ୍ୟାଳୟ ପରେ ବେଙ୍ଗାଲୁରୁ ଏବେ ଆପଲର ଦ୍ୱିତୀୟ ସବୁଠୁ ବଡ଼ ଅପରେସନାଲ ହବ୍ ପାଲଟିଛି। ବର୍ତ୍ତମାନ କମ୍ପାନି ଉତ୍ତର ବେଙ୍ଗାଲୁରୁର ସାଙ୍କେ ରୋଡରେ ଥିବା ଏମ୍ବାସି ଜେନିଥରେ ୧୦ ବର୍ଷର ଲକ୍-ଇନ୍ ଅବଧି ସହ ୨.୭ ଲକ୍ଷ ବର୍ଗଫୁଟ ଅଫିସ୍ ସ୍ଥାନ ଅଧିଗ୍ରହଣ କରିଛି। ଏହି ଚୁକ୍ତି ୧,୦୧୦ କୋଟି ଟଙ୍କାରେ କରାଯାଇଥିଲା। କମ୍ପାନି ଭାରତରେ କେବଳ ରିଟେଲ ଷ୍ଟୋର ଖୋଲୁନାହିଁ ବରଂ ଉତ୍ପାଦନ ଉପରେ ମଧ ଧ୍ୟାନ ଦେଉଛି। ନିକଟରେ ପ୍ରକାଶିତ ରିପୋର୍ଟ ଅନୁସାରେ କମ୍ପାନି ଆଇଫୋନ୍ ୧୭ସିରିଜର ସବୁ ମଡେଲ ଭାରତରେ ଉତ୍ପାଦନ କରିବ। ଏହି ଉତ୍ପାଦନ ତାମିଲନାଡୁର ହୋସୁରରେ ଥିବା ଟାଟା ଗ୍ରୁପ୍ ଫ୍ୟାକ୍ଟ୍ରି ଏବଂ ବେଙ୍ଗାଲୁରୁରେ ଥିବା ଫକ୍ସକନ ଫ୍ୟାକ୍ଟ୍ରିରେ ହେଉଛି। ଟିମ୍ କୁକ୍ ଏହା ମଧ ପ୍ରକାଶ କହିଛନ୍ତି ଗତ ଜୁନ୍ ମାସରେ ଆମେରିକାରେ ବିକ୍ରି ହୋଇଥିବା ଅଧିକାଂଶ ଆଇଫୋନ୍ ଭାରତରେ ତିଆରି ହୋଇଥିଲା।

## 'ସିଟି ବଜାର ମେଟ୍ରୋ'ର ନୂଆ ସୋ'ରୁମ୍




ଭୁବନେଶ୍ୱର, ୨୧୮(ଇମିସ): ସିଟି ବଜାର ମେଟ୍ରୋ ପକ୍ଷରୁ ଲିଙ୍ଗିପୁର ଅଞ୍ଚଳରେ ଏକ ନୂଆ ସୋ'ରୁମ୍ ଖୋଲାଯାଇଛି। ଏହାକୁ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ଆଶିଷ ସଫର ଓ ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ ଉଦ୍‌ଘାଟନ କରିଛନ୍ତି। ଏହା ହେଉଛି ସାରା ଦେଶରେ କମ୍ପାନିର ୬୮ତମ ଓ ଓଡ଼ିଶାରେ ୨୫ତମ ସୋ'ରୁମ୍। ଆଜି କମ୍ପାନି ପକ୍ଷରୁ ବଲାଙ୍ଗୀରର କଣ୍ଟାବାଞ୍ଜିରେ ମଧ ଏକ ନୂଆ ସୋ'ରୁମ୍ ଖୋଲାଯାଇଛି।

ଏହି ଅବସରରେ ଉଦ୍‌ଘାଟନୀ ସପ୍ତାହ ଅଫର ଘୋଷଣା କରାଯାଇଛି ଯେଉଁଥିରେ ଗ୍ରାହକମାନେ ୪୯୯ ଟଙ୍କାର କ୍ରୟ ଉପରେ ଏକ ଲକି ଡ୍ର' କୁପନ ପାଇବେ। ସାତ ଦିନ ପର୍ଯ୍ୟନ୍ତ ପ୍ରତିଦିନ ଜଣେ ଭାଗ୍ୟଶାଳୀ ବିଜେତା ସାଇକେଲ୍ ଜିତିପାରିବେ। ସେହିପରି, ୭୯୯ ଟଙ୍କାର କ୍ରୟରେ ଏକ ୱାଟର ବଟଲ୍ ଓ ଲକି ଡ୍ର' କୁପନ ମିଳିବ। ୨୪୯୯ ଟଙ୍କା କ୍ରୟ ଉପରେ ମାଗଣାରେ ଏକ କ୍ୟାସ୍‌ରୋଲ୍, ୪୯୯୯ ଟଙ୍କା କ୍ରୟରେ ୩ଟି କ୍ୟାସ୍‌ରୋଲ, ୭୯୯୯ ଟଙ୍କା କ୍ରୟରେ ଏକ ଡଫଲ୍ ହ୍ୱିଲ୍ ବ୍ୟାଗ୍ ଏବଂ ୧୨,୯୯୯ ଟଙ୍କା କ୍ରୟ ଉପରେ ଏକ ହାର୍ଡ ଟ୍ରଲି ବ୍ୟାଗ୍ ମାଗଣାରେ ଦିଆଯାଉଛି। ଏହି ଅଫର ଚଳିତ ମାସ ୨୮ ପର୍ଯ୍ୟନ୍ତ ରହିବ। ସିଟି ବଜାର ମେଟ୍ରୋର ଏହି ଷ୍ଟୋର୍‌ରେ ପୁରୁଷ, ମହିଳା ଓ ଶିଶୁଙ୍କ ପାଇଁ ଫ୍ୟାସନ୍ ସାମଗ୍ରୀ ତଥା ଆସେସୋରିଜ୍ ଆଦି ରହିଛି। ଫ୍ୟାସନ୍ ସାମଗ୍ରୀ ଦାମ୍ ୧୦୯ ଟଙ୍କାରୁ ଆରମ୍ଭ ହୋଇଛି। ଆସେସୋରିଜ୍‌ରେ ଗ୍ରାହକମାନେ ବେଲ୍ଟ, ବ୍ୟାଗ୍, ସୁଟ୍‌କେସ୍, ପ୍ରସାଧନ ସାମଗ୍ରୀ ଓ ବାସନକୁସନ ଆଦି ପାଇପାରିବେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୯୨ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୫୨ ପଇସା ରହିଛି।



# ଲଞ୍ଚ ହେଲା ହିରୋ ଗ୍ଲାମର ଏକ୍ସ



ନୂଆଦିଲ୍ଲୀ, ୨୧।୮: ହିରୋ ମୋଟୋକର୍ପ ଭାରତରେ ସମ୍ପୂର୍ଣ୍ଣ ନୂଆ 'ଗ୍ଲାମର ଏକ୍ସ' ମଡେଲ୍ ଲଞ୍ଚ କରିଛି। ୧୨୫ସିସି ସେଗମେଣ୍ଟରେ ଏହାକୁ ଏକ ପ୍ରିମିୟମ୍ କମ୍ୟୁଟର ମୋଟରସାଇକେଲ୍ ବୋଲି କୁହାଯାଉଛି। ଏହି ବାଇକର ଡ୍ରମ୍ ଭାରିଆଣ୍ଟ ଏକ୍ସ ଶୋ ରୁମ ମୂଲ୍ୟ ୮୯,୯୯୯ ଟଙ୍କା ଏବଂ ଡିସ୍କ ଭାରିଆଣ୍ଟ ପାଇଁ ୯୯,୯୯୯ ଟଙ୍କା (ଏକ୍ସ-ଶୋରୁମ୍ ଦିଲ୍ଲୀ) ଲଞ୍ଚ କରାଯାଇଛି। ହିରୋ ଏହି ବାଇକ୍ ଭାରତର ଭବିଷ୍ୟତକୁ ଦେଖି(ଇଣ୍ଡିଆସ ମୋଷ୍ଟ ଫ୍ୟୁଚରିଷ୍ଟିକ୍ କମ୍ୟୁଟର) ତିଆରି କରାଯାଇଛି ବୋଲି କହିଛି। ଲଞ୍ଚ ହୋଇଥିବା ନୂଆ ବାଇକ୍ 'ଗ୍ଲାମର ଏକ୍ସ' ମଜଭୁତ ବଡି(ମସକୁଲାର ପ୍ରୋଫାଇଲ) ଦିଆଯାଇଛି, ଯାହା କିଛି ମାତ୍ରାରେ ସିବିଜେଡ୍‌ର ପୁରୁଣା ମଡେଲ୍ ପରି ଦେଖାଯାଉଛି। ଏଲଇଡି ଲାଇଟିଂ ସହ ବାଇକ୍‌ରେ ଏକାଧିକ ଆଡଭାନ୍ସଡ ଫିଚର୍ସ ରହିଛି। ଗ୍ଲାମର ଏକ୍ସର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏଥିରେ ତିନୋଟି ରାଇଡ୍ ମୋଡ୍: ଇକୋ, ରୋଡ୍ ଏବଂ ପାୱାର ଦିଆଯାଇଛି। ୧୨୫ ସିସି ସେଗମେଣ୍ଟରେ ଏଭଳି ଫିଚର୍ସ ଥିବା ଏହା ପ୍ରଥମ ବାଇକ ବୋଲି କମ୍ପାନୀ ଦାବି କରିଛି। ଏଥିରେ ବାଇକ ଆରୋହୀମାନେ ଆବଶ୍ୟକତା ଅନୁସାରେ ରାଇଡିଂର ମଜା ମିଳିପାରିବ। ଗ୍ଲାମର ଏକ୍ସରେ ହିରୋର ସ୍ପ୍ରିଣ୍ଟ ଇବିଟି ଇଞ୍ଜିନ ୧୨୪.୭ସିସି, ଏୟାର-କୁଲ୍ଡ, ୪-ଷ୍ଟ୍ରୋକ୍ ଇଞ୍ଜିନ ଦିଆଯାଇଛି। ଯାହା ୮,୨୫୦ଆରପିଏମ ରେ ୧୧.୪ବିଏଚପି ଏବଂ ୬୫୦୦ଆରପିଏମରେ ୧୦.୫ ଏନମ ଟର୍କ ପ୍ରଡ୍ୟୁସ କରିବ। ବାଇକ୍‌ରେ ୫-ସ୍ପିଡ୍ ଗିଅରବକ୍ସ ଦିଆଯାଇଛି। ଇଞ୍ଜିନ୍‌ରେ କମ୍ପନ(ଭାଇବ୍ରେସନ) ହ୍ରାସ କରିବା ପାଇଁ ଏଥିରେ ବାଲାନ୍ସର ଶାଫ୍ଟ ଏବଂ ସାଇଲେଣ୍ଟ କ୍ୟାମ୍ ଚେନ୍ ରହିଛି। ଏଥିରେ ଭଲ ଇନ୍ଧନ ଦକ୍ଷତା(ଫୁଏଲ ଏଫିସିଏନ୍ସି) ରହିଛି ବୋଲି କମ୍ପାନୀ କହିଛି। ଟେକ୍ନୋଲୋଜୀ କଥା ଦେଖିଲେ ଗ୍ଲାମର ଏକ୍ସର ଥିବା ହିରୋର ଏରା ଟେକ୍ (ଆଡ୍‌ଭାନ୍ସ ଇଲେକ୍ଟ୍ରିକ ରାଇଡ୍ ଆସିଷ୍ଟାଣ୍ଟ) ଦିଆଯାଇଛି। ଏହି ସେଗ୍‌ମେଣ୍ଟରେ ପ୍ରଥମ ବାଇକ୍ ଭାବେ ଏଥିରେ କ୍ରୁଇସ କଣ୍ଟ୍ରୋଲ ଦିଆଯାଇଛି। ଅନ୍ୟାନ୍ୟ ଫିଚର୍ସ କଥା କହିଲେ ବାଇକ୍‌ରେ ପାନିକ ବ୍ରେକ୍ ଆଲର୍ଟ, ବ୍ୟାଟେରି ଲେସ୍ କିକ୍ ଷ୍ଟାର୍ଟ ଆଦି ରହିଛି। ଗ୍ଲାମର ଏକ୍ସରେ ୬୦ ରୁ ଅଧିକ ଫଙ୍କସନବାଲା ଏକ ନୂଆ ମଲ୍ଟି-କଲର ଏଲସିଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ରହିଛି। ଏଥିରେ ଟର୍ନ-ବାଇ-ଟର୍ନ ନାଭିଗେସନ୍, କଲ୍ ଏବଂ ମେସେଜ୍ ଆଲର୍ଟ, ରିଅଲ୍-ଟାଇମ୍ ମାଇଲେଜ୍, ଡିଷ୍ଟାନ୍ସ-ଟୁ-ଏମ୍ପଟି ରିଡଆଉଟ୍, ଗିଅର୍ ଇଣ୍ଡିକେଟର, ରାଇଡ୍ ମୋଡ୍ ଡିସପ୍ଲେ ଏବଂ ଆଡେପ୍ଟିଭ୍ ବ୍ରାଇଟନେସ ଆଦି ରହିଛି। ହିରୋ ଆରାମଦାୟକତା ଉପରେ ମଧ କାମ କରିଛି, ଗ୍ଲାମର ଏକ୍ସକୁ ୩୦ଏମଏମ ଚଉଡା ହ୍ୟାଣ୍ଡଲବାର, ସିଟିଂ ପୋଜର୍ ଏବଂ ଲମ୍ବା ଯାତ୍ରା ସମୟରେ ଆରାମ ସୁନିଶ୍ଚିତ କରିବା ପାଇଁ ଆଗକୁ ସେଟ୍ ଫୁଟପେଗ୍ ଦେଇଛି। ବ୍ୟବହାରିକତାକୁ ଆହୁରି ବୃଦ୍ଧି କରିବା ପାଇଁ, କମ୍ପାନୀ ଟ୍ୟାଙ୍କ ନୀ ପ୍ୟାଡ୍, ନକ୍ଲ ଗାର୍ଡ, ୱିଣ୍ଡସ୍କ୍ରିନ୍, ବ୍ୟାକରେଷ୍ଟ, ହଗର୍ ଫେଣ୍ଡର, ଇଞ୍ଜିନ୍ ଗାର୍ଡ ଏବଂ ବେଲି ପ୍ୟାନ୍ ସମେତ ବିଭିନ୍ନ ଆସେସୋରିଜ୍ ପ୍ରଦାନ କରୁଛି। ବାଇକର ମାଇଲେଜ ପାଖାପାଖି ୫୪ କିଲୋମିଟର ରହିପାରେ।

## ଗଣେଶ ଇନ୍‌ଷ୍ଟିଚ୍ୟୁଟ୍‌ରେ ସ୍ୱାଗତ ଉତ୍ସବ




ଭୁବନେଶ୍ୱର, ୨୧।୮: ଆନ୍ଧାରୁଆସ୍ଥିତ ଗଣେଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜିରେ ଡିପ୍ଲୋମା ଇଞ୍ଜିନିୟରିଂର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ 'ଆମନ୍ତ୍ରଣ ୨୦୨୫' ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଶ୍ୱାସ ମହିଳା ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ପି ଯଶୋଧରା ମୁଖ୍ୟ ଅତିଥି, ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚର ମେକାନିକାଲ୍ ସାଇନ୍ସ ବିଭାଗ ମୁଖ୍ୟ ଡ. ସରୋଜ କୁମାର ପ୍ରଧାନ ସମ୍ମାନିତ ଅତିଥି ଓ ସିପେଟ୍‌ର ନିର୍ଦ୍ଦେଶକ ଭଞ୍ଜ ପ୍ରସାଦ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ବିଭୂତି ଭୂଷଣ ତ୍ରିପାଠୀ ଛାତ୍ରଛାତ୍ରୀମାନଙ୍କୁ କୁଶଳୀ ଇଞ୍ଜିନିୟର ହେବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସୁବ୍ରତ ପ୍ରସନ୍ନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଲଭ ଓ ସୁବିଧାଜନକ ରିଚାର୍ଜ ପ୍ଲାନ ଜାରି ରହିବ: ଜିଓ




ନୂଆଦିଲ୍ଲୀ/ଭୁବନେଶ୍ୱର,୨୧।୮ : ରିଲାଏନ୍ସ ଜିଓର ଟାରିଫ୍ ପ୍ଲାନ ଗୁଡ଼ିକ ଅନ୍ୟ ଟେଲିକମ୍ ଅପରେଟରମାନଙ୍କ ତୁଳନାରେ ସବୁଠାରୁ ଶସ୍ତା ରହିଛି। ଅଗ୍ରଣୀ ବିଶ୍ଳେଷକ ସଂସ୍ଥା ବିଏନପି ପାରିବାସ ଏହାର ରିପୋର୍ଟରେ କହିଛି ଯେ ସମ୍ପ୍ରତି ଟାରିଫ୍ ପରିବର୍ତ୍ତନ ସତ୍ତ୍ୱେ, ଜିଓର ଲୋକପ୍ରିୟ ପ୍ଲାନ ଗୁଡ଼ିକ ସବୁଠାରୁ ଶସ୍ତା ରହିବା ସହିତ ଅଧିକ ଡାଟା ପ୍ରଦାନ କରୁଛି। ରିପୋର୍ଟରେ ପ୍ରକାଶ ପାଇଛି ଯେ ଜିଓ ପ୍ରବେଶ ସ୍ତରର ପ୍ଲାନ ଏବେ ୨୯୯ ଟଙ୍କା ହୋଇଯାଇଛି। ରିଲାଏନ୍ସ ଜିଓ ଗ୍ରାହକମାନେ ଏଥିରେ ଅଧିକ ଡାଟା ପାଉଛନ୍ତି। ରିଲାଏନ୍ସ ଜିଓର ୭୯୯ ଟଙ୍କାର ରିଚାର୍ଜ ପ୍ଲାନ ବନ୍ଦ ହୋଇଥିବା ଖବରକୁ କମ୍ପାନୀ ଖଣ୍ଡନ କରିଛି। ଏକ ବିବୃତ୍ତିରେ, କମ୍ପାନୀ ସୂଚନା ଦେଇଛି ଯେ "ଜିଓର ୭୯୯ ଟଙ୍କାର ପ୍ଲାନ୍ ଫୋନ୍‌ପେ, ଗୁଗୁଲ୍ ପେ, ପେଟିଏମ୍ ସମେତ ଅନେକ ଲୋକପ୍ରିୟ ପେମେଣ୍ଟ ପ୍ଲାଟଫର୍ମରେ ରିଚାର୍ଜ ପାଇଁ ଉପଲବ୍ଧ। ଏହାକୁ କମ୍ପାନୀର ୱେବସାଇଟ୍ ଏବଂ ଆପ୍‌ରେ ମଧ ରିଚାର୍ଜ କରାଯାଇପାରିବ। ଜିଓ ସବୁ ପ୍ରକାରର ଆବଶ୍ୟକତା ଅନୁଯାୟୀ ସୁଲଭ ଏବଂ ସୁବିଧାଜନକ ରିଚାର୍ଜ ବିକଳ୍ପଗୁଡ଼ିକର ଏକ ବ୍ୟାପକ ରେଞ୍ଜ ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛି।"

## ଆରସି ପ୍ଲାଷ୍ଟୋର ପାଣି ଟାଙ୍କି ଷ୍ଟାଣ୍ଡ୍




ନାଗପୁର, ୨୧।୮: ଆର୍‌ସି ପ୍ଲାଷ୍ଟୋ ଟ୍ୟାଙ୍କ୍‌ସ ଆଣ୍ଡ୍ ପାଇପ୍‌ସ ପକ୍ଷରୁ ନୂଆ ପାଣି ଟାଙ୍କି ଷ୍ଟାଣ୍ଡ୍ ଉନ୍ମୋଚନ କରାଯାଇଛି। ଏହା ପାଣି ଟାଙ୍କିର ରକ୍ଷଣାବେକ୍ଷଣକୁ ସହଜ କରିବ। ୧୦୦ ପ୍ରତିଶତ ଖାଦ୍ୟ ମାନର ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ଏହି ଷ୍ଟାଣ୍ଡ୍ ପାଣି ଟାଙ୍କିକୁ ଦୀର୍ଘସ୍ଥାୟୀ, ଦୃଢ଼ ଓ ନିରାପଦ ରଖିବାରେ ସହାୟକ ହେବ। ସାତ ଇଞ୍ଚ ଉଚ୍ଚତା ବିଶିଷ୍ଟ ହୋଇଥିବାରୁ ଷ୍ଟାଣ୍ଡ୍ ତଳ ଭାଗକୁ ପରିଷ୍କାର କରିବା ମଧ ସହଜ ହେବ। ଏହା ଉପରେ କମ୍ପାନି ୧୦ ବର୍ଷର ଗ୍ୟାରେଣ୍ଟି ଦେଉଛି। ସମସ୍ତ ପ୍ଲାଷ୍ଟୋ ଡିଲରସିପ୍‌ରେ ଏହି ଷ୍ଟାଣ୍ଡ୍ ଉପଲବ୍ଧ ରହିଛି।

## ସିଜିୟୁରେ 'ବେଷ୍ଟ' କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୨୧।୮: ସିଭି ରମଣ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ (ସିଜିୟୁ) ଓ ବଜାଜ ଅଟୋର ମିଳିତ ସହଯୋଗରେ ବଜାଜ ଇଞ୍ଜିନିୟରିଂ ସ୍କିଲ୍‌ସ ଟ୍ରେନିଂ (ବେଷ୍ଟ) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବଜାଜ ଅଟୋର ସିଏସ୍‌ଆର୍ ଅଧୀନରେ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମରେ ଗ୍ରାଜୁଏଟ ଇଞ୍ଜିନିୟର ଓ ଡିପ୍ଲୋମା ଛାତ୍ରଛାତ୍ରୀମାନଙ୍କୁ ଅଟୋମେସନ, ରୋବୋଟିକ୍ସ, ମେକାଟ୍ରୋନିକ୍ସ, ପିଏଲ୍‌ସି ସିଷ୍ଟମ୍‌ସ, ଏଆର୍/ଭିଆର୍, ସିଆଇଏମ୍ ଏବଂ ଇଣ୍ଡଷ୍ଟ୍ରି ୪.୦ ଉପରେ ଦକ୍ଷତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ବଜାଜ ଅଟୋର ପ୍ରୋଗ୍ରାମ୍ ମ୍ୟାନେଜର୍ ସମୀର ନାବର କହିଥିଲେ ଯେ ବେଷ୍ଟ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ଦକ୍ଷତା ପ୍ରଦାନ କରିବ, ଯାହା ଫଳରେ ସେମାନେ ଆଗକୁ ବଢୁଥିବା ବିନିର୍ମାଣ କ୍ଷେତ୍ର ପ୍ରତି ଯୋଗଦାନ ଦେଇପାରିବେ। ସିଜିୟୁ ଓଡ଼ିଶାର କୁଳପତି ପ୍ରଫେସର ବଂଶୀଧର ମାଝୀ କହିଥିଲେ ଯେ ଏହା ଛାତ୍ରଛାତ୍ରୀଙ୍କ ନିଯୁକ୍ତି ହାସଲ କରିବା କ୍ଷମତା ବଢ଼ାଇବ। ପ୍ରୋ ଭାଇସ୍ ଚାନ୍‌ସେଲର୍ ଡ. ଗୁଡ଼ା ଶ୍ରୀଦେବୀ ବିଶ୍ୱବିଦ୍ୟାଳୟରେ ୨୬ଟି ଉତ୍କର୍ଷ କେନ୍ଦ୍ର ଥିବା କହିଥିଲେ। ଏହି ଅବସରରେ ସିଜିୟୁ-ବେଷ୍ଟ୍‌ର ମୁଖ୍ୟ ଜେ ଏମ୍ ସାହୁ ଉପସ୍ଥିତ ଥିଲେ।



# ଏନ୍‌ଏସି ଦାବିରେ ବାଲିଆପାଳରେ ଆଠଘଣ୍ଟିଆ ବନ୍ଦ ସଫଳ



**ବାଲିଆପାଳ,୨୧।୮(ସଂଚାର ବ୍ୟୁରୋ):** ବାଲିଆପାଳ ଏନ୍‌ଏସି ମାନ୍ୟତାରୁ ବାଦ୍ ପଡ଼ିଥିବାରୁ ପ୍ରତିବାଦ କରି ବାଲିଆପାଳ ସ୍ୱାଭିମାନ ମଞ୍ଚ ପକ୍ଷରୁ ଗୁରୁବାର ଆଠ ଘଣ୍ଟିଆ ବନ୍ଦ କରାଯାଇଛି।ବ୍ଲକ ଛକ ଠାରେ ମଞ୍ଚ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ ତ୍ରୀବ ସମାଲୋଚନା କରି ଟାୟାର ଜାଳି ପ୍ରତିବାଦ କରିଥିଲେ। ଜରୁରୀକାଳୀନ ସେବା ବ୍ୟତୀତ ଦୋକାନ, ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଗୁଡିକ ବନ୍ଦ ରହିଥିଲା। ଏହି ବନ୍ଦକୁ ସ୍ୱତଃସ୍ଫୁର୍ତ୍ତ ଭାବରେ ବିଭିନ୍ନ ସଂଗଠନ ପକ୍ଷରୁ ସର୍ମଥନ ଦିଆଯାଇଥିଲା। ସେହିପରି ବାଲିଆପାଳ ବ୍ଲକ ଯୁବ କଂଗ୍ରେସ ପକ୍ଷରୁ ପୂର୍ଣ ସର୍ମଥନ କରାଯାଇଥିଲା। ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବରେ ସଫଳ ହୋଇଛି।ବାଲିଆପାଳରେ ଏନ୍ ଏସି ପାଇଁ ଆବଶ୍ୟକୀୟ ଭିତ୍ତି ଭୂମି ରହିଛି ମାତ୍ର ସରକାରଙ୍କ ବୈମାତୃକ ମନୋଭାବ ଏବଂ ସ୍ଥାନୀୟ ନେତୃବୃନ୍ଦ ଙ୍କର ଆନ୍ତରିକା ଅଭାବ ପାଇଁ ବାଲିଆପାଳ ଏନ୍ ଏସି ମାନ୍ୟତାରୁ ବଞ୍ଚିତ ହୋଇଛି ବୋଲି ସଂଘର ସଭାପତି ସତ୍ୟକାମ ମହାନ୍ତି କହିଛନ୍ତି। ସରକାର ପନ୍ଦର ଦିନ ମଧ୍ୟରେ ବାଲିଆପାଳ କୁ ଏନ୍ ଏସି ଘୋଷଣା ନକଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଞ୍ଚ ଚେତାବନୀ ଦେଇଛି। ଆମ୍ବେଦକର ଫାଉଣ୍ଡେସନ ର ସଭାପତି ପ୍ରଫୁଲ୍ଲ ପାତ୍ର, ସମାଜସେବୀ ଗୌତମ ପରିଡା, ରିଙ୍କୁ ରଞ୍ଜନ କର, ବିକ୍ରମ ଦେ, ରାଜେଶ ପାତ୍ର, ସୁଭଦ୍ରା ରାଉତ, ଦେବାଶିଷ ପାତ୍ର, ବାବୁଲି ଜେନା, ହରିହର ପ୍ରଧାନ, ଗିରିଶ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ସ୍ୱାଧୀନତାର ୭୯ବର୍ଷ ପରେ ବି ବିକାଶ ଖୋଜୁଛି କୁଆଡ଼ ଗାଁ

# ମିଳିନି ରାଜସ୍ୱ ଗ୍ରାମ ମାନ୍ୟତା, ନାହିଁ ପକ୍କା ରାସ୍ତା

**ହାଟଡିହି,୨୧।୮(ସଂଚାର ବ୍ୟୁରୋ):** ସ୍ୱାଧୀନତାର ୭୯ବର୍ଷ ପରେ ବି ବିକାଶ ଖୋଜୁଛି ହାଟଡିହି ବ୍ଲକ ସମଣା ପଞ୍ଚାୟତର କୁଆଡ ଗାଁ। ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିଲେ ବି ଆଜି ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ପାଇ ପାରିନି। ଗାଁ ରେ ୯୦ରୁ ଉର୍ଦ୍ଧ୍ୱ ପରିବାର ବସ ବାସ କରୁଥିଲେ ବି ଗାଁକୁ ସବୁ ଦିନିଆ ରାସ୍ତା ନଥିବାରୁ ଗାଁ ଲୋକେ ସ୍ୱାସ୍ଥ୍ୟ, ଶିକ୍ଷା ଭଳି ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ ସଦର ମହକୁମା ଠାରୁ ୧୬କିଲୋମିଟର ଦୂରରେ ବୈତରଣୀ କୂଳରେ ଅବସ୍ଥିତ ଏହି କୁଆଡ ଗ୍ରାମ। ଗ୍ରାମଟି ସମଣା ରାଜସ୍ୱ ଗ୍ରାମ ଅଧିନରେ ଅଛି। ଗ୍ରାମରେ ୯୦ରୁ ଉର୍ଦ୍ଧ୍ୱ ପରିବାର ର ୬୦୦ରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ଅଧିକାଂଶ ପରିବାର ଚାଷବାସ ଉପରେ ନିର୍ଭର କରିଥାନ୍ତି। କିଛି ଲୋକ ସରକାରୀ ଚାକିରି ସହିତ ଭଲ ପଦ ପଦବୀରେ ବି ଅବସ୍ଥାପିତ ଅଛନ୍ତି। କିନ୍ତୁ ଗାଁ ଟି ରାଜସ୍ୱ ଗ୍ରାମର ମାନ୍ୟତା ପାଇ ପାରିନି। ଯଦିଓ ସରକାର ଏହାକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ସବୁ ପ୍ରକାର ବ୍ୟବସ୍ଥା କରିଛନ୍ତି, କିନ୍ତୁ ଘୋଷଣାକୁ ବାକି ରହିଛି। ସେହିପରି ଏହି ଗାଁ କୁ ରାସ୍ତା ଖଣ୍ଡିଏ ନଥିବାରୁ ଗାଁ ଲୋକେ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବର୍ଷ ବର୍ଷ ଧରି ରାସ୍ତା ପାଇଁ ଦାବି କରିଆସୁଥିଲେ ବି ଆଜି ପର୍ଯ୍ୟନ୍ତ ରାସ୍ତା ଖଣ୍ଡିଏ ନିର୍ମାଣ ହୋଇ ନପାରିବାରୁ କିଛି ଲୋକ ଗାଁ ଛାଡ଼ି ବାହାରକୁ ଆସି ରହିବାକୁ ବାଧ୍ୟ ହୋଇଛନ୍ତି। ଗାଁ କୁ ମରୁଆ ଠାରୁ କେନାଲ ବାଟ ଦେଇ ଗୋଟିଏ ରାସ୍ତା ଥିବା ବେଳେ ବର୍ଷା ଦିନେ ଯାତାୟତ ବନ୍ଦ ହୋଇ ଯାଉଛି। କାଦୁଅ ଯୋଗୁଁ ଲୋକେ ଅଢେଇଦ୍ୱାର ନିକଟରେ ଗାଡ଼ି ରଖି ୨ରୁ ୩କିଲୋମିଟର ଚାଲି ଚାଲି ଯିବାକୁ ପଡୁଛି। ସେହିପରି ସରିଦା ଗାଁ ଦେଇ ଅନ୍ୟ ଏକ ରାସ୍ତା ଥିଲେ ବି ତାହାର ଅବସ୍ଥା ଶୋଚନୀୟ। ଅନେକ ଦିନ ତଳେ ମୋରମ କିଛି ପକାଯାଇ ରାସ୍ତା ନିର୍ମାଣ ହୋଇଥିବା ବେଳେ ବର୍ଷା ଦିନେ ତାହାବି ଯାତାୟତ ଅନୁପଯୋଗୀ ହୋଇ ପଡ଼ିଛି। ମୋଟର ସାଇକେଲଟିଏ ବି ଯାଇ ପାରୁନି। ଯେଉଁଥିପାଇଁ ଗାଁ ରେ କାହାର ଦେହ ଖରାପ ହେଲେ ଗାଁ କୁ ଆମ୍ବୁଲାନ୍ସ ଯାଇ ପାରୁନି। ସେମାନଙ୍କୁ ପ୍ରଥମେ ଖଟିଆରେ ବୋହି ସରିଦା କିମ୍ବା ମରୁଆ ପର୍ଯ୍ୟନ୍ତ ନେବାପରେ ସେଠାରୁ ୪ଚକିଆ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆ ଯାଉଛି। ଏଥିପାଇଁ ଗାଁ ର ଛାତ୍ରଛାତ୍ରୀ ମାନେ ସ୍କୁଲ କଲେଜ ଯିବା ଆସିବା କରି ପାରୁ ନାହାନ୍ତି। ପଞ୍ଚାୟତର ଅନ୍ୟ ସବୁ ଗାଁକୁ ପକ୍କା ରାସ୍ତା ଥିବାବେଳେ ଏହି ଗାଁଟି ପ୍ରତି କେହି ଗୁରୁତ୍ୱ ଦେଉ ନବାରୁ ଗାଁ ଟି ଅବହେଳିତ ଅବସ୍ଥାରେ ଅଛି। ସେହିପରି ଗାଁ ରେ ସ୍କୁଲ ଘରଟିଏ ଥିବା ବେଳେ ୧୫ବର୍ଷରୁ ଉର୍ଦ୍ଧ୍ୱ ହେବ ତାହା ଭାଙ୍ଗି ପଡ଼ିଛି। ଗୋଟିଏ କୋଠରୀରେ ବସି ୫ଟି ଶ୍ରେଣୀର ପିଲାମାନେ ଶିକ୍ଷାଲାଭ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଗ୍ରାମର ଏପରି ସମସ୍ୟାକୁ ନେଇ ମୁହଁ ଖୋଲିଛନ୍ତି ମହିଳା। ରାସ୍ତାରେ ଧାନ ରୋଇ ପ୍ରତିବାଦ କରିବା ସହ ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦେଇ ସବୁଦିନିଆ ରାସ୍ତା ନିର୍ମାଣ ଲାଗି ପଦକ୍ଷେପ ନେବେ ବୋଲି ଗ୍ରାମର ବସନ୍ତ କୁମାର ରାଉତ, ରବୀନ୍ଦ୍ର କୁମାର ସାହୁ, ଉମାକାନ୍ତ ରାଉତ, ନିରୁପମା ସେଠୀ, ମାଣିକ ବାରିକ, ଚନ୍ଦ୍ରମଣି ବାରିକ, ପ୍ରମୁଖ ଗ୍ରାମବାସୀ ମାନେ ଆଶାବାଦୀ ଅଛନ୍ତି।



# ନିଖୋଜ ପୁଅର ପତ୍ତା ମିଳୁନି, ଥାନାର ଦ୍ୱାରସ୍ଥ ହେଲେ ବାପା



**ଲାଞ୍ଜିଗଡ଼,୨୧।୮(ସଂଚାର ବ୍ୟୁରୋ):** ଜଣେ ଭେଣ୍ଡିଆ ପୁଅ ନିଖୋଜ ହେବାର ପ୍ରାୟ ୬ଦିନ ହେଲାଣି କୌଣସି ପତା ମିଳୁନାହିଁ। ପରିବାର ଲୋକେ ନିଜ ବନ୍ଧୁ ବାନ୍ଧବ ଓ ସମ୍ପର୍କୀୟ ତଥା ଆଖ ପାଖ ଅଞ୍ଚଳରେ ବହୁତ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ମିଳୁନାହିଁ। ଏନେଇ ଗୁରୁବାର ବାପା ଧନ ହରିଜନ ବିଜେପୁର ଥାନାର ଦ୍ୱାରସ୍ତ ହୋଇଛନ୍ତି। ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ବିଜେପୁର ଥାନା ଅନ୍ତର୍ଗତ ଲିଟିବଣ୍ଡେଲ ଗାଁର ଧନ ହରିଜନଙ୍କ ପୁଅ ଦେବେନ୍ଦ୍ର ହରିଜନ (୨୩) ଗତ ତା.୦୮/୦୮/୨୦୨୫ ରିଖ ଶୁକ୍ରବାର ଦିନ ସକାଳ ପ୍ରାୟ ୧୦ ଘଣ୍ଟା ସମୟରେ ଘରୁ କୁଆଡ଼େ ବାହାରି ଚାଲି ଯାଇଥିଲେ। ନିଖୋଜ ଦେବେନ୍ଦ୍ରଙ୍କ ବାପା କହିବା ମୁତାବକ ଗତ ଦୁଇ ବର୍ଷ ପୂର୍ବେ ତାଙ୍କ ପୁଅ କିଛି ମାତ୍ରାରେ ପାଗଳ ପରି ହେଉଥିଲେ କିନ୍ତୁ ଯୁଆଡ଼େ ଗଲେ ବି ଘରକୁ ଫେରୁଥିଲେ। କିନ୍ତୁ ପରୀତାରାପ ବିଷୟ ଯେ' ଏଥର କୁଆଡ଼େ ବାହାରି ଚାଲିଗଲା ଯେ'ଦୀର୍ଘ ଛଅ ଦିନ ଧରି ବ୍ୟାକୁଳ ହୋଇ ବହୁତ ଖୋଜାଖୋଜି ପରେ ମଧ୍ୟ ଏଯାଏଁ ପୁଅର କୌଣସି ସନ୍ଧାନ ମିଳିପାରୁନାହିଁ।ତେଣୁ ପରିବାର ଘୋର ଚିନ୍ତାରେ ରହିଥିବାବେଳେ ଶେଷରେ ବିଜେପୁର ଥାନାରେ ଦ୍ୱାରସ୍ତ ହୋଇ ପୁଅକୁ ଖୋଜିବାରେ ସାହାଯ୍ୟ କରିବାକୁ ପୋଲିସ ପ୍ରଶାସନକୁ ଗୁହାରି କରିଛନ୍ତି।ଏନେଇ ବିଜେପୁର ଥାନାରେ ମେନ୍ ମିସିଙ୍ଗ କେଶ ନମ୍ବର ୧/୨୫ ରେ ଏକ କେଶ୍ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ଏସ୍.ଆଇ ଶ୍ୟାମ କୁଲୁଷିକା ସୂଚନା ଦେଇଛନ୍ତି।

# ମଦ ବିକ୍ରି ବନ୍ଦ ଦାବିରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

**ସୁବର୍ଣ୍ଣପୁର,୨୧।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝରିଆପାଲି ପଞ୍ଚାୟତ ବାରଝୁଲା ଗ୍ରାମରେ ମଦ ବିକ୍ରି ବନ୍ଦ ପାଇଁ ଜିଲ୍ଲାପାଳ ଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏହା ସହ ଆଗାମୀ ଦିନରେ ମଦ ବିକ୍ରି ବନ୍ଦ ନହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଥାଉକି, ବ୍ଲକର ବିଭିନ୍ନ ଅଞ୍ଚଳରେ ଅବାଧରେ ଦେଶୀ ବିଦେଶୀ ମଦ ବିକ୍ରି ଚାଲିଛି। ମଦ ପିଇ ଗ୍ରାମ ର ଯୁବକ ପଥଭ୍ରଷ୍ଟ ହେଉଥିବା ବେଳେ ଗ୍ରାମ ରେ କାହିଁ ଆବହମାନ କାଳରୁ ଚାଲି ଆସିଥିବା ଭାଗବତ ସନ୍ଧ୍ୟା ମଧ୍ୟ ମଦ୍ୟପ ଦୁର୍ବୃତ୍ତ ମାନଙ୍କ ପାଇଁ ବନ୍ଦ ହୋଇଯାଇଥିବା ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଅବକାରୀ କିମ୍ବା ପୁଲିସ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ କରିଛନ୍ତି। ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ଏବେ ଗ୍ରାମର ମହିଳାମାନେ ଅଣ୍ଟା ଭିଡ଼ିଥିବା ବେଳେ ବାରଝୁଲା ଗ୍ରାମର ଶତାଧିକ ମହିଳା ଆଜି ଏକତ୍ରିତ ହୋଇ ଗ୍ରାମରେ ମଦ ବିକ୍ରି ବନ୍ଦ ନେଇ ବୀରମହାରାଜପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବା ବେଳେ ଜିଲ୍ଲାପାଳ ଅବକାରୀ ଅଧିକ୍ଷକ ପ୍ରବୀର ସାମଲ ଙ୍କୁ ତୁରନ୍ତ ଡକାଇ ସମସ୍ୟା ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



### ଇ- ବିଟ୍ ଅଭିଯାନରେ ପୁଲିସକୁ ବଡ଼ ସଫଳତା

# ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ୍

**ରାଉରକେଲା,୨୧।୮(ସଂଚାର ବ୍ୟୁରୋ):** ବଡ଼ ଧରଣର ବାଇକ୍ ଚୋରୀ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିବାରେ ସଫଳ ହୋଇଛି ରାଉରକେଲା ପୁଲିସ। ଇ- ବିଟ୍ ଅଭିଯାନରେ ୧୬ଟି ବାଇକ୍ ଜବତ କରିବା ସହ, ଘଟଣାରେ ୩ ଜଣ ଅଭିଯୁକ୍ତକୁ ଗିରଫ କରିଛି। ଏସ୍‌ପିଙ୍କ ନେତୃତ୍ୱରେ ପ୍ଲାଣ୍ଟ ସାଇଟ ଥାନା ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି, ଏହି ରାକେଟର ମାଷ୍ଟର ମାଇଣ୍ଡକୁ ଧରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ହେଲେ କୋଇଡ଼ାର ଶଙ୍କର ଲୋହାର, ରବି ଲୋହାର ଓ ପଣ୍ଡା ମହାକୁଡ଼। ଏମାନଙ୍କ ନାଁରେ ବିଭିନ୍ନ ଥାନାରେ ମାମଲା ରହିଛି। ବିଭିନ୍ନ ଅଞ୍ଚଳରୁ ଏମାନେ ବାଇକ୍ ଚୋରି କରୁଥିଲେ, ପରେ ୧୦ ରୁ ୧୫ ହଜାର ଟଙ୍କାରେ ଏହାକୁ ବିକ୍ରି କରି ଦେଉଥିଲେ। ଏପରିକି କବାଡି ବାଲାକୁ ସ୍କ୍ରାପ ଆକାରରେ ବିକୁଥିଲେ। ଏହି ରାକେଟରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ ଜାରୀ ରଖିଛି ପୁଲିସ।



# ଦୁଇ ଶିକାରୀ ଭାଇଙ୍କୁ ଧରିଲା ଟ୍ରାପ କ୍ୟାମେରା



**ନୀଳଗିରି,୨୧।୮ (ସଂଚାର ବ୍ୟୁରୋ):** କୁଳଡିହା ଅଭୟାରଣ୍ୟରେ ଶିକାର ପାଇଁ ଅବାଧ ପ୍ରବେଶ କରିଥିବା ଦୁଇ ଶିକାରୀ ଭାଇଙ୍କୁ ଧରାପକାଇଦେଇଛି ଟ୍ରାପ କ୍ୟାମେରା। ସୂଚନା ମୁତାବକ ବରହମପୁର ଥାନା ଅଧୀନ ନଟାପଡା ଗ୍ରାମର କାଳନ୍ଦ୍ରୀ ହେମ୍ବ୍ରମ ଓ ଭୁଣ୍ଡା ହେମ୍ବ୍ରମ ଚଳିତ ମାସ ୧୫ ତାରିଖରେ କୁଳଡିହା ଅଭୟାରଣ୍ୟ ଶିକାର ନିମନ୍ତେ ପ୍ରବେଶ କରିଥିଲେ। ଉକ୍ତ ପ୍ରବେଶ ସମୟରେ ସମସ୍ତ ଭିଡିଓ ଟ୍ରାପ କ୍ୟାମେରାରେ କଏଦ ହୋଇଥିଲା। ଯାହାକୁ ଆଧାର କରି କୁଳଡିହା ରେଞ୍ଜ ଅଧିକାରୀ ଏକ ଟିମ୍ ଗଠନ କରି ଦୁଇ ଭାଇଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ। ୧୯ ତାରିଖ ସକାଳ ୬.୩୦ସମୟରେ ଦୁଇଭାଇଙ୍କୁ ନଟାପଡା ସ୍ଥିତ ଘରୁ ବନବିଭାଗ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଗୋଡିଏ ଗୁଳିଭର୍ତ୍ତି ବନ୍ଧୁକ ସହ ଦୁଇଟି ଫାସ, ଧନୁ, ତୀର ଓ ଶିକାର ସରଞ୍ଜାମ ଜବତ କରିଥିଲା। ପରେ ଉଭୟଙ୍କୁ କୋର୍ଟଚାଲଣ କରାଯାଇଛି।

# ରାସ୍ତା ଅବସ୍ଥା ଶୋଚନୀୟ: ଖଟିଆରେ ବୁହାହେଲେ ରୋଗୀ



**ନୀଳଗିରି,୨୧।୮(ସଂଚାର ବ୍ୟୁରୋ):** କଚା ରାସ୍ତାରେ ଗାଁରେ ପହଞ୍ଚି ପାରିଲାନାହିଁ ଆମ୍ବୁଲାନ୍ସ । ଲୋକମାନଙ୍କ ସହାୟତାରେ ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ନିକଟକୁ ଆସିଲେ ରୋଗୀ। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସିଆଡିମାଳ ପଞ୍ଚାୟତ ଅନ୍ତର୍ଗତ ଡେଉଁଚଖାଲ ଗ୍ରାମର ଜଣେ ରୋଗୀଙ୍କୁ ଗ୍ରାମବାସୀ ଖଟିଆରେ ବୋହି କାଦ ରାସ୍ତା ପାରି କରିବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେବା ଚର୍ଚ୍ଚାର ବିଷୟ ହୋଇଛି। ଅନୁଯାୟୀ, ଡେଉଁଛଖାଲ ଗ୍ରାମରେ ୪ ଶହ ଲୋକ ବସବାସ କରନ୍ତି। ଏହି ଗ୍ରାମରେ ବର୍ଷା ଦିନେରେ ଗୋଟିଏ କିଲମିଟର ରାସ୍ତା କାଦ ହୋଇଥାଏ, ଏବଂ ଏବେ ଏହି ଗ୍ରାମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମେଗା ପାନୀୟଜଳ ଯୋଗାଣ ପାଇଁ ରାସ୍ତା ତଡା ଯାଇଥିବାରୁ ରାସ୍ତାଟି ଅଧିକ କାଦ ହେଇଥିବାରୁ ସେଠାକାର ଗ୍ରାମବାସି ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଥିବାର ଦେଖିବାକୁ ମିଳିଛି। ଗୁରୁବାର ଡେଉଁଚଖାଲ ଗ୍ରାମର ରୂପି ସିଂ (୬୦)ଙ୍କ ଦେହ ଅସୁସ୍ଥ ହେବାରୁ ଗ୍ରାମବାସୀ ତାଙ୍କୁ ଏକ ଖଟିଆରେ ବୋହି କାଦ ରାସ୍ତା ରେ ଏକ କିଲମିଟର ପାର କରିବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲକୁ ନେଇଥିଲେ। ଡେଉଁଚଖାଲ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଠିକ ଠାକ ନିର୍ମାଣ କରାଯାଉ ନ ଥିବାରୁ ବର୍ଷା ଦିନେ ଲୋକେ ଜରୁରୀକାଳୀନ ସେବା ପାଇବାରୁ ବଞ୍ଚିତ ହେଉଥିବା ଗ୍ରାମର ବନ ସିଂ, ବାପି ସିଂ, ସିବ ସିଂ, ସମା ସିଂ କହିଛନ୍ତି।

# ଜିଲ୍ଲା ପରିବହନ ବିଭାଗର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୨୧।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୁବର୍ଣ୍ଣପୁର ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ଠାରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିବା ପ୍ରାୟ ୨ ଶହ ଛାତ୍ର ଓ ଶିକ୍ଷକ-ଶିକ୍ଷୟିତ୍ରୀ ଙ୍କ ସହ ପରିବାର ବର୍ଗ ଏବଂ ଆତ୍ମୀୟ ସୌଜନ୍ୟ ଙ୍କୁ ସଡକ ସୁରକ୍ଷା ନିୟମ ବିଷୟରେ ପ୍ରବର୍ତ୍ତାଇବା ପାଇଁ ଅନୁରୋଧ କରିଥିଲେ। ଏଥିରେ ବିନା ହେଲମେଟରେ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚାଳନା, ସିଟବେଲ୍ଟ ପରିଧାନ ନ କରି ଗାଡି ଚାଳନା ଓ ୧୬ ବର୍ଷରୁ କମ ବୟସର ପିଲା ମାନଙ୍କୁ ଗାଡି ଚାଳନା ନ କରିବାକୁ ପରାମର୍ଶ କରିଥିଲେ। ଏହି ଅବସରରେ ଏହିପରି ଅନେକ ଉପାଦେୟ ବାର୍ତ୍ତା ପ୍ରଦାନ କରିବା ସହ ସଡ଼କ ସୁରକ୍ଷା ସମ୍ବନ୍ଧିତ କ୍ଷୁଦ୍ର ସଚେତନତା ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ପରିବହନ ବିଭାଗର ମଳୟ ପ୍ରତାପ ପାଣିଗ୍ରାହୀ, ହିମାଂଶୁ ସାହୁ, ଚିତ୍ତରଞ୍ଜନ ଭୋଇ ପ୍ରମୁଖ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶିଷ କୁମାର ରଥ ସହଯୋଗ କରିଥିଲେ।

- ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ଅନୁଷ୍ଠିତ

## ସାଧାରଣ ମଣିଷର ଭାଷା ହେଉ ସଂସ୍କୃତ

**ବୈଶିଙ୍ଗା,୨୧।୮(ସଂଚାର ବ୍ୟୁରୋ):** ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ। ଖୁଣ୍ଟାପୁର ପରିସରରେ ସଂସ୍କୃତ ଶିକ୍ଷୟିତ୍ରୀ ମଧୁସ୍ମିତା ଉପାଧ୍ୟାୟ ଙ୍କ ନେତୃତ୍ୱ ରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି । ସପ୍ତାହେ ବ୍ୟାପୀ ବିଦ୍ୟାଳୟ ରେ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ସାଙ୍ଗକୁ ଗୀତା ଆବୃତ୍ତି, ସଂସ୍କୃତ ପଠନ ଓ ବାର୍ତ୍ତାଳାପ ପରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ସଭା ବିଦ୍ୟାଳୟ ର ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ( ଅତିରିକ୍ତ ଦାୟିତ୍ୱ ) ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଶିକ୍ଷକ ମୁକୁନ୍ଦ ସେନାପତି, ସ୍ନିଗ୍ଧା ଲେଙ୍କା, ଜ୍ୟୋତ୍ସ୍ନାରାଣୀ ଜେନା ପ୍ରମୁଖ ନିଜ ବକ୍ତବ୍ୟ ରେ ସଂସ୍କୃତ ଭାଷା ର ଗୁରୁତ୍ୱ, ଐତିହ୍ୟ ତଥା ବିଭିନ୍ନ ଭାଷା ର ବିକାଶ ଓ ବିଶ୍ୱକଲ୍ୟାଣ ରେ ଏହାର ଯୋଗଦାନ ସମ୍ପର୍କ ରେ ଆଲୋଚନା କରିଥିଲେ । ପ୍ରଧାନଶିକ୍ଷକ ଏହି ଭାଷା ବିଲୁପ୍ତି ର କାରଣ ସମ୍ପର୍କ ରେ ଆଲୋଚନା କରିବା ସହିତ ସଂସ୍କୃତ ଦେବ ଭାଷା ନହୋଇ ସାଧାରଣ ମଣିଷ ର ଭାଷା ହୋଇପାରିଲେ ଏହା ଅଧିକ ଯଥାର୍ଥ ହେବ ବୋଲି ନିଜ ବକ୍ତବ୍ୟ ରେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ର କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା ।

### ଦେବଗଡରେ ୧୨ ଘଣ୍ଟିଆ ବନ୍ଦ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି




**ଦେବଗଡ,୨୧।୮(ସଂଚାର ବ୍ୟୁରୋ):** ଜିଲା ଯୁବ ଏକତା ମଞ୍ଚର ଡାକରାରେ ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦେବଗଡ ସହରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଉଛି। ଏହି ବନ୍ଦକୁ ସମସ୍ତ ରାଜନୈତିକ ଦଳ ଏବଂ ବିଭିନ୍ନ ଅନୁଷ୍ଠାନ ସମର୍ଥନ ଜଣାଇଛନ୍ତି। ଫଳସ୍ୱରୂପ, ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ଦୋକାନ ବଜାର ଏବଂ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏହି ବନ୍ଦର ମୁଖ୍ୟ କାରଣ ହେଉଛି ଦେବଗଡ ସହର ମଧ୍ୟଭାଗରେ ଥିବା ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଦାବି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ସହରଠାରୁ ୫ କିଲୋମିଟର ଦୂରକୁ ସ୍ଥାନାନ୍ତର କରାଯାଇଥିବାରୁ ସହରର ପ୍ରାୟ ୪୦ ହଜାର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ ଚିକିତ୍ସାଳୟରେ ଆନୁସଙ୍ଗିକ ସୁବିଧାର ଅଭାବ ଥିବା ଅଭିଯୋଗ ହୋଇଛି। ଏହି ଦାବିକୁ ନେଇ ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିବା ସହ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ, କୌଣସି ସମାଧାନ ନ ମିଳିବାରୁ ଜିଲ୍ଲା ଯୁବ ଏକତା ମଞ୍ଚ ଏହି ବନ୍ଦ ଡାକରା ଦେଇଛି। ବନ୍ଦ ଯୋଗୁଁ ୪୯ ନମ୍ବର ଜାତୀୟ ରାଜପଥରେ ଶହ ଶହ ମାଲବାହୀ ଯାନବାହନ ଅଟକି ରହିଥିବା ବେଳେ ସକାଳ ୧୦ଟାରେ ପିକେଟିଂ ଜରିଆରେ ସମସ୍ତ କାର୍ଯ୍ୟାଳୟ ବନ୍ଦ କରାଯିବ ବୋଲି ସୂଚନା ମିଳିଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ୱାର୍କର୍ସ ଆସୋସିଏସନ



**ବଲାଙ୍ଗୀର,୨୧।୮(ସଂଚାର ବ୍ୟୁରୋ):** ଭାରତୀୟ ମଜଦୂର ସଂଘ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର ଆସୋସିଏଶନ ରାଜ୍ୟ ସଂଘ ବଲାଙ୍ଗୀର ଶାଖା ତରଫରୁ ୧୨ ଦଫା ଦାବି ନେଇ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ପୋଷଣ ଟ୍ରାକର ତଥା ଏଫ୍‌ଆର୍‌ଏସ୍‌ରେ ହେଉଥିବା ସମସ୍ୟା ଓ ଅନ୍ୟାନ୍ୟ ଦାବି ନେଇ ଶତାଧିକ ଅଙ୍ଗନୱାଡି କର୍ମୀ ଏକ ରାଲିରେ କୋଶଳ କଳା ମଣ୍ଡଳ ପଡିଆରୁ ବାହାରି ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଅଙ୍ଗନୱାଡ଼ି କର୍ମୀମାନେ ଜିଲାପାଳଙ୍କ ଜରିଆରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ



**ଜୁନାଗଡ଼,୨୧।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଜୁନାଗଡ଼ ସହର ତାଲବନ୍ଦପଡ଼ାରୁ ଗୁରୁବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ପୋଖରୀରେ ବୁଡ଼ି ଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ନାମ କୋଟିଚନ୍ଦ୍ର ମହାଳିକ (୪୨) ବୋଲି ଜଣାପଡ଼ିଛି। ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାଧାନତା ଯୋଗୁ ସେ ଗଭୀରକୁ ଚାଲି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜୁନାଗଡ଼ ଅଗ୍ନିଶମ ବାହିନୀ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ କୋଟିଚନ୍ଦ୍ର ଜୁନାଗଡ଼ର ପୂର୍ବତନ ନଗରପାଳଙ୍କ ପୁଅ ଅଟନ୍ତି।

# କଲେଜ ଅଧ୍ୟାପକ, କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ଦିଗପହଣ୍ଡି,୨୧।୮(ସଂଚାର ବ୍ୟୁରୋ):** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ପୂର୍ଣ୍ଣ ଅନୁଦାନ ରାଶି ପ୍ରଦାନ ଦାବିରେ ଗୁରୁବାର ସାମୂହିକ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିଛନ୍ତି। ସଂଘର ଶାଖା ସଭାପତି ଅଧ୍ୟାପକ ବିଶ୍ୱ ରଞ୍ଜନ ଦାସଙ୍କ ନେତୃତ୍ୱରେ କର୍ମଚାରୀମାନେ କଲେଜ ଫାଟକରେ ଧାରଣା ଦେଇଥିଲେ। କଲେଜ ପରିଚାଳନା କମିଟି ଦ୍ୱାରା ଗତ ୨୦୦୮ ରୁ ୨୦୧୮ ମଧ୍ୟରେ ବହୁ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ନିଯୁକ୍ତି ପାଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ ଉପଯୁକ୍ତ ଅନୁଦାନ ରାଶି ମିଳୁନାହିଁ। ଯାହାର ପ୍ରତିବାଦରେ ସଂଘ ପକ୍ଷରୁ ୧ ଦଫା ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲେଜ ଅଧ୍ୟକ୍ଷ ଡ. ଅସିତ ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଏଣ୍ଡୋମେଟ୍ରିଓସିସ୍



ଋତୁସ୍ରାବ ସମୟରେ ଗଭୀର ଯନ୍ତ୍ରଣା, ପରିସ୍ରା ଓ ଝାଡ଼ା ସମୟରେ ଯନ୍ତ୍ରଣା, ସମ୍ଭୋଗରେ ଯନ୍ତ୍ରଣା ହୋଇ କ୍ରମାଗତ ଯନ୍ତ୍ରଣା ଲାଗି ରହିବା, ଦୁର୍ବଳତା ଅନୁଭବ ଆଦିକୁ ଅଧିକାଂଶ ମହିଳା ଅଣଦେଖା କରିଥାନ୍ତି। ହେଲେ ଏହା ଏଣ୍ଡୋମେଟ୍ରିଓସିସ୍ରୋଗର ଲକ୍ଷଣ ହୋଇପାରେ। ଗର୍ଭାଶୟର ଥିବା ଟିସୁ ଅଣ୍ଡାଶୟ, ଗର୍ଭାଶୟର ପଛପାର୍ଶ୍ୱ କିମ୍ବା ମୂତ୍ରାଶୟରେ ବଢ଼ିପାରେ। ଦିନକୁ ଦିନ ଏହି ରୋଗ ଅଧିକ ବ୍ୟାପିବା ସହ ଏହା ଜୀବନଶୈଳୀକୁ ପ୍ରଭାବିତ କରୁଛି। ବିଶେଷ କରି କାର୍ଯ୍ୟରତ ୨୫ରୁ ୪୦ ବର୍ଷର ମହିଳାମାନଙ୍କଠାରେ ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ଅଧିକ ଦେଖାଯାଇଥାଏ। ଆଉ ୧୦ ଜଣରେ ଜଣେ ମହିଳା ଏଣ୍ଡୋମେଟ୍ରିଓସିସ୍ ରୋଗରେ ଶିକାର ହୋଇଥାନ୍ତି। ତେଣୁ ଉପରୋକ୍ତ ଲକ୍ଷଣ ଦେଖିବା ମାତ୍ରେ ମହିଳାମାନେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁତାବକ, ଏଣ୍ଡୋମେଟ୍ରିଓସିସ୍ ଏପରି ଏକ ରୋଗ, ଏହା ମହିଳାଙ୍କ ଗର୍ଭାଶୟକୁ ପ୍ରଭାବିତ କରିଥାଏ। ଏଣ୍ଡୋମେଟ୍ରିଓସିସ୍, ଏଣ୍ଡ୍ରୋମେଟ୍ରିଆଲ ଭଳି ଟିସୁ (ଏଣ୍ଡ୍ରୋମେଟ୍ରିୟମ୍ : ଗର୍ଭାଶୟର ଲାଇନିଂ) ଏହା ଗର୍ଭାଶୟର ବାହାର ପାର୍ଶ୍ୱରେ ବୃଦ୍ଧି ପାଇଥାଏ। ଡିମ୍ବାଶୟ ଉପରେ ମାଂସ (ସିଷ୍ଟ) ହେବାରୁ ସେଥିରୁ ଅଣ୍ଡା ନିର୍ଗତ ହୋଇପାରେ ନାହିଁ। ଏହା ଗର୍ଭବତୀ ହେବାରେ ଏହା ସମସ୍ୟା ସୃଷ୍ଟି କରେ। ଏହି ରୋଗ ପ୍ରଥମ ଋତୁସ୍ରାବରୁ ଆରମ୍ଭ ହୋଇ ରଜନୀବୃତ ଯାଏଁ ରହିପାରେ। ଜରାୟୁ ମଧ୍ୟରେ ଥିବା ଅନ୍ତଃଝିଲ୍ଲୀ, ଋତୁସ୍ରାବ ସମୟରେ ରକ୍ତ ସହିତ ମିଶି ଗର୍ଭନଳୀ ଦେଇ ପେଟ ଭିତରକୁ ଯାଇଥାଏ। ଏହି ଅନ୍ତଃଝିଲ୍ଲୀରେ ଥିବା ଗ୍ରନ୍ଥିଗୁଡ଼ିକ ପେଟ ଭିତରେ ରହି ରୋଗ ସୃଷ୍ଟି କରନ୍ତି। ବଂଶଗତ, ଦୂଷିତ ଖାଦ୍ୟ, ଦୂଷିତ ପରିବେଶ, ବହୁବାର ଗର୍ଭନଷ୍ଟ, ଅଧିକ ବୟସରେ ବିବାହ, ମାସିକ ଋତୁସ୍ରାବ ସମୟରେ ସହବାସ, ଅଧିକ ବ୍ୟାୟାମ କରିବା ମଧ ଏହି ରୋଗର କାରଣ ହୋଇପାରେ। ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ଯୋଗୁଁ ୧୦% ମହିଳାଙ୍କ ପେଟ ଭିତରେ ଏହି ନିସୃତ ରକ୍ତରେ ଥିବା ଅନ୍ତଝିଲ୍ଲି ଗ୍ରନ୍ଥି ଗୁଡ଼ିକ ନଷ୍ଟ ହୋଇ ପେଟରେ ବିଭିନ୍ନ ରୋଗ ସୃଷ୍ଟି କରିଥାନ୍ତି।

**ଲକ୍ଷଣଃ** ଏହି ରୋଗରେ ବିଭିନ୍ନ ଲକ୍ଷଣ ଦେଖା ଯାଇଥାଏ। ଋତୁସ୍ରାବ ସମୟରେ ଓ ପରେ ପେଟରେ ଅସହ୍ୟ ଯନ୍ତ୍ରଣା, ଝାଡ଼ା, ପରିସ୍ରା ଓ ସହବାସ ସମୟରେ ଏହି ଯନ୍ତ୍ରଣା ଅଧିକ ବଢ଼ିଯାଏ। ରୋଗରେ ପୀଡ଼ିତ ମହିଳାଙ୍କ ଋତୁସ୍ରାବରେ ଅନିୟମିତତା ଦେଖାଯାଏ। ପ୍ରାୟତଃ ୩୦ରୁ ୪୦ ପ୍ରତିଶତ ମହିଳା ଯେଉଁମାନଙ୍କ ଠାରେ ଏହି ସମସ୍ୟା ରହିଥାଏ ସେମାନଙ୍କ ଗର୍ଭଧାରଣ କ୍ଷମତାରେ ଡିମ୍ବାଣୁର ଗୁଣବତ୍ତା ଦୁର୍ବଳ ହୋଇଯାଏ ଓ ଗର୍ଭାଶୟ ପ୍ରଭାବିତ ହୁଏ। ଅଧିକ ଦିନ ଏହି ସମସ୍ୟା ଲାଗି ରହି ଗର୍ଭାଶୟ କର୍କଟ ସୃଷ୍ଟିର କାରଣ ସାଜିପାରେ ବୋଲି ଡାକ୍ତରମାନେ ପରାମର୍ଶ ଦିଅନ୍ତି।

**ସୁସ୍ଥ ଜୀବନଶୈଳୀ ଜରୁରିଃ** ମୁଖ୍ୟତଃ ହରମୋନ୍ ଅସନ୍ତୁଳନ ଏବଂ ଆନୁବଂଶିକ କାରଣରୁ ହେଉଥିବାରୁ ସୁସ୍ଥ ଜୀବନଶୈଳୀ ଆପଣାଇ ଏହି ରୋଗର ତୀବ୍ରତାକୁ କମ୍ କରାଯାଇପାରେ। ସ୍ୱଚ୍ଛତା, ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟପେୟ ତଥା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯାଞ୍ଚ କରିବା ନିହାତି ଜରୁରି।

**ଔଷଧ ଓ ଅସ୍ତ୍ରୋପଚାର ବିକଳ୍ପଃ** ଏହି ରୋଗ ପାଇଁ ଔଷଧ ଏବଂ ଅସ୍ତ୍ରୋପଚାରର ବିକଳ୍ପ ରହିଥିବାବେଳେ ପ୍ରାରମ୍ଭିକ ଅବସ୍ଥାରେ ରୋଗକୁ ଚିହ୍ନଟ କରି ଔଷଧ ସେବନ କରିବା ହିତକର। ଡାକ୍ତର ସ୍ୱତନ୍ତ୍ର ଇଞ୍ଜେକସନ୍ ଦେଇ ପେଟର ଯନ୍ତ୍ରଣାକୁ କମ୍ କରିପାରନ୍ତି। ବେଳେବେଳେ ହରମୋନ୍ ବଟିକା ଓ ଇଞ୍ଜେକସନ୍ ଦିଆଯାଏ। ପେଲ୍ଭିକ୍ ଅଲଟ୍ରାସାଉଣ୍ଡ ଦ୍ୱାରା ଚକୋଲେଟ୍ ସିଷ୍ଟ ନିରୂପଣ କରାଯାଉଥିବା ବେଳେ ଏମ୍ଆରଆଇ ଦ୍ୱାରା ପେଟ ଏବଂ ଗର୍ଭାଶୟର ସମସ୍ୟାକୁ ନିରୂପଣ କରାଯାଇଥାଏ। ତେବେ ଡାକ୍ତର ରୋଗର ସ୍ଥିତି ଓ ଲକ୍ଷଣ ଅନୁଯାୟୀ ଚିକିତ୍ସା କରିଥାନ୍ତି। ଅସ୍ୱାଭାବିକ ସିଷ୍ଟକୁ ଲାପ୍ରୋସ୍କୋପିକ୍ ସାହାଜ୍ୟରେ କଢ଼ାଯାଇଥାଏ। ଆବଶ୍ୟକ ପଡ଼ିଲେ ଅସ୍ତ୍ରୋପଚାର ମଧ କରାଯାଏ।

# ଉପକାରୀ ଦୂବ



ଦୂବ ଘାସରେ ଆଣ୍ଟି –ଇନ୍ଫ୍ଲାମେଟରୀ ଏବଂ ଆଣ୍ଟିସେପ୍ଟିକ୍ ଗୁଣ ରହିଛି। ଔଷଧୀୟ ଗୁଣରେ ଭରପୂର ଦୂବ ଏହା କାଶ, କଫ, ପିତ୍ତ, ରକ୍ତଶୋଧକ, ଅପସ୍ମାର, ଚର୍ମରୋଗ, ନାସା କ୍ଷତ ରକ୍ତସ୍ରାବର ପ୍ରତିଷେଧକ ଭାବେ କାମ କରିଥାଏ। ଏକଜିମା, ସୋରାୟସିସ୍ ଏବଂ କବକ ସଂକ୍ରମଣ ପାଇଁ ଏହା ବହୁତ ଲାଭପ୍ରଦ। ଦୁବକୁ ବାଟିକରି ତା'ର ରସକୁ କାଢ଼ି ଔଷଧ ରୂପେ ବ୍ୟବହାର କରାଯାଇଥାଏ। ସେହିପରି ଦୂବରସ ଦ୍ୱାରା ବାନ୍ତି ଦୂର ହୋଇଥାଏ। ଖଣ୍ଡିଆ ବା କ୍ଷତସ୍ଥାନରୁ ରକ୍ତସ୍ରାବକୁ ବନ୍ଦ କରିବାକୁ ଦୁବକୁ ବ୍ୟବହାର କରାଯାଇଥାଏ। ସାଧାରଣତଃ ନାକରୁ ରକ୍ତ ପଡ଼ିବା ଏକ ଗମ୍ଭୀର ସମସ୍ୟା, ଏପରି ସ୍ଥିତିରେ ଦୁବର ରସକୁ ନିର୍ଦ୍ଦିଷ୍ଟ ଅନୁପାତରେ ନାକରେ ପକାଇବା ଦ୍ୱାରା ରକ୍ତ ପଡ଼ିବା ବନ୍ଦ ହୋଇଯାଏ। ଅର୍ଶ ରୋଗ ପାଇଁ ଦୁବ ଅତି ହିତକର।

# କୋଲେଷ୍ଟ୍ରଲ ପରୀକ୍ଷଣ ପୂର୍ବର ସତର୍କତା

ବର୍ତ୍ତମାନ ସମୟରେ କୋଲେଷ୍ଟ୍ରଲ ବୃଦ୍ଧି ଏକ ବଡ଼ ସମସ୍ୟା। କୋଲେଷ୍ଟ୍ରଲ ସ୍ତର ବଢ଼ିଲେ, ହୃଦ୍ଘାତ, ହୃତପିଣ୍ଡ ଅଚଳ, ଷ୍ଟ୍ରୋକ୍ ଆଦି ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ରକ୍ତରେ କୋଲେଷ୍ଟ୍ରଲ ସ୍ତର ନିର୍ଦ୍ଦିଷ୍ଟ ମାତ୍ରାରେରଖିବାକୁ ସମୟେ ସମୟେ ଯାଞ୍ଚ ଆବଶ୍ୟକ। ହୃତ୍ପିଣ୍ଡ ସୁସ୍ଥତା ପାଇଁ କୋଲେଷ୍ଟ୍ରଲ ପରୀକ୍ଷା ଅତ୍ୟନ୍ତ ଜରୁରି। ଏହି ପରୀକ୍ଷା ଦ୍ୱାରା ହୃଦ୍ରୋଗର ତୀବ୍ରତା ଓ ସ୍ଥିତିକୁ ଜାଣିବାରେ ସହାୟକ ହୋଇଥାଏ। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୋଲେଷ୍ଟ୍ରଲ ଯାଞ୍ଚ ପାଇଁ ଡାକ୍ତର ଲିପିଡ୍ ପ୍ରୋଫାଇଲ୍ ପ୍ୟାନଲ ଟେଷ୍ଟ କରିବାକୁ ପରାମର୍ଶ ଦିଅନ୍ତି। ଏଥିରେ ରକ୍ତରେ ଅସ୍ୱାସ୍ଥ୍ୟକର ଏବଂ ହିତକର କୋଲେଷ୍ଟ୍ରଲ ସ୍ତର ଜାଣିହୁଏ। ତେଣୁ କୋଲେଷ୍ଟ୍ରଲ ଯାଞ୍ଚ ପୂର୍ବରୁ କେତେକ କଥା ଜାଣିବା ଉଚିତ।



କୋଲେଷ୍ଟ୍ରଲ ଟେଷ୍ଟ ପୂର୍ବରୁ କମ୍ ଚର୍ବିଯୁକ୍ତ ଖାଦ୍ୟ ଗ୍ରହଣ ଭଲ। ପାଖାପାଖି ୪୮ ଘଣ୍ଟା ପୂର୍ବରୁ ଡାଏଟ୍ରେ ଫ୍ୟାଟ୍ ମାତ୍ରାକୁ ସୀମିତ କରିବା ଆବଶ୍ୟକ। ଟେଷ୍ଟ ପୂର୍ବରୁ ଉପାସ କରିବା ଅଭ୍ୟାସ ରଖନ୍ତୁ। ୧୦ରୁ ୧୨ ଘଣ୍ଟା ଉପାସ ରହି ଟେଷ୍ଟ ଦ୍ୱାରା ଟ୍ରାଇଗ୍ଲିସେରାଇଡ୍ ଏବଂ ଏଲ୍ଡିଏଲ୍ କୋଲେଷ୍ଟ୍ରଲ ସ୍ତର ମାତ୍ରା ସଠିକ୍ ଜଣାପଡ଼େ। ଟେଷ୍ଟ ପୂର୍ବରୁ କେବେ ବି ମଦ୍ୟପାନ କି ନିଶାସେବନ କରିବା ଅନୁଚିତ। ଦୁଇଦିନ ପୂର୍ବରୁ ଏହି କୁଅଭ୍ୟାସକୁ ତ୍ୟାଗ କରିବା ଭଲ। ନଚେତ ଏହାଦ୍ୱାରା ଟେଷ୍ଟର ଫଳାଫଳ ମିଳେନାହିଁ। ସେହିପରି କୋଲେଷ୍ଟ୍ରଲ ଟେଷ୍ଟ ପୂର୍ବରୁ ଚିନ୍ତାମୁକ୍ତ ରହିବା ଜରୁରି। ନଚେତ୍ ଏହା ମଧ୍ୟ କୋଲେଷ୍ଟ୍ରଲ ସ୍ତରକୁ ପ୍ରଭାବିତ କରିପାରେ ଏବଂ ଫଳାଫଳ ଭୁଲ୍ ଆସିପାରେ। ସେଥିପାଇଁ ଟେଷ୍ଟର ୪୮ଘଣ୍ଟା ପୂର୍ବରୁ ଖୁସି ଓ ଶାନ୍ତି ରହିବା ନିହାତି ଆବଶ୍ୟକ। ବିଶେଷ କଥା ହେଉଛି, ପରୀକ୍ଷାରସଠିକ୍ ଫଳାଫଳ ଜାଣିବାକୁ ପ୍ରଚୁର ମାତ୍ରାର ପାଣି ପିଅନ୍ତୁ। ଦୈନିକ ୨ରୁ ୩ଲିଟର ପାଣି ପିଅନ୍ତୁ। ଯଦି କୋଲେଷ୍ଟ୍ରଲ ମାତ୍ରା ଅଧିକ ରହୁଛି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ମଧୁମେହ, ରକ୍ତଚାପ ଓ ହୃଦ୍ରୋଗରେ ପୀଡ଼ିତ ରୋଗୀ ନିୟମିତ ବ୍ୟବଧାନରେ ଟେଷ୍ଟ କରିବା ଉଚିତ।

# ନିମ୍ନ ରକ୍ତଚାପର ତୁଟ୍କା ଚିକିତ୍ସା



ରକ୍ତ ସଞ୍ଚାଳନ ଦ୍ୱାରା ଶରୀର ସୁସ୍ଥ ରୁହେ। ହୃଦୟ ସଙ୍କୁଚିତ ହେଲେ ରକ୍ତଚାପ ବଢ଼େ ଏବଂ ପ୍ରସାରଣ ହେଲେ ରକ୍ତଚାପ କମିଥାଏ। ତେବେ ସ୍ୱାଭାବିକ ଭାବେ ୭୦ରୁ ୯୦ ହେଉଛି ନିମ୍ନ ରକ୍ତଚାପ। ଉଚ୍ଚରକ୍ତଚାପ ପରି ନିମ୍ନ ରକ୍ତଚାପ ହେଲେ ମୁଣ୍ଡ ବୁଲାଇବା, ଅନ୍ଧାର ଦେଖାଯିବା, ଦୁର୍ବଳ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଏପରି ହେଉଥିଲେ ଏହାକୁ ଅଣଦେଖା କରିବା ଅନୁଚିତ। ନିମ୍ନ ରକ୍ତଚାପ ଥିଲେ ପ୍ରଚୁର ପାଣି ପିଇବା ଆବଶ୍ୟକ। ବିଟ୍ରସ, ତରଭୁଜ, କାକୁଡ଼ି ଆଦି ରସ ପିଇବା ଦ୍ୱାରା ରକ୍ତଚାପ ସ୍ୱାଭାବିକ ହୁଏ। ସମସ୍ତ ଡ୍ରାଏଫ୍ରୁଟ୍ ଯଥା- ଅଞ୍ଜିର, ଖଜୁର, କିସ୍ମିସ, ଆଲମଣ୍ଡ, ଅଖରୋଟ ଆଦିକୁ ମାତ୍ରା ଅନୁସାରେ ରାତିରେ ବତୁରାଇ ସକାଳେ ଖାଇଲେ, ରକ୍ତଚାପ ସ୍ୱାଭାବିକ ହେବାରେ ସହାୟକ କରିଥାଏ। ଗୁଡ଼ ବା ମହୁପଣାରେ ସାମାନ୍ୟ ସୈନ୍ଧବ ଲବଣ ମିଶାଇ ପାନ କଲେ ନିମ୍ନରକ୍ତଚାପରେ ଉପକାର ହୁଏ। ନିମ୍ନ ରକ୍ତଚାପ ପାଇଁ ତୁଳସୀ ପତ୍ର ରସକୁ ମହୁରେ ମିଶାଇ ଖାଇଲେ ଉପକାର ମିଳେ। ପ୍ରତିଦିନ ଅତିକମ୍ରେ ୧୫ ମିନିଟ୍ ଚାଲିବା ଆବଶ୍ୟକ। ପ୍ରାଣାୟାମ ଧ୍ୟାନ ଯୋଗ କରିପାରିବେ। ଖାଦ୍ୟରେ ଲୁଣର ମାତ୍ରା ବଢ଼ାଇବା ସହ ସୋଡିୟମ ଯୁକ୍ତ ଖାଦ୍ୟ ଖାଆନ୍ତୁ। ଫ୍ଲୁଜ୍ସ୍ ଓ ଓଆର୍ଏସ୍ ପିଇପାରିବେ।

# ଉପକାରୀ ନିମ



ନିମ ପରିବେଶ ପାଇଁ ଯେତିକି ଭଲ, ସ୍ୱାସ୍ଥ୍ୟ ପାଇଁ ସେତିକି ଉପକାରୀ। ଏହି ଗଛର ପ୍ରତ୍ୟେକ ଅଂଶ ଯଥା- ଫୁଲ, ଫଳ, ଛେଲିରେ ଔଷଧୀୟ ଗୁଣ ଭରିରହିଛି। ନିମରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟିଫଙ୍ଗାଲ, ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ। ତେଣୁ ଏହା ବିଭିନ୍ନ ରୋଗ ନିୟନ୍ତ୍ରଣ ପାଇଁ ବେଶ୍ ଉପଯୋଗୀ। ଫୁସ୍ଫୁସ୍ ବିଷାକ୍ତକରଣ ଦୂର ପାଇଁ ନିମପତ୍ର ଅଧିକ ପ୍ରଭାବୀ କୁହାଯାଏ। ସେହିପରି ନିମ ପତ୍ରରେ ଥିବା ଔଷଧୀୟ ଗୁଣ ଯୋଗୁଁ ଏହାକୁ ଡାକ୍ତରଙ୍କ ପରାମର୍ଶରେ ସେବନ ଦ୍ୱାରା ରକ୍ତଶର୍କରା କମ୍ ହୁଏ। ନିମପତ୍ରରେ ଆଣ୍ଟିମେଲେରିଆଲ ଗୁଣ ମିଳିଥାଏ, ତେଣୁ ଏହା ମେଲେରିଆ ପାଇଁ ବହୁତ ଉପଯୋଗୀ। ଆୟୁର୍ବେଦରେ ପେଟର ଘା' କିମ୍ବା ଗ୍ୟାଷ୍ଟ୍ରିକ୍ ସମସ୍ୟା ପାଇଁ ନିମପତ୍ର ବେଶ୍ ଉପଯୋଗୀ। ଏହା ଶରୀରୁ ବିଷାକ୍ତ ପଦାର୍ଥ ବାହାର କରିପାରେ।

**ଯକୃତ ଏବଂ ହୃଦପିଣ୍ଡକୁ ହିତଃ** ନିମପତ୍ର ଯକୃତକୁ ଡିଟକ୍ସ କରିବାକୁ ପ୍ରଭାବୀ ମନାଯାଏ। ଏହା ଅହିତକର କୋଲେଷ୍ଟ୍ରଲ କମ୍ କରେ। ନିମ ପତ୍ରକୁ ନଖ ଉଷୁମ ପାଣିରେ ଫୁଟାଇ ଏହାକୁ କେଶମୂଳ ଗାଧୋଇବା ଅଧଘଣ୍ଟା ପୂର୍ବରୁ ଲଗାଇ ସ୍ନାକଲେ, ରୂପି ସମସ୍ୟା ଦୂର ହୁଏ। କାଛୁ, କୁଣ୍ଡିଆ ଆଦି ଚର୍ମରୋଗ ଥିଲେ, ଏହି ପତ୍ରକୁ କଞ୍ଚାହଳଦୀରେ ବାଟି ଲେପନ କଲେ ଚର୍ମରୋଗ ଦୂର ହୁଏ।

**ବଢ଼ିବ ରୋଗପ୍ରତିରୋଧକ ଶକ୍ତିଃ** ନିମପତ୍ର ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ବଢ଼ାଇଥାଏ। ତେଣୁ ସକାଳୁ ଖାଲି ପେଟରେ ନିମପତ୍ର, ତୁ,ସୀପତ୍ର ଏବଂ ଗୁଡୁଚିପତ୍ରକୁ ସେବନ ଦ୍ୱାରା ଏହା ପ୍ରାକୃତିକ ରୂପେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିପାଏ। ନିମ୍ବ ପତ୍ର ଓ ଫୁଲରେ ପ୍ରଚୁରମାତ୍ରାରେ ପ୍ରୋଟିନ୍, ଫ୍ୟାଟ୍, କ୍ୟାଲସିୟମ ଏବଂ ଆମିନୋଏସିଡ ଥିବାରୁ ଏହା ପାଚନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରେ।



# ସ୍ୱାସ୍ଥ୍ୟପ୍ରଦ ବ୍ରାହ୍ମୀ

ବ୍ରାହ୍ମୀ ବିଶେଷତଃ ସନ୍ତସନ୍ତିଆ ଓ ଓଦା ଭୂଇଁରେ ବଢ଼େ। ଏହା ଜଳବ୍ରାହ୍ମୀ ବା ଥାଲୁକୁଡ଼ି ନାଁରେ ପରିଚିତ। ଏହି ପତ୍ରଗୁଡ଼ିକ ଏକାନ୍ତର, ବୃକ୍କ ଆକୃତି ହୋଇଥାଏ। ସ୍ୱାଦରେ ତିକ୍ତ, କଟୁ ଓ ସାମାନ୍ୟ ସୁଗନ୍ଧି ହୋଇଥାଏ। ଏଥିରେ ଔଷଧୀୟ ଗୁଣ ଭରି ରହିଥିବାରୁ ଏହାକୁ ଚିକିତ୍ସକଙ୍କ ପରାମର୍ଶରେ ପାନ କରାଗଲେ, ଏହା ମଣିଷକୁ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବା ସହ ଦୀର୍ଘାୟୁ କରିଥାଏ। ୧୦ରୁ ୨୦ ମିଲି ସ୍ୱରସକୁ ପାନ କଲେ, ସ୍ମରଣଶକ୍ତି ହ୍ରାସ, ମନ୍ଦାଗ୍ନି, ଶ୍ୱସନ ସମସ୍ୟା, ଚର୍ମରୋଗ ଆଦିରେ ଉପକାର ମିଳେ। ଚର୍ମରୋଗ ହୋଇଥିଲେ ବ୍ରାହ୍ମୀକୁ ବାଟି ଲେପ କରାଯାଏ। ଶିଶୁମାନଙ୍କର ଥଣ୍ଡା, କାଶ ଆଦିରେ ବ୍ରାହ୍ମୀ ସ୍ୱରସ ଏକ ଚାମଚ ପ୍ରୟୋଗ କଲେ ଉପଶମ ମିଳେ। ପ୍ରତିଦିନ ଏହି ପତ୍ର ଖାଇବା ସ୍ମରଣ ଶକ୍ତି ବୃଦ୍ଧି ହୁଏ। ଶିରାରେ ରକ୍ତ ପ୍ରବାହ ସ୍ୱାଭାବିକ ହୁଏ। ମାନସିକ ଦୁର୍ବଳତା ଥିବା ବ୍ୟକ୍ତିଙ୍କୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଏହାର ପତ୍ରକୁ ୫ ଗ୍ରାମ୍ ଚୂର୍ଣ୍ଣ କରି ଦିନକୁ ଦୁଇଥର ଦିଆଯାଇଥାଏ। ପେଟ ଜନିତ ରୋଗ ଦୂର ପାଇଁ ବ୍ରାହ୍ମୀ, ତ୍ରିଫଳା ଚୂର୍ଣ୍ଣ ଆଦି ସମମାତ୍ରାରେ ନେଇ ଅଳ୍ପ ଶୁଣ୍ଠି ଚୂର୍ଣ୍ଣ ମିଶାଇ ଦୁଇଥର ସେବନ କଲେ ରୋଗରୁ ଉପଶମ ମିଳେ।

**ବୃକ୍କ ସୁସ୍ଥତା ପାଇଁ ଉପଯୋଗୀଃ** ଏହି ପତ୍ର ରସକୁ ସେବନ କରିବା ଦ୍ୱାରା ଶରୀରରୁ ଅଦରକାରୀ ତତ୍ତ୍ୱ ମୂତ୍ର ଆକାରରେ ବାହାରିଯାଏ। ବିଶେଷ କରି ବୃକ୍କ ସୁସ୍ଥ ରୁହେ। ମୂତ୍ରଜନିତ ରୋଗ ଆଦୌ ହୁଏ ନାହିଁ।

**ରକ୍ତଶୁଦ୍ଧିଃ** ପ୍ରତିଦିନ ଚାରିପାଞ୍ଚଟି ପତ୍ରକୁ ଖାଲିପେଟରେ ଖାଇଲେ ରକ୍ତ ପରିଷ୍କାର ରହେ। ହଜମଶକ୍ତି ବୃଦ୍ଧି, ଆର୍ଥ୍ରାଇଟ୍ସରୁ ଆରାମ ମିଳେ। ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ଏହା ସବୁଠୁ ପ୍ରଭାବୀ। ଧ୍ୟାନ ଦେବେ, ବ୍ରାହ୍ମୀ ଅତ୍ୟଧିକ ସେବନ ଦ୍ୱାରା ତରଳଝାଡ଼ା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ତେଣୁ ସର୍ବଦା ଚିକିତ୍ସକଙ୍କ ପରାମର୍ଶରେ ସେବନ କରିବା ଜରୁରି।

### ଭାଦ୍ରବ ମାସ ଚାଲିଲାଣି, ହେଲେ ଚାଷ ଉପଯୋଗୀ ହୋଇନି ବର୍ଷା

# ୪୦୦ ଫୁଟ ପାହାଡ଼ ଚଢ଼ି ଚାଷୀଙ୍କ ଇନ୍ଦ୍ରପୂଜା



**ବଲାଙ୍ଗୀର,୨୧।୮ (ସଂଚାର ବ୍ୟୁରୋ):** ବର୍ଷା ପାଇଁ ୪ ଶହ ଫୁଟ ପାହାଡ଼ ଚଢ଼ି ଇନ୍ଦ୍ର ପୂଜା କଲେ ଚାଷୀ। । ସାମିଲ ହେଲେ ୧୫ ଖଣ୍ଡ ଗାଁ ଲୋକ । ଶ୍ରାବଣ ଯାଇ ଭାଦ୍ରବ ଆସିଲା ହେଲେ ଚାଷ ଉପଯୋଗୀ ବର୍ଷା ହୋଇନାହିଁ । ଏବେ ବି ମାଟି ଫାଟି ଆଁ କରିଛି । ଏପରି ସ୍ଥିତିରେ ଚାଷୀ ଶୋଭାଯାତ୍ରାରେ ବାହାରି ୪ ଶହ ଫୁଟ ପାହାଡ଼ ଚଢ଼ି ବର୍ଷା ପାଇଁ ହୋମଯଜ୍ଞ କରିଛନ୍ତି । ବଲାଙ୍ଗୀର ଜିଲ୍ଲାର ଦେଓଗାଁ ବ୍ଲକର ହାତୀସରା ଗାଁରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଏହି ଗାଁର ଇଷ୍ଟ ଦେବତା ହେଉଛନ୍ତି ଭାଲୁ ବୁଢ଼ା ।

ଗୁଡ଼ଭେଲା ବ୍ଲକର ଡଙ୍ଗା ପଥର ଠାରେ ରହିଛି ଭାଲୁ ଡଙ୍ଗର । ଏହି ଡଙ୍ଗରର ଉଚ୍ଚତା ୫ଶହ ଫୁଟରୁ ଅଧିକ। ଯାହା ଉପରେ ଚଢ଼ି ଦେହେରୀ ଘରୁ ପୂଜା ସାମଗ୍ରୀ ନେଇ ହୋମଯଜ୍ଞ କରିଛନ୍ତି ଗ୍ରାମବାସୀ । ଶହଶହ ମହିଳା ପୁରୁଷ ସାମିଲ ହୋଇ ବର୍ଷା ପାଇଁ ପୂଜା କରିଛନ୍ତି। ୩୦ ବର୍ଷ ପରେ ପୁଣି ଥରେ ବର୍ଷା ପାଇଁ ହୋଇଛି ଏମିତି ପୂଜାର୍ଚ୍ଚନା ।

# ଶ୍ମଶାନ ଘର ନିର୍ମାଣରେ ବ୍ୟାପକ ଅନିୟମିତତା

### ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ



**ବିଞ୍ଝାରପୁର, ୨୧।୮(ସଂଚାର ବ୍ୟୁରୋ):** ଶ୍ମଶାନ ବିଶ୍ରାମ ଘର ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ। ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ।ଏଭଳି ଅଭିଯୋଗ ଆସିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତରୁ।ଅଭିଯୋଗ ଅନୁଯାୟୀ ପଞ୍ଚାୟତ ଅଧିନସ୍ଥ ନଛିପୁର ମଲ୍ଲିଆ ଶ୍ମଶାନରେ ଚାଲିଥିବା ଶ୍ମଶାନ ବିଶ୍ରାମ ଘର ନିର୍ମାଣ କାର୍ଯ୍ୟରେ ଅନିୟମିତତା ଚାଲିଛି। ବିନା ସୂଚନା ଫଳକରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏତତ୍ ବ୍ୟତୀତ ପୂର୍ବରୁ ଥିବା ପୁରୁଣା ବିଶ୍ରାମ ଘର କୁ ଭଙ୍ଗା ଯାଉଥିଲେ ମଧ୍ୟ ପୁରୁଣା ପିଲାର୍ ଖୁଣ୍ଟି ରହି ଯାଇଛି।ଏହି ପୁରୁଣା ପିଲାର୍ ଖୁଣ୍ଟିକୁ ନଭାଙ୍ଗି କାନ୍ଥ ଯୋଡାଇ କରିବାର ମସୁଧା ଚାଲିଥିଲା ଅଭିଯୋଗ ହୋଇଛି। ପୁରୁଣା ପିଲାର୍ ଖୁଣ୍ଟି ରେ ଛାତ ପଡ଼ିଲେ ଏହାର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେବାର ଆଶଙ୍କା କରି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ।କେବଳ ସେତିକି ନୁହେଁ ନିର୍ମାଣ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ରହୁନଥିବା ଅଭିଯୋଗ ହୋଇଛି। ଏଥି ପ୍ରତି ଦୃଷ୍ଟି ଦେବା ସହିତ ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।ପୁରୁଣା ପିଲାର୍ ଖୁଣ୍ଟିରେ କାର୍ଯ୍ୟ ଚାଲିଥିବା ନେଇ ବିଭାଗୀୟ ଯନ୍ତ୍ରୀ ଅବଗତ ଅଛନ୍ତି ନା ଜାଣି ଶୁଣି ନୀରବ ତାକୁ ନେଇ ପ୍ରଶ୍ନ ଉଠିଛି।

## ରାସ୍ତାସାରା କାଦୁଅ ପଚପଚ, ଆବର୍ଜନାରେ ଭରା ଜୟପୁର ସହର ରାସ୍ତାଘାଟ

**ଜୟପୁର,୨୧।୮(ସଂଚାର ବ୍ୟୁରୋ):** ରାଜାରାଜୁଡ଼ା ଅମଳର ସହର ଜୟପୁର। ହଜିବାକୁ ବସିଲାଣି ପୂର୍ବର ଚିତ୍ର । ପରିଚୟ ଏବେ ଅଳିଆ ଆବର୍ଜନା ଓ କାଦୁଅ ପଚପଚ ରାସ୍ତା । ଦୁରବସ୍ଥାରୁ ବାଦ୍ ପଡୁନି ବିଦ୍ୟାଳୟ । ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା ହେଲେ ତାହା କେବଳ କାଗଜ କଲମରେ ସୀମିତ । ସ୍ୱଚ୍ଛତାର ଦ୍ୱାହି ଦେଇ ପୌରପାଳିକା କେବଳ ଜଳକା। ଦକ୍ଷିଣ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ସହର ଜୟପୁର। କୋରାପୁଟ ଜିଲ୍ଲାର ପ୍ରାଣକେନ୍ଦ୍ର ଏହି ସହର ୨ଟି ରାଜ୍ୟ ଆନ୍ଧ୍ର ଓ ଛତିଶଗଡ଼ ସହିତ ଯୋଡ଼ି ହୋଇ ରହିଛି । ରାଜା ବିକ୍ରମଦେବଙ୍କ ସମୟରେ ୧୯୫୩ ମସିହାରେ ଗଢ଼ି ଉଠିଥିଲା ଜୟପୁର ପୌରପାଳିକା । ହେଲେ ଆଜି ସବୁ କିଛି କିଂବଦନ୍ତିରେ। ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟ ଏକ ପ୍ରକାର ଦିଗହରା । ନା ଆଗର ପରିବେଶ ଅଛି ନା ପରିଷ୍କାର ପରିଚ୍ଛନ୍ନତା । ସବୁଆଡ଼େ ବିଛାଡ଼ି ହୋଇପଡ଼ିଛି ଅଳିଆ ଆବର୍ଜନା । କାଦୁଅ ପଚପଚ ରାସ୍ତା। ସେପଟେ ପରିମଳରେ ସ୍ୱଚ୍ଛତା ପାଇଁ ମାସକୁ ଖର୍ଚ୍ଚ ହେଉଛି ୭୫ ଲକ୍ଷ ଟଙ୍କା । ସହରର ପରିସୀମା ବଢ଼ାଇବାକୁ ଚିଠି ବି ଲେଖା ସରିଛି । କିନ୍ତୁ ବିଭିନ୍ନ ୱାର୍ଡର ଦୃଶ୍ୟ, ନାଳ ନର୍ଦ୍ଦମା ଦେଖିଲେ ସହରର ବିକଳ ଚିତ୍ର ବାରି ହୋଇପଡୁଛି । ପୌରପାଳିକାର କାର୍ଯ୍ୟାଳୟ ପରିସରରେ ଖତ ଖାଉଛି ଅଳିଆବୁହା ଗାଡ଼ି ।

## ଦୁଇ ଭାଇଙ୍କଠୁ ଲକ୍ଷାଧିକ ଟଙ୍କା ଓ ମୋବାଇଲ ଲୁଟ୍, ୪ ଅଭିଯୁକ୍ତ ଗିରଫ



**ବୈଶିଙ୍ଗା,୨୧।୮(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ରୁପସା ମୂଖ୍ୟ ରାସ୍ତାର ବଙ୍ଗାଳିଡାହି ଛକ ନିକଟରେ ଗତ ୭ ତାରିଖ ରାତିରେ ଦୁଇ ଭାଇଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ ହୋଇଯାଇଥିବା ସୂଚନା ମିଳିଥିଲା। ଘଟଣାରୁ ପ୍ରକାଶ ଯେ ଏହି ଥାନା ଅର୍ନ୍ତଗତ ବାଛୁରୀପଡା ଗ୍ରାମର ଦୁଇ ଭାଇ ପ୍ରଦୀପ ସାହୁ ଓ ଦିଲିପ ସାହୁ ବାଲେଶ୍ୱର ଜିଲ୍ଲାର ରୁପସା ବଜାର ଅଞ୍ଚଳରେ ଏକ ଗ୍ରୋସରୀ ଦୋକାନ କରିଥିଲେ। ସବୁଦିନ ସକାଳେ ଯାଆନ୍ତି ଓ ରାତିରେ ଦୋକାନ ବନ୍ଦ କରି ଘରକୁ ଫେରି ଥାଆନ୍ତି। ତେବେ ଗୁରୁବାର ରାତି ୧୦.୩୦ ମିନିଟ ସମୟରେ ଦୁଇ ଭାଇ ଏକ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବଙ୍ଗାଳିଡାହି ଛକଠାରୁ ଅଳ୍ପ ଦୂରରେ ପୂର୍ବରୁ ଛକି ରହିଥିବା ଦୁଇଟି ବାଇକରେ ଛଅ ଜଣ ଦୁର୍ବୃତ୍ତ ହଠାତ ତାଙ୍କୁ ଅଟକାଇ ଲୁହାରଡ୍ ରେ ଆକ୍ରମଣ କରିଥିଲେ। ତାଙ୍କ ପାଖରେ ଥିବା ୧ ଲକ୍ଷ ୧୦ ହଜାର ଟଙ୍କା, ମୋବାଇଲ ଓ ବାଇକ ଚାବି ଛଡ଼ାଇ ନେଇ ପଳାଇଯାଇଥିଲେ। ତେବେ ବହୁ କଷ୍ଟରେ ଚାଲିଚାଲି ବୈଶିଙ୍ଗା ଥାନାରେ ପହଞ୍ଚି ରାତି ଗୋଟାଏ ସମୟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ୩୯୮/୨୫ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା ଏବଂ ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ପାଇଥିଲା। ବୈଶିଙ୍ଗା ପୁଲିସ ଏହି ଘଟଣାକୁ ଗଭୀରତାର ସହ ବିଚାର କୁ ନେଇ ଫେରାର ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ଟିମ୍ ଗଠନ କରି ଛାନ୍ ଭିନ୍ ଚଳାଇଥିଲା।ଆଜି ଦୁଇ ଜଣଙ୍କୁ ଭଦ୍ରକରୁ ଏବଂ ଅନ୍ୟ ଦୁଇଜଣଙ୍କୁ ନିଜ ଗ୍ରାମ ରୁ ଧରା ଯାଇଥିବା ପୁଲିସ୍ ସୂତ୍ରରୁ ପ୍ରକାଶ।

## କୋର୍ଟ ନିୟମ ଓ ସୂଚନା ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସୁବିଧା ସଚେତନତା



**ସୁବର୍ଣ୍ଣପୁର,୨୧।୮(ସଂଚାର ବ୍ୟୁରୋ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସୁବର୍ଣ୍ଣପୁର ଠାରେ "କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ଇଂରାଜୀରୁ ଆଞ୍ଚଳିକ ଭାଷାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ" "କୋର୍ଟ ନିୟମ ଏବଂ ସୂଚନା ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସୁବିଧା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଭିଡିଓ କନଫରେନ୍ସିଂର ଲାଭ, ଯେଉଁଥିରେ ସିଭିଲ୍ ପ୍ରକ୍ରିୟା ଆଇନ ଏବଂ ସିଭିଲ୍ ପ୍ରକ୍ରିୟା ମଧ୍ୟସ୍ଥତା ନିୟମ ଅନ୍ତର୍ଭୁକ୍ତ" ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିର ରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଦିଲୀପ କୁମାର ବିଶ୍ୱାଳ, ପରିବାର ଅଦାଲତ ଜଜ ପ୍ରଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେବନି ଜଜ ଗଗନ ସାହୁ, ମହିଳା କୋର୍ଟ ବିଚାରପତି ବବିତା ପାତ୍ର, ରେଜିଷ୍ଟ୍ରାର ପ୍ରଜ୍ଞା ପରମିତା ପ୍ରତିହାରୀ, ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଦେଶନା ପଟ୍ଟନାୟକ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମିସ ପ୍ରଣତି ରଥ ପ୍ରମୁଖ ଯୋଗ ଦେଇଥିଲେ ଓ ପ୍ରାରମ୍ଭରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଶ୍ରୀ ଦେବାଶିଷ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

## ଦନ୍ତା ଆକ୍ରମଣରେ ଯୁବକ ଗୁରୁତର

**ଚିକିତ୍ସା ସହ ସରକାରୀ ସହାୟତା ଯୋଗେଇ ଦେବାକୁ ଦାବୀ**



**ମ, ରାମପୁର:୨୧।୮(ସଂଚାର ବ୍ୟୁରୋ):** କଳାହାଣ୍ଡିଆ ଜିଲ୍ଲା ମ.ରାମପୁର ରେଞ୍ଜ ଅଞ୍ଚଳରେ ହାତୀ ଆକ୍ରମଣ ନେଇ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।ପ୍ରାପ୍ତ ସୂଚନା ଅନୁସାରେ ମଦନପୁର ରାମପୁର ତଳ ସାଗର ପଡ଼ା ର ଯୁବକ ଭକ୍ତ ବାଗ (୨୯) ଗତ କାଲି ବିଳମ୍ବିତ ରାତି ପ୍ରାୟ ସାଢ଼େ ବାରଟା ସମୟରେ ନିଜ ଘରୁ ପଡ଼ା ପଟକୁ ଆସୁଥିବା ବେଳେ କାଳୀ ମନ୍ଦିର ନିକଟ ରେ ଏକ ହାତୀ ସହ ମୁହାଁମୁହି ହୋଇଥିଲେ ଫଳରେ ଦୁଃର୍ଭାଗ୍ୟ ବଶତଃ ଯୁବକଙ୍କୁ ହାତୀ ଶୁଣ୍ଢ ରେ ଗୁଡ଼ାଇ ଅନ୍ୟତ୍ର ଫିଙ୍ଗି ଦେଇଥିଲା, ଏହାପରେ ହାତୀ ଟି ସେଠାରୁ ଚାଲିଯିବା ପରେ ଯୁବକ ଜଣଙ୍କ ଉକ୍ତ ପଡ଼ାରେ ଜଣେ ଲୋକଙ୍କ ଘରକୁ ଯାଇ ଜିବନ ବଞ୍ଚାଇବା ପାଇଁ ସହାୟତା ଲୋଡ଼ିଥିଲେ। ଏହାଦେଖି ଆହତ ଯୁବକଙ୍କୁ ପ୍ରଥମେ ମ, ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପରେ ବଲାଙ୍ଗୀର କୁ ସ୍ଥାନାନ୍ତର କରାଯାଇଥିଲା। ଯୁବକଙ୍କ ବାମ ହାତରେ ଗଭୀର ଆହତ ହୋଇଥିବା ଜଣାପଡ଼ିଛି। ସକାଳୁ ବନ ବିଭାଗ ଘଟଣା ସମ୍ପର୍କ ରେ ସୂଚନା ପାଇ ସେହି ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।ଏନେଇ ଏସିଏଫ୍ ଅସିତ୍ କୁମାର ଦାଶ ଙ୍କୁ ଏ ସଂପର୍କରେ ପଚାରିବାରୁ, ବିଭାଗ ତରଫରୁ ଆହତ ଯୁବକ ଙ୍କୁ ଅନୁକମ୍ପା ମୂଳକ ସହାୟତା ପାଇଁ ସହଯୋଗ କରାଯିବ ସହିତ ହାତୀ ଉପରେ ନଜର ରଖା ଯାଇଛି ବୋଲି କହିଥିଲେ। ତେବେ ଜନବସତି ଅଞ୍ଚଳରେ ହାତୀ ଙ୍କ ପ୍ରାଦୁର୍ଭାବ ଦେଖି ଲୋକେ ଭୟଭୀତ ଥିବା ଜଣା ଯାଇଛି।

## ୟୁରିଆ ସାର ପାଇଁ ୬୩ନଂ ଜାତୀୟ ରାଜପଥ ଅବରୋଧ

### ନିଅଣ୍ଟିଆ ସାର; ଚିନ୍ତାରେ ଚାଷୀ



**ବୋରିଗୁମ୍ମା,୨୧।୮(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଲ୍ୟାମ୍ପସ କାର୍ଯ୍ୟାଳୟରେ ଆଜି ୟୁରିଆ ସାର ପାଇଁ ବୋରିଗୁମ୍ମା ବ୍ଲକର ୧୬ଟି ପଞ୍ଚାୟତର ହଜାର ହଜାର ଚାଷୀ ରାୟପୁର - ବିଶାଖାପାଟଣା ୬୩ ନଂ ଜାତୀୟ ରାଜପଥ ଅବରୋଧ କରିଥିବା ଦେଖିବାକୁ ମିଳିଛି।ଅଭାବୀ ସାର ପାଇଁ ଦାବିକରି ଆଜି ବହୁ ସଂଖ୍ୟାରେ ଚାଷୀ ୬୩ ନଂ ଜାତୀୟ ରାଜପଥ ରାସ୍ତା ଅବରୋଧ ସହିତ ଲ୍ୟାମ୍ପ ସାମନାରେ ଏକତ୍ରିତ ହୋଇ ଆନ୍ଦୋଳନ କରିଥିଲେ।, ଚାଷୀମାନଙ୍କ କହିବା କଥା ଜୁଲାଇ ମାସରେ ଧାନ ଚାଷ ପାଇଁ ସାର ପ୍ରୟୋଗର ପ୍ରକୃଷ୍ଟ ସମୟ ଏବଂ ଏହି ସମୟରେ କ୍ଷେତରେ ରକ୍ଷଣାବେକ୍ଷଣା କାର୍ଯ୍ୟ ସହ ସାର ପ୍ରୟୋଗ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅଗଷ୍ଟ ମାସ ହେଲାଣି ଅଭାବୀ ସାର ଚାଷୀ ମାନଙ୍କ ଆଶାକୁ ନିରାଶ କରିଛି। ସାରର ଅଭାବୀ ବିକ୍ରି ହୋଇଥିବାରୁ କୃଷିକାର୍ଯ୍ୟ ଆଗକୁ ବଢ଼ି ପାରୁନାହିଁ, ତଳି ପାଚି ନଷ୍ଟ ହେବାକୁ ବସିଲାଣି। ଆଜି ଲ୍ୟାମ୍ପସ କାର୍ଯ୍ୟାଳୟ ରେ ସର୍ବମୋଟ ୧୦୦୦ ବସ୍ତା ୟୁରିଆ ଥିବା ବେଳେ ୧୬ ପଞ୍ଚାୟତରୁ ପ୍ରାୟ ୨,୦୦୦ ରୁ ଊର୍ଦ୍ଧ୍ୱ ଚାଷୀ ଥିବା ଯୋଗୁଁ ସାର ବାଣ୍ଟିବା ଅସମ୍ଭବ ହୋଇପଡ଼ିଛିନ୍ତୁ ତେଣୁକରି ବୋରିଗୁମ୍ମା ଅଞ୍ଚଳ ର ୧୬ ଗୋଟି ପଞ୍ଚାୟତ ମାନଙ୍କରେ ପଞ୍ଚାୟତ ହିସାବରେ ସମାନ ଭାବେ ବଣ୍ଟାଯାଉ ବୋଲି ଲ୍ୟାମ୍ପ ଏମ.ଡି ପ୍ରସନ୍ନ ମିଶ୍ର ଗଣମାଧ୍ୟମ ସମ୍ମୁଖରେ ପ୍ରକାଶରେ କରିଥିଲେ, ଏବଂ ସମସ୍ତ ଚାଷୀଙ୍କ ଆଧାରକୁ ଫେରସ୍ତ କରିଥିଲେ, ପରେ ଆନ୍ଦୋଳନ ସ୍ଥଳରେ ବୋରିଗୁମ୍ମା ବିଡ଼ିଓ ସୁକାନ୍ତ କୁମାର ପଟନାୟକ, ଅତିରିକ୍ତ ତହସିଲଦାର ସତୀଶ କୁମାର ବଇନି, ଙ୍କସହିତ ବୋରିଗୁମ୍ମା ପୋଲିସ ଉପସ୍ଥିତ ରହି ସମାଧାନ ପାଇଁ ଚେଷ୍ଟା କରିବା ସହିତ ଚାଷୀମାନଙ୍କୁ ରାସ୍ତା ଅବରୋଧ ନ କରିବା ପାଇଁ ବୁଝାଇଥିଲେ।

## ମରାମତି ଅଭାବରୁ ରାସ୍ତା ଅବସ୍ଥା ଶୋଚନୀୟ



**ଯାଜପୁର ରୋଡ୍,୨୧।୮(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଧନେଶ୍ୱର ପଞ୍ଚାୟତ ପାଟୁଳି-ତେନ୍ତୁଲିଖୁଣ୍ଟା ରାସ୍ତା ଦୀର୍ଘଦିନ ଧରି ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଜାତୀୟ ରାଜପଥ ୨୦ ନମ୍ବର ଠାରୁ ପାଟୁଳିଛକ ଭେସ୍ପା ସୋରୁମ ନିକଟରୁ ଏହି ରାସ୍ତା ବାହାରି ସାନ ପାଟୁଳିଦେଇ ତେନ୍ତୁଲିଖୁଣ୍ଟା ଗାଁକୁ ଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ଦୀର୍ଘ ୪କିମି ବ୍ୟାପି ରାସ୍ତାରେ ବଡ଼ ପାଟୁଳି, ବେଣାପୁର, କଅଣ୍ଟାଝରି, ଅଧଗାଁ, ବଳଦିଆ ତଥା ତେନ୍ତୁଲିଖୁଣ୍ଟା ପ୍ରଭୃତି ଗ୍ରାମର ଲୋକମାନେ ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ଯାଜପୁର ରୋଡ ତଥା ଅନ୍ୟତମ ପାଣିକୋଇଲି ବଜାରକୁ ଯାଇଥାନ୍ତି।ଏଥିସହିତ ବିଭିନ୍ନ ସରକାରୀ ତଥା ବେସରକାରୀ ସ୍କୁଲ କଲେଜକୁ ମଧ୍ୟ ଛାତ୍ରଛାତ୍ରୀ ଏହି ରାସ୍ତାରେ ଯାଇଥାନ୍ତି। କିନ୍ତୁ ଏରାସ୍ତା ଗାଡି ମଟର ଯିବାତ ଦୂରର କଥା ମଟର ସାଇକେଲ'କି ସାଇକେଲ ଟିଏ ଯିବା ଏବେ କଷ୍ଟକର ହୋଇ ପଡ଼ିଛି।ଏଥିସହିତ ଜରୁରୀ କାଳୀନ ସେବାରେ ନିୟୋଜିତ ଗାଡି ବହୁ କଷ୍ଟରେ ଯାଇଥାଏ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗଣେଶ ପୂଜା ପାଇଁ ଉତ୍ସବମୁଖର ଉପକଣ୍ଠ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର




**ବାଲିପାଟଣା,୨୧।୮(ସଂଚାର ବ୍ୟୁରୋ):** ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କର ପୂଜା ଯେତିକି ପାଖେଇ ଆସୁଛି, ପୂଜା ମଣ୍ଡପ ଗୁଡ଼ିକ ସେତିକି ଆକର୍ଷଣୀୟ ହୋଇ ଉଠୁଛି। ମୂର୍ତ୍ତି କାରିଗରମାନେ ବିଭିନ୍ନ ଆକୃତିର ପ୍ରଭୁ ଗଣେଶଙ୍କର ପ୍ରତିମା ନିର୍ମାଣ କରିବା ସହ ଶେଷ ସ୍ପର୍ଶ ଦେବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତିସାରିଛନ୍ତି। ଏହି ଅବସରରେ ବିଭିନ୍ନ ମୂର୍ତ୍ତିକାର ଗ୍ରୁପ ପକ୍ଷରୁ ପ୍ରଭୁ ଗଜାନନଙ୍କ ପ୍ରତିମା ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ସେହିପରି ରାଜଧାନୀ ଉପକଣ୍ଠ ବାଲିପାଟଣା ଅଞ୍ଚଳର ବାଲିପାଟଣା, ବନମାଳିପୁର, ନରୋଦା, ଗୋପାଗରଡା ଅଞ୍ଚଳ ସମେତ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ୍‌ଗୁଡିକରେ ମହାପ୍ରଭୁ ଗଣେଶଙ୍କ ପୂଜା ପାଇଁ କ୍ଲବ୍‌ର ସଦସ୍ୟ ଓ ଛାତ୍ରଛାତ୍ରୀମାନେ ପ୍ରସ୍ତୁତି ଶେଷ କଲେଣି।ସେହିପରି ପୂଜା ମଣ୍ଡପ ଗୁଡିକୁ ବିଭିନ୍ନ ଆଲୋକମାଳାରେ ସୁସଜିତ କରିବାପାଇଁ ମଣ୍ଡପ ଗୁଡିକର କାର୍ଯ୍ୟ ଆରମ୍ଭ ହୋଇଗଲାଣି ପ୍ରଭୁ ଗଜାନନଙ୍କ ପୂଜା ଶେଷ ପରେ ଭସାଣୀ ଉତ୍ସବ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଗଣେଶ ମୂର୍ତ୍ତିର ମୂଲ୍ୟ ୩ହଜାର ରୁ ଆରମ୍ଭ ହୋଇ ୨୦ହଜାର ପର୍ଯ୍ୟନ୍ତ ଧାର୍ଯ୍ୟ ହେଇଚି ବୋଲି କାରିଗର ମାନେ କହିଛନ୍ତି। ଭସାଣୀ ଉତ୍ସବରେ ନାମିଦାମୀ ଅନୁଷ୍ଠାନ ମାନଙ୍କର ନୃତ୍ୟ ମୁଖ୍ୟ ଆକର୍ଷଣ ହେବ ବୋଲି କୁହାଯାଉଛି।

### ଏନ୍‌ଏସି ମାନ୍ୟତାରୁ ବୋରିଗୁମ୍ମା ବାଦ୍ ନିଷ୍ପତ୍ତିର ପ୍ରତିବାଦ

# ୨୨ରେ ନାଗରିକ ମଞ୍ଚର ବନ୍ଦ ଡାକରା



**ବୋରିଗୁମ୍ମା, ୨୧।୮ (ସଂଚାର ବ୍ୟୁର):** ବୋରିଗୁମ୍ମା ଅଞ୍ଚଳ କୋରାପୁଟ ଜିଲ୍ଲାର ବହୁ ପୁରାତନ ଐତିହାସିକ ସହର। ଏହି ସହରକୁ ତୁରନ୍ତ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ଦୀର୍ଘ ବର୍ଷ ଧରି ବିଭିନ୍ନ ସଂଗଠନ ପକ୍ଷରୁ ଦାବି ଉପସ୍ଥାପନ କରାଯାଉଥିବାବେଳେ ଏଥର ମଧ୍ୟ ବୋରିଗୁମ୍ମା ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇ ନାହିଁ। ସମସ୍ତ ଭିତିଭୂମି ଥାଇ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ବୋରିଗୁମ୍ମା ପ୍ରତି ବୈମାତୃକ ମନୋଭାବ ଯୋଗୁଁ ସରକାର ଅଦ୍ୟାବଧୂ ବୋରିଗୁମ୍ମା ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିନାହାଁନ୍ତି। ଏହା ନେଇ ବୋରିଗୁମ୍ମା ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆସନ୍ତା ଶୁକ୍ରବାର ବୋରିଗୁମ୍ମା ନାଗରିକ ମଞ୍ଚ ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବୋରିଗୁମ୍ମା ବନ୍ଦ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ବୋରିଗୁମ୍ମା ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୋରିଗୁମ୍ମା ସହର କୋରାପୁଟ ଜିଲ୍ଲାର ବହୁ ପୁରାତନ ସହର ହୋଇଥିବାବେଳେ ଏନ୍‌ଏସି ମାନ୍ୟତା ପାଇବା ପାଇଁ ସମସ୍ତ ଭିତିଭୂମି ରହିଥିବାବେଳେ ଅଦ୍ୟାବଧୂ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ବୋରିଗୁମ୍ମା ପ୍ରତି ବୈମାତୃକ ମନୋଭାବ ଯୋଗୁଁ ବୋରିଗୁମ୍ମା ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇ ନାହିଁ ବୋଲି ବିଧାୟକ ତାରାପ୍ରସାଦ ବାହିନୀପତି ଅଭିଯୋଗ କରିବା ସହ ସରକାରଙ୍କ ଏଭଳି କାର୍ଯ୍ୟକୁ ତୀବ୍ର ନିନ୍ଦା କରିଛନ୍ତି। ଯେପର୍ଯ୍ୟନ୍ତ ବୋରିଗୁମ୍ମାକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ଏହି ଲଢ଼େଇ ଚାଲୁ ରହିବ ବୋଲି ସେ ପ୍ରକାଶ କରିବା ସହ ଆସନ୍ତା ୨୨ ତାରିଖ ଦିନ ବୋରିଗୁମ୍ମା ବନ୍ଦ ଡକରାକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

### କାମକଲେ ୱାର୍ଡ ମେମ୍ବର, ବିଲ କରି ଖାଇଗଲେ ସରପଞ୍ଚ

## ପାରିଶ୍ରମିକ ନପାଇଲେ ଆତ୍ମହତ୍ୟା କରିବାକୁ ୱାର୍ଡ ମେମ୍ବରଙ୍କ ଚେତାବନୀ



**କନ୍ଧମାଳ,୨୧।୮(ସଂଚାର ବ୍ୟୁରୋ):** ଧାର କରଜ କରି ସବୁତକ ଟଙ୍କା କାର୍ଯ୍ୟରେ ଲଗେଇବା ସହିତ ନିଜେ ବର୍ଷସାରା ପରିଶ୍ରମ କରି ଗାଁ ପୋଖରୀର ପୁନଃରୁଦ୍ଧାର କାମ କରିଥିଲେ ୱାର୍ଡ ମେମ୍ବର।ଏ ବାବଦକୁ ଖର୍ଚ୍ଚ କରିଥିଲେ ଲକ୍ଷାଧିକ ଟଙ୍କା। ହେଲେ କାମ ସରିଲା ପରେ ଚଞ୍ଚକତା କରି ପୋଖରୀ କାମର ସବୁତକ ବିଲ କରି ଖାଇଗଲେ ସରପଞ୍ଚ ଓ ସେପଟେ ପରିଶ୍ରମ କରି ପାରିଶ୍ରମିକ ନପାଇ ଏବେ ଜମିବାଡ଼ି ସବୁ ବନ୍ଧାକରି ସର୍ବ ସ୍ୱାନ୍ତ ହୋଇ ଯାଇଥିବା ୱାର୍ଡ ମେମ୍ବର ଜଣକ ପାରିଶ୍ରମିକ ନପାଇଲେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି ଓ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକ ଅଧୀନରେ ଥିବା କୁଡୁତୁଲି ଗାଁରେ ଓ ସୂଚନା ଅନୁସାରେ ଗ୍ରାମବାସୀଙ୍କ ସୁବିଧା ପାଇଁ ଗାଁରେ ଥିବା ପୁରାତନ ପୋଖରୀର ପୁନଃରଉଦ୍ଧାର ନିମନ୍ତେ ବ୍ଲକ ପ୍ରଶାସନ ୨୦୨୪/୨୫ ଆର୍ଥିକ ବର୍ଷ ରେ ମନରେଗା ଯୋଜନା ଓ ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ପ୍ରାୟ ୧୯ ଲକ୍ଷ୍ୟ ଟଙ୍କା ବ୍ୟୟବରାଦ କରିଥିଲେ ଓ କାମଟିକୁ କରିବା ପାଇଁ କୁଟୁତୁଳି ପଞ୍ଚାୟତର ସରପଞ୍ଚଙ୍କୁ ଦାୟିତ୍ୱ ଦିଆଯାଇଥିଲା ଓ ପରେ ଏହି କାମଟିକୁ କରିବା ପାଇଁ ସରପଞ୍ଚ ମହାସୟ ସେହି ଗାଁର ବିନ୍ଦୁ ଦିଗାଲ ନାମକ ଜଣେ ୱାର୍ଡ ସଭ୍ୟଙ୍କୁ ଦାୟିତ୍ୱ ଦେଇଥିଲେ ଓ କାମ ମିଳିବା ପରେ କାମ କରି ଦୁଇ ପଇସା ରୋଜଗାର ଆଶାରେ ୱାର୍ଡ ସଭ୍ୟ ଜଣକ ବହୁତ ଖୁସି ଅନୁଭବ କରିବା ସହ ଧାର କରଜ କରି ପୋଖରୀ କାମଟିକୁ ସମ୍ପୂର୍ଣ୍ଣ କରିଥିଲେ ଓ କିନ୍ତୁ ଦୁଃଖର ବିଷୟ କାମ ସାରିବାର ପ୍ରାୟ ବର୍ଷେ ପୂରି ଯାଇଥିବା ବେଳେ ୱାର୍ଡ ମେମ୍ବର ଜଣକ କାମ କରିଥିବା ପାରିଶ୍ରମିକ ପାଇପାରିଲେ ନାହିଁ ଓ ପାରିଶ୍ରମିକ ନପାଇବାରୁ ୱାର୍ଡ ମେମ୍ବର ଜଣକ ବ୍ଲକକୁ ଯାଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ଙ୍କୁ ପଚାରିବାରୁ ଏହି ପୋଖରୀ କାମରେ ସବୁତକ ବିଲ ହୋଇ ସାରିଥିବା ଜାଣିବାକୁ ପାଇଥିଲେ ଓ ଏହା ଶୁଣିବା ପରେ ୱାର୍ଡ ମେମ୍ବର ଙ୍କ ପାଦ ତଳୁ ମାଟି ଖସିଯାଇଥିଲା ଓ ପରେ ଦଦନ୍ତ କଲାପରେ ସବୁତକ ଟଙ୍କା ଚଞ୍ଚକତା କରି ସରପଞ୍ଚ ହଡ଼ପ କରିଥିବା ଜଣାପଡ଼ିଥିଲା

## ବ୍ଲକଛକ ଦୁର୍ଗାପୂଜା କମିଟିର ପ୍ରଥମ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର,୨୧।୮(ସଂଚାର ବ୍ୟୁରୋ):** ସୋନପୁର ସହରର ବ୍ଲକଛକ ଦୁର୍ଗାପୂଜା କମିଟି ର ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପ ରେ ସଭାପତି ଅରବିନ୍ଦ ବାରିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ନିଶାନ୍ତ କୁମାର ମହାନ୍ତି ପ୍ରଥମେ ବିଗତ ବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ ଯାହାକି ସର୍ବ ସମ୍ମତି କ୍ରମେ ଅନୁମୋଦନ ଲାଭ କରିଥିଲା। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ ରୂପରେ ଗଢିତୋଳିବା ପାଇଁ ବିଭିନ୍ନ ସଦସ୍ୟ ମାନେ ବିଭିନ୍ନ ମତ ରଖିଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ଶ୍ରେଣୀଗୃହ



**ବାଲିପାଟଣା,୨୧।୮(ସଂଚାର ବ୍ୟୁରୋ):** ବିପଦ ସାଜିଛି ଅର୍ଦ୍ଧ ନିର୍ମିତ ଘର। ବାଲିପାଟଣା ଶିକ୍ଷା ମଣ୍ଡଳ ଓଡ଼ଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅର୍ଦ୍ଧ ନିର୍ମିତ ଶ୍ରେଣୀ ଗୃହ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ବିପଦ ସାଜିଛି।ଗୃହ ଟିକୁ ସଂପୃକ୍ତ ଠିକାଦାର ଅଧପାନ୍ତରିଆ କରି ଛାଡି ଦେଇଛନ୍ତି।ବିଧାୟକ ପାଣ୍ଠିରୁ ୨୦୨୩ - ୨୪ ଆର୍ଥିକ ବର୍ଷରେ ୭ ଲକ୍ଷ ଟଙ୍କା ଏବଂ ୨୦୨୪ -୨୫ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସଂପୃକ୍ତ ଠିକାଦାର କାର୍ଯ୍ୟଟି କୁ ଆରମ୍ଭ କରି ଛାତ ପର୍ଯ୍ୟନ୍ତ ନିର୍ମାଣ କରିଛନ୍ତି। ମାତ୍ର ଛାତ ନ ପକାଇ ଛାଡି ଦେଇଛନ୍ତି। ଯାହା ଫଳରେ ଉକ୍ତ ଅଧପାନ୍ତରିଆ ଗୃହ ରେ ଗଛଲତା ଚଢି ଚାଲାଣି ଏବଂ ସରୀସୃପ ବସା ବାନ୍ଧିଲେଣି। ଛାତ୍ରଛାତ୍ରୀ ସେହି ବାଟ ଦେଇ ଯିବା ଆସିବାରେ ଭୟଭୀତ ହେଉଛନ୍ତି। ଏ ନେଇ ବ୍ଲକ୍ ପ୍ରଶାସନ କୁ ବାରମ୍ବାର ଲିଖିତ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁପାରୁ ନାହିଁ। ଯଥାଶିଘ୍ର ଉକ୍ତ ଶ୍ରେଣୀ ଗୃହକୁ ସମ୍ପୂର୍ଣ୍ଣ କରିବାକୁ ଛାତ୍ରଛାତ୍ରୀ ମାନେ ଦାବୀ କରିଛନ୍ତି।